NITIDIN
ନିତିଦିନ
RNI REG. NO. ODIODI/2015/62237 • POSTAL REGD. NO.BN/258/18-20 8+16 PAGES • ₹ 6/-
www.nitidin.com
twitter.com/nitidintoday
facebook.com/nitidintoday
୧୬ ପୃଷ୍ଠାର ରବିବାର ମ୍ୟାଗାଜିନ୍ 'ନଜର୍' ସହ
SUNDAY 31 MAY 2026
ରବିବାର ୩୧ ମେ ୨୦୨୬
NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 372 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ • ସଂଖ୍ୟା ୩୭୨ ଭୁବନେଶ୍ୱର I ବ୍ରହ୍ମପୁର I ସମ୍ବଲପୁର I ବାଲେଶ୍ୱର I ଯାଜପୁର

ସୁପର ସନ୍‌ଡେ'ରେ ହେବ ସୁପର୍ ଫାଇଟ୍

## ଆଜି ଆଇପିଏଲ୍ ଫାଇନାଲ୍



ରବିବାର ଆଇପିଏଲ୍ -୨୦୨୬ର ଫାଇନାଲ୍ ମୁକାବିଲା ଅନୁଷ୍ଠିତ ହେବ। ଗୁଜରାଟ ଏବଂ ବେଙ୍ଗାଲୁରୁ ମଧ୍ୟରେ ଖେଳାଯିବ ଏହି ହାଇଭୋଲଟେଜ୍ ମୁକାବିଲା। ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ସୁପର୍ ସନ୍‌ଡେ'ରେ ସୁପର୍ ଫାଇଟ୍ ଅନୁଷ୍ଠିତ ହେବ।

▶ ରିପୋର୍ଟ- ପୃଷ୍ଠା ୮

ପର୍‌ଫର୍ମାନ୍ସ ମୋଡ୍‌ରେ ସରକାର: ୨ରୁ ମନ୍ତ୍ରୀଙ୍କ ରିପୋର୍ଟ କାର୍ଡ ସମୀକ୍ଷା

# ଦୁଇ ବର୍ଷର କାମ, ଏବେ ହେବ ହିସାବ

**ଭୁବନେଶ୍ୱର,୩୦।୫/ଏନ୍‌ଏନ୍‌ଏସ୍:**

ଦୁଇ ବର୍ଷର କାମ, ଏବେ ହେବ ହିସାବ। ମନ୍ତ୍ରୀ ଦେବେ ନିଜ ନିଜ ବିଭାଗର ରିପୋର୍ଟ କାର୍ଡ। ଆସନ୍ତା ୧୨ ତାରିଖରେ ମୋହନ ସରକାରକୁ ଦୁଇ ବର୍ଷ ପୂରିବାକୁ ଯାଉଛି। ତାପୂର୍ବରୁ ପରଫର୍ମାନ୍ସ ମୋଡରେ ରାଜ୍ୟ ସରକାର। ଆସନ୍ତା ୨ରୁ ୯ ତାରିଖ ଭିତରେ ପ୍ରତି ବିଭାଗର କାର୍ଯ୍ୟଦକ୍ଷତାର ସମୀକ୍ଷା କରିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସେଥିପାଇଁ ମନ୍ତ୍ରୀମାନଙ୍କୁ ରିପୋର୍ଟ କାର୍ଡ ମଗାଯାଇଛି। ତେବେ ଏହି ରିପୋର୍ଟ କାର୍ଡ ଆଧାରରେ ହିଁ ବହୁ ପ୍ରତୀକ୍ଷିତ ମନ୍ତ୍ରିମଣ୍ଡଳର ଅଦଳ ବଦଳ ଓ ସଂପ୍ରସାରଣ



ହୋଇପାରେ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ରାଜ୍ୟର ବିଜେପି ସରକାରଙ୍କ ଦୁଇ ବର୍ଷ

**ମନ୍ତ୍ରୀଙ୍କ କାର୍ଯ୍ୟଦକ୍ଷତା ଓ ପ୍ରଦର୍ଶନ ପରଖିବେ ମୁଖ୍ୟମନ୍ତ୍ରୀ**

**ପ୍ରଥମ ଦିନରେ କେଭି ସିଂହଦେଓଙ୍କ ବିଭାଗର ପାଳି**

**୯ ତାରିଖ ମଧ୍ୟରେ ସରିବ ରିପୋର୍ଟ କାର୍ଡ ସମୀକ୍ଷା**


ପୂର୍ତ୍ତି ଅବସରରେ ସବୁ ବିଭାଗର ମନ୍ତ୍ରୀମାନଙ୍କୁ ନିର୍ଦ୍ଧାରିତ ଫର୍ମାଟରେ ରିପୋର୍ଟ କାର୍ଡ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ୧୬ପୃଷ୍ଠାର ଫର୍ମାଟରେ ମନ୍ତ୍ରୀମାନେ ବିଗତ ୨ବର୍ଷର ବିସ୍ତୃତ ତଥ୍ୟ ସହ ମୁଖ୍ୟମନ୍ତ୍ରୀଙ୍କ ପାଖରେ ନିଜ କାର୍ଯ୍ୟ ଓ ବିଭାଗର କାର୍ଯ୍ୟର ବିବରଣୀ ରଖିବେ। ଆଉ ଯାହାକୁ ଆଧାର କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ମନ୍ତ୍ରୀମାନଙ୍କର କାର୍ଯ୍ୟଦକ୍ଷତା ଓ ପ୍ରଦର୍ଶନ ପରଖିବେ। ଆସନ୍ତା ଜୁନ୍ ୨ ତାରିଖରୁ ମନ୍ତ୍ରୀମାନଙ୍କ ରିପୋର୍ଟ କାର୍ଡ ସମୀକ୍ଷା ପ୍ରକ୍ରିୟା ଆରମ୍ଭ ହେବ ଓ ପ୍ରଥମଦିନରେ ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓଙ୍କ ବିଭାଗର କାର୍ଯ୍ୟକାରିତା ଓ କାର୍ଯ୍ୟଦକ୍ଷତାର ସମୀକ୍ଷା କରିବେ ମୁଖ୍ୟମନ୍ତ୍ରୀ। ଜୁନ୍ ୯ତାରିଖ ମଧ୍ୟରେ ସମସ୍ତ ମନ୍ତ୍ରୀମାନଙ୍କ ରିପୋର୍ଟ କାର୍ଡର ସମୀକ୍ଷା କାର୍ଯ୍ୟ ଶେଷ ହେବ।

▶▶ ୫

ଦୁର୍ନୀତି ବିରୁଦ୍ଧରେ ମୁଖ୍ୟମନ୍ତ୍ରୀଙ୍କ ଶୂନ୍ୟସହନଶୀଳତା

## ବିଦା ହେଲେ ପୂର୍ବତନ ଅତିରିକ୍ତ ତହସିଲଦାର

**ଭୁବନେଶ୍ୱର,୩୦।୫/ଏନ୍‌ଏନ୍‌ଏସ୍:**



ଦୁର୍ନୀତି ବିରୁଦ୍ଧରେ କଡ଼ା ଆଭିମୁଖ୍ୟ ଜାରି ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱରର ପୂର୍ବତନ ଅତିରିକ୍ତ ତହସିଲଦାର ଚିତ୍ତରଞ୍ଜନ ପିଲ୍ଲାଙ୍କୁ ଚାକିରିରୁ ବରଖାସ୍ତ କରିଛନ୍ତି। ଶ୍ରୀ ପିଲ୍ଲା ପୂର୍ବରୁ ଭୁବନେଶ୍ୱରରେ ଅତିରିକ୍ତ ତହସିଲଦାର ଭାବେ କାର୍ଯ୍ୟ କରୁଥିଲେ ଏବଂ ପରେ ଜଗତସିଂହପୁରରେ ଡେପୁଟି କଲେକ୍ଟର ଭାବେ କାର୍ଯ୍ୟରେ ଯୋଗଦେଇଥିଲେ। ଭୁବନେଶ୍ୱରରେ ଅତିରିକ୍ତ ତହସିଲଦାର ଥିବାବେଳେ ତାଙ୍କର ଅନେକ ନିଷ୍ପତ୍ତିରେ ଅନିୟମିତତାର ତଥ୍ୟ ଆସିଥିଲା। ଶ୍ରୀ ପିଲ୍ଲାଙ୍କର ଜମିଜମା ସମ୍ପର୍କିତ ଅନେକ ନିଷ୍ପତ୍ତି ସମ୍ବନ୍ଧରେ ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ଦ୍ୱାରା ତଦନ୍ତ କରାଯାଇଛି ଏବଂ ଏହି ତଦନ୍ତରୁ ବିଭିନ୍ନ ଅନିୟମିତତା ସ୍ପଷ୍ଟ ଭାବେ ପ୍ରକାଶ ପାଇଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସମ୍ପୃକ୍ତ ଅଧିକାରୀ ଶ୍ରୀ ଚିତ୍ତରଞ୍ଜନ ପିଲ୍ଲାଙ୍କୁ ସରକାରୀ ସେବାରୁ ବରଖାସ୍ତ କରିଛନ୍ତି। ସୂଚନାଯୋଗ୍ୟ ଯେ, ଦୁର୍ନୀତି

▶▶ ୫

## ଶୀତଳ ଷଷ୍ଠୀ ପାଇଁ ୧.୮କୋଟି ଅନୁଦାନ

**ଭୁବନେଶ୍ୱର,୩୦।୫/ଏନ୍‌ଏନ୍‌ଏସ୍:**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଆଦେଶ କ୍ରମେ ସମ୍ବଲପୁର ଜିଲ୍ଲା ଶୀତଳ ଷଷ୍ଠୀ ପର୍ବ ପାଳନ ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୧ କୋଟି ୮ଲକ୍ଷ ଟଙ୍କା ଆର୍ଥିକ ଅନୁଦାନ ରାଶି ପ୍ରଦାନ କରାଯିବ। ଚଳିତ ବର୍ଷ ସମ୍ବଲପୁର ଜିଲ୍ଲାର ସର୍ବମୋଟ ୨୧ଟି କମିଟିଙ୍କୁ ୧ କୋଟି ୮ଲକ୍ଷ ଟଙ୍କାର ଆର୍ଥିକ ଅନୁଦାନ ରାଶି ପ୍ରଦାନ କରାଯିବ। ମୁଖ୍ୟମନ୍ତ୍ରୀଙ୍କ ଏହି ନିଷ୍ପତ୍ତିକୁ ସ୍ୱାଗତ କରିବା ସହ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ, 'ସମ୍ବଲପୁରର ଶୀତଳ ଷଷ୍ଠୀ ପର୍ବ ଆମ ଓଡ଼ିଶାର ସମୃଦ୍ଧ ସଂସ୍କୃତି, ଐତିହ୍ୟ ଓ ପରମ୍ପରା ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଶୀତଳ ଷଷ୍ଠୀକୁ ଭବ୍ୟତାର ସହ ପାଳନ କରିବା ପାଇଁ ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଆମ ଓଡ଼ିଶାର ପର୍ବପର୍ବାଣୀ ଓ ଯାନିଯାତ୍ରାକୁ ବିଶ୍ୱ ଦରବାରରେ ଏକ ଅନନ୍ୟ ପରିଚୟ ପ୍ରଦାନ କରିବା ନିମନ୍ତେ ଆମ ସରକାର ପ୍ରତିଶ୍ରୁତିବଦ୍ଧ' ବୋଲି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି।

## ୧୦ ଦିନରେ ଭଡ଼ା ନ ବଢ଼ିଲେ ବସ୍ ଧର୍ମଘଟ

**କଟକ,୩୦।୫/ଏନ୍‌ଏନ୍‌ଏସ୍:**

ସରକାରଙ୍କୁ ଘରୋଇ ବସ୍ ମାଲିକ ସଂଘର ଅଲଟିମେଟମ୍। ୧୦ ଦିନରେ ଭଡ଼ା ବୃଦ୍ଧି ନିଷ୍ପତ୍ତି ନନେଲେ ବସ୍ ଚଳାଚଳ ବନ୍ଦ ଚେତାବନୀ। କଟକରେ ଆୟୋଜିତ ରାଜ୍ୟ ଘରୋଇ ବସ୍ ମାଲିକ ସଂଘ କାର୍ଯ୍ୟକାରିଣୀ ବୈଠକ ପରେ ଘରୋଇ ବସ୍ ମାଲିକ ସଂଘ ସାଧାରଣ ସଂପାଦକ ଦେବେନ୍ଦ୍ର କୁମାର ସାହୁ ଏନେଇ ସୂଚନା ଦେଇଛନ୍ତି।

ଡିଜେଲ ସହ ବସ ବ୍ୟବସାୟରେ ଆନୁସଙ୍ଗିକ ଜିନିଷର ମୂଲ୍ୟ ବୃଦ୍ଧି ଘଟିଛି। ଏହା ସହ ବୀମା ଓ ଟିକସ୍ ମଧ ବଢ଼ିଛି। ଏଭଳି ପରିସ୍ଥିତିରେ ସର୍ବନିମ୍ନ ବସ୍ ଭଡା ବୃଦ୍ଧି ନହେଲେ ଯାତ୍ରା ପରିବହନ ବ୍ୟବସାୟ କରକା ଅସମ୍ଭବ ବୋଲି ରାଜ୍ୟ ଘରୋଇ ବସ୍ ମାଲିକ ସଂଘ କହିଛନ୍ତି। ଏନେଇ ଶନିବାର କଟକରେ ଆୟୋଜିତ ଘରୋଇ ବସ୍ ମାଲିକ ସଂଘ କାର୍ଯ୍ୟକାରିଣୀ ବୈଠକରେ ଆଲୋଚନା ହେବା ସହ ବସ୍ ଭଡା ସଂଶୋଧନ ପାଇଁ ସରକାରଙ୍କୁ ୧୦ଦିନ ମହଲତ ଦିଆଯାଇଛି। ସରକାର ୧୦ଦିନ ଭିତରେ କିଛି ନିଷ୍ପତ୍ତି ନନେଲେ ରାଜ୍ୟରେ

▶▶ ୫

ଆୟୁଷ୍ମାନରେ ଆଶ୍ୱସ୍ତି

## ଆଡ୍‌ମିଶନ ପୂର୍ବରୁ ଫ୍ରି ଟେଷ୍ଟ

**ଭୁବନେଶ୍ୱର,୩୦।୫/ଏନ୍‌ଏନ୍‌ଏସ୍:**

ଏଣିକି ରୋଗୀ ଆଡ୍‌ମିଟ୍ ପୂର୍ବରୁ ଆୟୁଷ୍ମାନ କାର୍ଡରେ ହେବ ସବୁ ମେଡିକାଲ୍ ପରୀକ୍ଷା। ନକଲେ ହସ୍ପିଟାଲ ବିରୋଧରେ ହେବ ଆକ୍ସନ। ଶନିବାର ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଏହି ସୂଚନା ଦେଇଛନ୍ତି। ରୋଗୀ ହସ୍ପିଟାଲରେ ଆଡମିଟ ହେବାର ୩ ଦିନ ପୂର୍ବରୁ ଯାହା ଟେଷ୍ଟ ହେବ ତାହା ଆୟୁଷ୍ମାନ ପ୍ୟାକେଜରେ ଅନ୍ତର୍ଭୁକ୍ତ ରହିବ। ଯେଉଁ ହସ୍ପିଟାଲ୍ ନକରିବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ। ଏହି ନିର୍ଦ୍ଦେଶକୁ ସମସ୍ତ ଘରୋଇ ହସ୍ପିଟାଲ ପାଳନ ପାଇଁ କଡ଼ାକଡ଼ି ନିର୍ଦ୍ଦେଶ ରହିଛି। ଏଥିପାଇଁ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ମଧ ତାଗିଦ କରାଯାଇଛି। ଯାଞ୍ଚ ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି। କମିଟି ବିଭିନ୍ନ ହସ୍ପିଟାଲ ଯାଇ



ପରିଦର୍ଶନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପୂର୍ବରୁ କିଛି ହସ୍ପିଟାଲ ଟେଷ୍ଟକୁ ଅନ୍ତର୍ଭୁକ୍ତ କରୁନଥିଲେ। ଏନେଇ ଗଣମାଧ୍ୟମ ଓ ସୋସିଆଲ ମିଡିଆରୁ

▶▶ ୫

ଝାରସୁଗୁଡ଼ାରେ ଏନ୍‌କାଉଣ୍ଟର୍

## ଦୁର୍ଦ୍ଦାନ୍ତ ଅପରାଧୀ ଜୟ ଚୌହାନ ଆହତ

**ଝାରସୁଗୁଡ଼ା ,୩୦।୫/ଏନ୍‌ଏନ୍‌ଏସ୍:**

ଝାରସୁଗୁଡ଼ା ଜିଲ୍ଲା ରେଙ୍ଗାଲି ଥାନା ଅଞ୍ଚଳରେ ପୁଲିସ ଏନକାଉଣ୍ଟରରେ ଆହତ ହୋଇଛି ବ୍ରଜରାଜନଗରର କୁଖ୍ୟାତ ଅପରାଧୀ ଜୟ ଚୌହାନ (୩୦)। ତା' ଡାହାଣ ଗୋଡ଼ରେ ଗୁଳି ବାଜିଥିବା ବେଳେ ତାକୁ ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ତେବେ ଅନ୍ଧାରର ସୁଯୋଗ ନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ତା'ର ୪ ଜଣ ସହଯୋଗୀଙ୍କୁ ପୁଲିସ ପରେ ଗିରଫ କରିବାରେ ସଫଳ



ହୋଇଛି। ସେମାନେ ହେଉଛନ୍ତି କରଣ ଚୌହାନ (୨୮), ବିଶ୍ୱଜିତ ନାୟକ (୨୭), ବଡେ ଓରଫ

**୪ ସହଯୋଗୀ ବି ଗିରଫ**

**ଦେଶୀ ବନ୍ଧୁକ, ଚାପଡ଼, ଭୁଜାଲି ଜବତ**

ସନ୍ତୋଷ ମହାତୋ (୨୮) ଓ ବାରୁଦ ଓରଫ ରବି ଓରଫ ରୋହିତ କୁମାର ସିଂ (୩୦)।

▶▶ ୫

ଆଇଏସ୍‌ଆଇ ଲିଙ୍କ୍

## ଧରାପଡ଼ିଲେ ୯

**ନୂଆଦିଲ୍ଲୀ,୩୦।୫/ଏଜେନ୍ସି:**

ପାକିସ୍ତାନ ଗୁଇନ୍ଦା ସଂସ୍ଥା ଆଇଏସ୍‌ଆଇ ଲିଙ୍କରେ ୯ ଜଣ ଧରା ପଡ଼ିଛନ୍ତି।ଏମାନେ ଦିଲ୍ଲୀ, ମୁମ୍ବାଇ ଓ ଦେଶର ବିଭିନ୍ନ ସ୍ଥାନରେ ଆକ୍ରମଣ ପାଇଁ ମସୁଧା କରିଥିଲେ। ହେଲେ ସେମାନେ ଯୋଜନାକୁ କାର୍ଯ୍ୟକାରୀ କରିବା ପୂର୍ବରୁ ଦିଲ୍ଲୀ ପୁଲିସ୍‌ର ସ୍ପେଶାଲ ସେଲ ସବୁ କିଛି ପଣ୍ଡ କରି ଦେଇଛି। ସ୍ପେଶାଲ ସେଲ୍ କହିଛି ଯେ ଗିରଫ ଯୁବକମାନଙ୍କ ଘର ଦିଲ୍ଲୀ, ମୁମ୍ବାଇ ଓ ପଞ୍ଜାବରେ। ଏମାନଙ୍କ ମଧ୍ୟରେ କିଛି ବିଦେଶୀ ନାଗରିକ ମଧ ରହିଛନ୍ତି। ସେମାନଙ୍କ ଠାରୁ ବିପୁଳ ପରିମାଣର ଗୁଳିଗୋଳା ଓ ଅସ୍ତ୍ରଶସ୍ତ୍ର ମଧ ଜବତ କରାଯାଇଛି। ସେମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନ ଓ ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରିବାକୁ କୁହାଯାଇଥିଲା। ସେମାନଙ୍କ ସମ୍ଭାବ୍ୟ ଆକ୍ରମଣ ତାଲିକାରେ ଆଣବିକ ପ୍ରତିଷ୍ଠାନ, ବିମାନବନ୍ଦର, ରେଳ ଷ୍ଟେସନ

▶▶ ୫

ଏନ୍‌ଟିଏ ପିଛା ଛାଡୁନି ବିବାଦ

## ସିୟୁଇଟି-ୟୁଜି ପରୀକ୍ଷାରେ ବି ବିଭ୍ରାଟ

**ନୂଆଦିଲ୍ଲୀ, ୩୦।୫/ଏଜେନ୍ସି:**

ବିବାଦ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ପିଛା ଛାଡିବାର ନାମ ଧରୁନି। ନିଟ୍-ୟୁଜି ପରୀକ୍ଷାରେ ବାରମ୍ବାର ବଡ଼ ଧରଣର ଅନିୟମିତତା ହେଉଥିବା ଅଭିଯୋଗରେ ନିନ୍ଦିତ ତଥା ସମାଲୋଚିତ ହୋଇଆସୁଥିବା ଏନ୍‌ଟିଏ ଏବେ ଆଉ ଏକ ପରୀକ୍ଷା ପରିଚାଳନା କରିବାରେ ମଧ ବିଫଳ ହୋଇଥିବା ସୂଚନା ମିଳିଛି। ରିପୋର୍ଟ ଅନୁସାରେ ଏନ୍‌ଟିଏ ପରିଚାଳିତ ସିୟୁଇଟି-ୟୁଜି (କମନ୍ ୟୁନିଭରସିଟି ଏଣ୍ଟ୍ରାନ୍ସ ଟେଷ୍ଟ ଅଣ୍ଡର ଗ୍ରାଜୁଏଟ୍)-୨୦୨୬ ପରୀକ୍ଷା ଆଜି ଦିନରେ ଦେଶବ୍ୟାପୀ ଅନୁଷ୍ଠିତ ହୋଇଥିବା ବେଳେ ପରୀକ୍ଷା ସମୟରେ ଟେକ୍ନିକାଲ୍ ସମସ୍ୟା ଦେଖିବାକୁ ମିଳିଥିଲା, ଯାହାଦ୍ୱାରା ହଜାର ହଜାର ଛାତ୍ରଛାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଶନିବାର (୩୦ ମେ, ୨୦୨୬) ପ୍ରଥମ ସିଫ୍ଟ ପରୀକ୍ଷା

**ପରୀକ୍ଷା ଦେଇନପାରି ଫେରିଲେ ୩୭୬୫ ଛାତ୍ରଛାତ୍ରୀ**

**ପୁନଃ ପରୀକ୍ଷା କରାଇବାକୁ ପ୍ରତିଶ୍ରୁତି ଦେଲା ଏଜେନ୍ସି**

ଆରମ୍ଭ ହେବାକୁ ଥିବା ବେଳେ ଠିକ୍ ସମୟରେ ଟେକ୍ନିକାଲ ତ୍ରୁଟି ଦେଖାଦେଇଥିଲା, ଯାହାଫଳରେ ପରୀକ୍ଷା ଆରମ୍ଭ କରିବା ମାତ୍ରାଧିକ ବିଳମ୍ବ ହୋଇଥିଲା। ଏପ୍ରକାର ସମସ୍ୟା ଦେଖି ଅନେକ

▶▶ ୫





ରାଜଧାନୀରେ ତ୍ରିକୋଣୀୟ ପ୍ରେମରୁ ଗଡ଼ିଲା ମୁଣ୍ଡ

# ଥାର୍ ଚଢ଼ାଇ ସାଙ୍ଗକୁ ହତ୍ୟା କଲା ସାଙ୍ଗ

**ଭୁବନେଶ୍ୱର,୩୦।୫/ଏନ୍‌ଏନ୍‌ଏସ୍:**

ରାଜଧାନୀରେ ତ୍ରିକୋଣୀୟ ପ୍ରେମରୁ ହତ୍ୟାକାଣ୍ଡ। ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଜଣେ ଜଣେ ଯୁବକଙ୍କ ଉପରେ ଥାର୍ ଚଢ଼ାଇ ହତ୍ୟା

**ହତ୍ୟା ପରେ ଦୁର୍ଘଟଣାର ରୂପ ଦେବାକୁ ପ୍ରୟାସ**

**ମୁଖ୍ୟ ଅଭିଯୁକ୍ତ ସମେତ ୬ ଗିରଫ**

କରାଯାଇଛି। ଚନ୍ଦ୍ରଶେଖରପୁର ଆଚାର୍ଯ୍ୟ ହରିହର କଲେଜ ଛକ ନିକଟରେ ଶନିବାର ବିଳମ୍ବିତ ରାତିରେ ଏହି ହତ୍ୟାକାଣ୍ଡ ଘଟିଛି। ମୃତ ଯୁବକ ହେଲେ ଖୋର୍ଦ୍ଧା କାଇପଦର ଅଞ୍ଚଳର ବରୁଣ କୁମାର ରାଉତରାୟ। ପ୍ରଥମେ ଏହା ଦୁର୍ଘଟଣା



ବୋଲି ଜଣାପଡ଼ିଥିଲା। ହେଲେ ପରେ ଏହା ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ପୁଲିସ ତଦନ୍ତରୁ ଜାଣିବାକୁ ପାଇଛି। ସବୁଠାରୁ ବଡ଼ କଥା ହେଲା ଯେ ହତ୍ୟାକାଣ୍ଡରେ ମୃତକଙ୍କ ସାଙ୍ଗ ବି ସାମିଲ ଅଛନ୍ତି।

ଏହି ମାମଲାରେ ଚନ୍ଦ୍ରଶେଖର ପୁଲିସ ଟିମ୍ ଶନିବାର ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏଥିସହ ଅପରାଧରେ ବ୍ୟବହୃତ ଥାର୍ ଓ ଗୋଟିଏ ସ୍କୁଟି ଜବତ କରିଛି। ଅଭିଯୁକ୍ତମାନେ ହେଲେ ବାପୁନି ଓରଫ ବ୍ରହ୍ମାନନ୍ଦ ଦାସ, ଚିଦାନନ୍ଦ ଦାସ, ଆଶିଷ ଦେହୁରୀ, ସ୍ୱସ୍ତିକ ଭରଦ୍ୱାଜ, ସୁରଜ ବିଶ୍ୱକର୍ମା ଓ ଶ୍ରୀଧର ନାୟକ। ଏହି ଯୋଜନାବଦ୍ଧ ହତ୍ୟାକାଣ୍ଡର ମାଷ୍ଟରମାଇଣ୍ଡ ତଥା ମୁଖ୍ୟ ଅଭିଯୁକ୍ତ ସୁରଜ ବିଶ୍ୱକର୍ମା ବୋଲି ଜଣାପଡ଼ିଛି। ଅପରାଧରେ ବ୍ୟବହୃତ ଥାରର ମାଲିକ ବାପୁନି ଓରଫ ବ୍ରହ୍ମାନନ୍ଦ ଦାସ ବୋଲି ଜଣାଯାଇଛି। ଅଭିଯୁକ୍ତମାନେ ଶୈଳେଶ୍ରୀ ବିହାର ଅଞ୍ଚଳର ସୂଚନା ମିଳିଛି। ବରୁଣଙ୍କ ପ୍ରେମିକାଙ୍କୁ ପୂର୍ବରୁ ପ୍ରେମ କରୁଥିବା ସୁରଜ ବିଶ୍ୱକର୍ମା ହିଁ ହତ୍ୟାକାଣ୍ଡର ମୁଖ୍ୟ ଖଳନାୟକ। ସେ ହିଁ ଅନ୍ୟମାନଙ୍କ ସହ ମିଶି ଏହି ଜଘନ୍ୟ କାଣ୍ଡ ଘଟାଇଥିବା ଡିସିପି ଜଗମୋହନ ମିନା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।

ଡିସିପିଙ୍କ ସୂଚନା ଅନୁଯାୟୀ, ତ୍ରିକୋଣୀୟ ପ୍ରେମକୁ ନେଇ ବରୁଣ ଓ ସୁରଜ ମଧ୍ୟରେ ବିବାଦ ରହି ଆସିଥିଲା। ଶୁକ୍ରବାର ରାତି ପ୍ରାୟ ୨ଟା ସମୟରେ ବରୁଣ ତାଙ୍କ ସହଯୋଗୀମାନଙ୍କ ସହ ଶୈଳଶ୍ରୀବିହାରସ୍ଥିତ ମହିମା କ୍ଲବ୍

▶▶ ୫

ଭାରତୀୟ ଯୋଗ ସଂସ୍ଥାନର 'ଯୁବ ସଂସ୍କାର ଶିବିର'

# 'ଦୈନିକ ଯୋଗ କଲେ ଶରୀର ସୁସ୍ଥ ରହେ'



**କଟକ,୩୦।୫/ଏନ୍ଏନ୍ଏସ୍:** ୪୩ନଂ ୱାର୍ଡ ଅପର୍ଣ୍ଣାନଗରସ୍ଥିତ ଶୂନ୍ୟବାସୀ ମନ୍ଦିର ପରିସରରେ ଆଜି ଭାରତୀୟ ଯୋଗ ସଂସ୍ଥାନ ପକ୍ଷରୁ ୧୦ରୁ ୧୭ବର୍ଷ ଛାତ୍ରଛାତ୍ରୀଙ୍କ ନିମନ୍ତେ ଯୁବ ସଂସ୍କାର ନିର୍ମାଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ନାବାଳକ ଛାତ୍ରଛାତ୍ରୀମାନେ ଅପୂର୍ବ ଯୋଗ ପ୍ରଦର୍ଶନ କରି ଅତିଥିମାନଙ୍କୁ ଅଭିଭୂତ କରିଥିଲେ। ଏହି ଶିବିରରେ ମୁଖ୍ୟଅତିଥିଭାବେ ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳ ଓ ସମ୍ମାନିତ ଅତିଥିଭାବେ ପୂର୍ବତନ କର୍ପୋରେଟର ତଥା ଆଇନଜୀବୀ ଅକ୍ଷୟ କୁମାର ବେଉରା ଯୋଗଦେଇ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଦୈନିକ ଶରୀର ପାଇଁ ସମୟ ଦେଇ ଯୋଗ କଲେ ଶରୀର ସୁସ୍ଥ ରହିବ ବୋଲି ମୁଖ୍ୟ ଅତିଥି ଡଃ ବିଶ୍ୱାଳ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାରତୀୟ ଯୋଗ ସଂସ୍ଥାନ ପ୍ରାନ୍ତ ପ୍ରଧାନ ସୁରେଶ କୁମାର ମହାପାତ୍ର, ସଦସ୍ୟ ଏମ୍ ରାମେୟା ରେଡ୍ଡୀ, ରଘୁନାଥ ରେଡ୍ଡୀ, କେଦାରନାଥ ଜାଲି, ରାଜା କିଶୋର ଦାସ, ପ୍ରକାଶ ଚନ୍ଦ୍ର ସାହା, ଡ. ଶୈଳଜା ନନ୍ଦିନୀ ଜେନା, କବିତା ପ୍ରଧାନ, ପ୍ରଣତି ସ୍ୱାଇଁଙ୍କ ସମେତ ବହୁ ଯୋଗଶିକ୍ଷା ପ୍ରେମୀ ଉପସ୍ଥିତ ଥିଲେ।

ସ୍ୱତନ୍ତ୍ର ସଘନ ସଂଶୋଧନ

# ନିର୍ବାଚନ ମଣ୍ଡଳୀରେ ଘରକୁ ଘର ଯାଇ ଫର୍ମ ଦେଲେ ବିଏଲ୍ଓ

**କଟକ,୩୦।୫/ଏନ୍ଏନ୍ଏସ୍:** ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର)-୨୦୨୬କୁ ତ୍ୱରାନ୍ୱିତ କରିବା ପାଇଁ ଆଜି ଠାରୁ ବୁଥ୍ ସ୍ତରୀୟ ଅଧିକାରୀ (ବିଏଲଓ)ମାନେ ଜିଲ୍ଲାର ୯ ଟି ଯାକ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଘରକୁ ଘର ଯାଇ ଭୋଟରମାନଙ୍କ ତଥ୍ୟ ସଂଗ୍ରହ ଓ ଯାଂଚ ଆରମ୍ଭ କରିଛନ୍ତି। ବିଏଲ୍ଓମାନେ ପ୍ରତ୍ୟେକ ଭୋଟରଙ୍କୁ ପୂର୍ବରୁ ମୁଦ୍ରିତ ୨ଟି ଲେଖାଏଁ ଗଣନା ଫର୍ମ ପ୍ରଦାନ କରି ସେଗୁଡିକ ପୂରଣ କରି ଗୋଟିଏ ନିଜେ ନେଉଛନ୍ତି ଏବଂ ଅନ୍ୟଟି ଭୋଟରଙ୍କୁ ଦେଉଛନ୍ତି। ଏଥିସହ ଫର୍ମ ସଂଗ୍ରହ କରି ଭୋଟରଙ୍କୁ ଗୋଟିଏ ଲେଖାଏଁ ପ୍ରାପ୍ତି ସ୍ୱୀକାର ପତ୍ର ମଧ୍ୟ ପ୍ରଦାନ କରାଯାଉଛି। ତତ୍‌କ୍ଷଣାତ ଫର୍ମ ପୂରଣ କରି ନପାରିଲେ ବିଏଲଓ ମାନେ ଫର୍ମଗୁଡିକ ଦେଇ ପଳାଇ ଆସିବେ ଓ ପରେ ପ୍ରତ୍ୟେକ ପରିବାରକୁ ଯାଇ ଭୋଟରଙ୍କଠାରୁ ଗଣନା ଫର୍ମର ପୂରଣ ହୋଇଥିବା କପି ସଂଗ୍ରହ କରିବେ। ବିଏଲଓ ସଂଗୃହିତ ଫର୍ମଗୁଡ଼ିକୁ ବିଏଲ୍ଓ ଆପ୍/ଇସିଆଇଏନ୍ଇଟି ମୋବାଇଲ୍ ଆପ୍ଲିକେସନ୍ ମାଧ୍ୟମରେ ଅପଲୋଡ୍ କରିବେ। ଜିଲ୍ଲାରେ ସମୁଦାୟ ଭୋଟର ସଂଖ୍ୟା ୨୦,୮୫,୭୭୯ ଜଣ ଥିବାବେଳେ ମ୍ୟାପିଙ୍ଗ ସମୟରେ ୧୯,୫୦,୧୯୮ ଜଣ ଭୋଟର ଥିବା ଜଣାପଡ଼ିଛି। ସେହିପରି ଜିଲ୍ଲାରେ ସମୁଦାୟ ୨୨୯୧ଟି ବୁଥ ରହିଥିବାବେଳେ ଆଉ ୬୦୬ଟି ନୂତନ ବୁଥ କରାଯିବ। ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାରେ ୨୨୯୧ ଜଣ ବିଏଲଓ, ୬୦୬ ଜଣ ଅତିରିକ୍ତ ବିଏଲଓ, ୨୨୭ ଜଣ ସୁପରଭାଇଜର, ୬୬ ଜଣ ଏ ଇ ଆର ଓ, ୨୨୯୧ ଜଣ ସ୍ୱେଚ୍ଛାସେବୀ ଓ ୧୩୦୩ ଜଣ ବୁଥ ସ୍ତରୀୟ ଏଜେଣ୍ଟ ରହିଛନ୍ତି। ୨୯ ତାରିଖ ସୁଦ୍ଧା ବି ଏଲ ଓ ମାନଙ୍କ ନିକଟରେ ମୁଦ୍ରିତ ଫର୍ମ ପହଞ୍ଚିସାରିଛି। ଜୁନ ୨୮ ତାରିଖ ପର୍ଯ୍ୟନ୍ତ ବି ଏଲ ଓ ମାନେ ଘରକୁ ଘର ବୁଲି ଫର୍ମ ପ୍ରଦାନ କରିବେ ଓ ପୂରଣ ହୋଇଥିବା ଫର୍ମ ସଂଗ୍ରହ କରିବେ। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସକାଳ ୭ଟାରୁ ୧୧ଟା ଓ ଅପରାହ୍ନ ୪ଟାରୁ ୭ ଘଟିକା ପର୍ଯ୍ୟନ୍ତ ବିଏଲ୍ଓମାନେ ଏହି କାର୍ଯ୍ୟ କରୁଛନ୍ତି। ଗଣନା ପର୍ଯ୍ୟାୟ ସମୟରେ ଭୋଟରଙ୍କଠାରୁ କୌଣସି ଡକ୍ୟୁମେଣ୍ଟ୍ ସଂଗ୍ରହ କରାଯାଉ ନାହିଁ। ପୂର୍ବରୁ ଭୋଟର ତାଲିକାରେ ନାମ ଥିବା ଭୋଟରମାନଙ୍କୁ ମୁଦ୍ରିତ ଗଣନା ଫର୍ମ ଡାଉନ୍‌ଲୋଡ୍ କରିବା ଏବଂ ଅନଲାଇନ୍ ମୋଡ୍ ମାଧ୍ୟମରେ ପୂରଣ ହୋଇଥିବା



ଫର୍ମ ଏବଂ ଡକ୍ୟୁମେଣ୍ଟ ଅପଲୋଡ୍ କରିବାର ସୁବିଧା ମଧ୍ୟ ଉପଲବ୍ଧ ରହିଛି। ଭୋଟରମାନଙ୍କ ସୁବିଧା ପାଇଁ ଆମ ଜିଲ୍ଲାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମେତ ବିଭିନ୍ନ ସ୍ଥାନରେ ସହାୟତା କେନ୍ଦ୍ର ମାନ ଖୋଲାଯାଇଛି। ଜନସାଧାରଣଙ୍କ ସହାୟତା ପାଇଁ ୧୯୫୦ ଟୋଲ ଫ୍ରି ନିର୍ବାଚନ ହେଲ୍ପ ଲାଇନ ନମ୍ବର ରହିଛି। ଏହି ନମ୍ବର ଜରିଆରେ ନାଗରିକମାନେ ଭୋଟର ତାଲିକା ସମ୍ବନ୍ଧୀୟ ସମସ୍ତ ସୂଚନା ପାଇପାରିବେ ଏବଂ ନିଜ ଅଞ୍ଚଳର ବୁଥ ସ୍ତରୀୟ ଅଧିକାରୀଙ୍କ ସହ ଆଲୋଚନା କରିପାରିବେ। ବିଏଲଓମାନେ ଭୋଟରଙ୍କ ନାମ, ବୟସ, ଠିକଣା ଓ ଅନ୍ୟାନ୍ୟ ସମ୍ପୃକ୍ତ ବିବରଣୀ ଯାଞ୍ଚ କରିବା ସହ ଯୋଗ୍ୟ ନୂତନ ଭୋଟରଙ୍କୁ ଭୋଟର ତାଲିକା ରେ ସାମିଲ କରିବା, ମୃତ କିମ୍ବା ସ୍ଥାନାନ୍ତରିତ ଭୋଟରଙ୍କ ନାମ ବାଦ ଦେବା ଏବଂ ତ୍ରୁଟିପୂର୍ଣ୍ଣ ତଥ୍ୟର ସଂଶୋଧନ କରିବା ଉପରେ ବିଶେଷ ଗୁରୁତ୍ୱ ଦେଉଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ନାଗରିକଙ୍କୁ ବିଏଲଓମାନଙ୍କୁ ଆବଶ୍ୟକ ସହଯୋଗ ପ୍ରଦାନ କରିବା, ସଠିକ ତଥ୍ୟ ଯୋଗାଇବା ଏବଂ ନିଜ ନିଜ ଭୋଟର ସମ୍ପର୍କିତ ବିବରଣୀ ଯାଂଚକରିବାକୁ ଅନୁରୋଧ କରାଯାଇଛି।

ଚରମ ସୀମାରେ ଆଠଗଡ଼ ସେଣ୍ଟ ଜାଭିୟର୍ସ ସ୍କୁଲ୍ ବିବାଦ

# ଉଭୟ ଗୋଷ୍ଠୀକୁ କାଗଜପତ୍ର ଦାଖଲ ପାଇଁ ନିର୍ଦ୍ଦେଶ

**ଆଠଗଡ଼,୩୦।୫/ଏନ୍ଏନ୍ଏସ୍:** ଆଠଗଡ଼ ସେଣ୍ଟ ଜାଭିୟର୍ସ ସ୍କୁଲରେ ମାଲିକାନା ସତ୍ତ୍ୱକୁ ନେଇ ଦୀର୍ଘଦିନ ଧରି ଚାଲିଥିବା ବିବାଦ ଏବେ ଚରମ ସୀମାରେ ପହଞ୍ଚିଛି। ଏହି ବିବାଦ ଯୋଗୁଁ ବିଦ୍ୟାଳୟ ପରିବେଶ ସମେତ ସାରା ଆଠଗଡ଼ ଅଞ୍ଚଳ ଅଶାନ୍ତ ହୋଇପଡ଼ିଛି। ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ମାରପିଟ୍ ଓ ଗଣ୍ଡଗୋଳ ସ୍ଥିତି ଉପୁଜିଥିବା ବେଳେ ଏ ନେଇ ଆଠଗଡ଼ ଥାନାରେ ପୃଥକ ପୃଥକ ଭାବେ ଏତଲା ମଧ୍ୟ ଦିଆଯାଇଛି। ବିଦ୍ୟାଳୟର ଏଭଳି ଅଶାନ୍ତ ପରିବେଶକୁ ନେଇ ଅଭିଭାବକମାନଙ୍କ ମଧ୍ୟରେ ଗଭୀର ଉଦ୍‌ବେଗ ପ୍ରକାଶ ପାଇଛି। ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଏହାର ଆଶୁ ସମାଧାନ ପାଇଁ ଗତକାଲି (ଶୁକ୍ରବାର) ଅଭିଭାବକମାନେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇ ପ୍ରଶାସନିକ ହସ୍ତକ୍ଷେପ ଲୋଡ଼ିଥିଲେ।

ଅଭିଭାବକଙ୍କ ଧାରଣା ସମୟରେ ଉପଜିଲ୍ଲାପାଳ ଅନ୍ୟାନ୍ୟ ସରକାରୀ କାର୍ଯ୍ୟରେ ଅନୁପସ୍ଥିତ ଥିଲେ ମଧ୍ୟ ସ୍କୁଲ ବିବାଦର ସମାଧାନ ପାଇଁ ଆଜି ଉଭୟ ଗୋଷ୍ଠୀକୁ ଆଲୋଚନା ନିମନ୍ତେ ଡାକିଥିଲେ। ଏହି କ୍ରମରେ ଆଜି ଉପଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ତାଙ୍କ କାର୍ଯ୍ୟାଳୟ ପରିସରରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପୁରୁଣା ଟ୍ରଷ୍ଟ ପକ୍ଷରୁ ନିର୍ଦ୍ଦେଶକ ପ୍ରିୟଦର୍ଶୀ ନାୟକ, ସ୍କୁଲର ଅଧ୍ୟକ୍ଷ ପ୍ରେମରାଜ ପାତ୍ର ଓ ସୁପ୍ରିୟା ଯୋଗ ଦେଇଥିବା ବେଳେ ବିପକ୍ଷ ଗୋଷ୍ଠୀ ତରଫରୁ ସମର୍ଥ ମହାନ୍ତି ଓ ଅନିଲ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଦ୍ୱିତୀୟ ଟ୍ରଷ୍ଟ ବୋର୍ଡ ଗଠନକୁ ପ୍ରିୟଦର୍ଶୀ ନାୟକ ସମ୍ପୂର୍ଣ୍ଣ ବେଆଇନ ବୋଲି କହିବା ସହ ସ୍କୁଲର ମେଲ୍ ଆଇଡିକୁ ଜାଲିଆତି କରାଯାଇ ବୋର୍ଡରେ ଆଇଡି ଓ ପାସୱାର୍ଡ ବଦଳାଯାଇଥିବା ନେଇ ମାଧ୍ୟମିକ ଶିକ୍ଷା ବୋର୍ଡର ଅଣ୍ଡର ସେକ୍ରେଟେରୀ ତଥା ସଚିବଙ୍କ ପକ୍ଷରୁ ଆସିଥିବା ପତ୍ର ଦର୍ଶାଇଥିଲେ। ଅପରପକ୍ଷରେ, ନୂତନ ଟ୍ରଷ୍ଟ ପକ୍ଷରୁ ଏହି ସମସ୍ତ ଅଭିଯୋଗକୁ ଖଣ୍ଡନ କରାଯାଇଛି। ମାଲିକାନା ସତ୍ତ୍ୱକୁ ନେଇ ବର୍ତ୍ତମାନ ଉଚ୍ଚ ନ୍ୟାୟାଳୟରେ ମାମଲା ବିଚାରାଧୀନ ଥିବାରୁ କୋର୍ଟଙ୍କ ରାୟ ଆସିବା ପରେ ସମସ୍ତ ସତ୍ୟାସତ୍ୟ ପଦାକୁ ଆସିବ ବୋଲି ସେମାନେ ପ୍ରକାଶ କରିଛନ୍ତି। ସ୍କୁଲର ପରିବେଶ ଦିନକୁ ଦିନ ଅଶାନ୍ତ ହେବା ସହ ଉଭୟ ଗୋଷ୍ଠୀ ମଧ୍ୟରେ ହିଂସା ବଢୁଥିବାରୁ ଏବଂ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧକାର ଆଡ଼କୁ ଠେଲି ହୋଇଯାଉଥିବାରୁ ଉପଜିଲ୍ଲାପାଳ ଏହା ଉପରେ ଗଭୀର ଚିନ୍ତା ପ୍ରକାଶ କରିଛନ୍ତି। ଏହାର ତୁରନ୍ତ ସମାଧାନ ପାଇଁ ସ୍କୁଲ ପରିଚାଳନା ସହ ଜଡ଼ିତ ସମସ୍ତ ଆବଶ୍ୟକୀୟ ଦସ୍ତାବିଜ ଓ କାଗଜପତ୍ର ଦାଖଲ କରିବାକୁ ସେ ଉଭୟ ଗୋଷ୍ଠୀକୁ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ କାଗଜପତ୍ରର ସଠିକ୍ ଯାଞ୍ଚ କରାଯାଇ ଏହାର ସ୍ଥାୟୀ ସମାଧାନ କରାଯିବ ବୋଲି ସେ କହିଛନ୍ତି। ଅନ୍ୟପଟେ, ସ୍କୁଲର ଅଶାନ୍ତ ବାତାବରଣ ଏବଂ ବାରମ୍ବାର ଶିକ୍ଷକ ପରିବର୍ତ୍ତନକୁ ବିରୋଧ କରି ବିଦ୍ୟାଳୟର ବରିଷ୍ଠ ଶ୍ରେଣୀର ଛାତ୍ରଛାତ୍ରୀମାନେ ମଧ୍ୟ ଉପଜିଲ୍ଲାପାଳଙ୍କୁ ଭେଟି ନିଜର ଅଭିଯୋଗ ଜଣାଇଛନ୍ତି। ଏହି ସମସ୍ତ ପ୍ରସଙ୍ଗକୁ ବିଚାରକୁ ନେଇ ମାମଲାର ଚୂଡ଼ାନ୍ତ ସମାଧାନ ନହେବା ପର୍ଯ୍ୟନ୍ତ ବିଦ୍ୟାଳୟ ପରିସରରେ ଯେପରି କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନହୁଏ, ସେଥିପାଇଁ ଉପଜିଲ୍ଲାପାଳ ଉଭୟ ଗୋଷ୍ଠୀକୁ କଡ଼ା ଚେତାବନୀ ଦେବା ସହ ସହଯୋଗ କରିବାକୁ ଅନୁରୋଧ କରିଛନ୍ତି।

## ଜୁନ୍ ପହିଲାରୁ ଗୋପାଳପୁରରେ ଡିଏଲ୍ ଓ ଏଲ୍ଏଲ୍ଆର୍ ପରୀକ୍ଷା

**କଟକ,୩୦।୫/ଏନ୍ଏନ୍ଏସ୍:** ଡ୍ରାଇଭିଂ ଲାଇସେନ୍ସ (ଡିଏଲ୍) ଏବଂ ଲର୍ଣ୍ଣର୍ସ ଲାଇସେନ୍ସ (ଏଲ୍ଏଲ୍ଆର୍)ପରୀକ୍ଷା ପ୍ରକ୍ରିୟାକୁ ଅଧିକ ସୁବ୍ୟବସ୍ଥିତ କରିବା ଉଦ୍ଦେଶ୍ୟରେ କଟକ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବିଜ୍ଞପ୍ତି ପ୍ରକାଶ ପାଇଛି। କାର୍ଯ୍ୟାଳୟ ଆଦେଶ ଅନୁଯାୟୀ, ବର୍ତ୍ତମାନ ସେକ୍ଟର-୬, ସିଡିଏ, କଟକରେ ପରିଚାଳିତ ହେଉଥିବା ଡ୍ରାଇଭିଂ ପରୀକ୍ଷାକୁ ୧ ଜୁନ୍ ୨୦୨୬ ଠାରୁ ଗୋପାଳପୁରସ୍ଥିତ ସ୍ୱୟଂଚାଳିତ ଡ୍ରାଇଭିଂ ଟେଷ୍ଟିଂ ଷ୍ଟେସନ୍ କୁ ସ୍ଥାନାନ୍ତର କରାଯିବ। ଗୋପାଳପୁର ମୌଜାର ପ୍ଲଟ୍ ନମ୍ବର ୮୭୩ରେ ଅବସ୍ଥିତ ଏହି ନୂତନ କେନ୍ଦ୍ରରେ ଡ୍ରାଇଭିଂ ଲାଇସେନ୍ସ ପରୀକ୍ଷା ସହ ଲର୍ଣ୍ଣର୍ସ ଲାଇସେନ୍ସ ପରୀକ୍ଷା ମଧ୍ୟ ୧ ଜୁନ୍‌ଠାରୁ କାର୍ଯ୍ୟକାରୀ ହେବ। ଯେଉଁ ଆବେଦନକାରୀମାନେ ଡ୍ରାଇଭିଂ ଲାଇସେନ୍ସ ପରୀକ୍ଷା ପାଇଁ ପୂର୍ବରୁ ସମୟ ଓ ତାରିଖ ବୁକ୍ କରିଛନ୍ତି, ସେମାନଙ୍କୁ ନିର୍ଦ୍ଧାରିତ ସମୟରେ ନୂତନ ପରୀକ୍ଷା କେନ୍ଦ୍ରରେ ଉପସ୍ଥିତ ରହିବାକୁ ପରାମର୍ଶ ଦିଆଯାଇଛି। ଏଥିସହ ୧ ଜୁନ୍ ୨୦୨୬ କିମ୍ବା ଏହା ପରବର୍ତ୍ତୀ ତାରିଖ ପାଇଁ ବୁକିଂ କରିଥିବା ଆବେଦନକାରୀଙ୍କୁ ପରୀକ୍ଷା ସ୍ଥାନ ପରିବର୍ତ୍ତନ ସମ୍ପର୍କରେ ଏସ୍ଏମ୍ଏସ୍ ମାଧ୍ୟମରେ ସୂଚିତ କରାଯିବ।

# ଇମର୍ତୀ ଦେବୀ ମହିଳା ମହାବିଦ୍ୟାଳୟରେ ବନ ମହୋତ୍ସବ

**କଟକ,୩୦।୫/ଏନ୍ଏନ୍ଏସ୍:** କଟକ ନୟାସଡ଼କସ୍ଥିତ ଇମର୍ତୀ ଦେବୀ ମହିଳା ମହାବିଦ୍ୟାଳୟରେ ଭାରତ ସ୍କାଉଟ୍ ଓ ଗାଇଡ୍ ପକ୍ଷରୁ ମୁଣ୍ଡାସାହିରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମହାବିଦ୍ୟାଳୟର ଗୃହବିଜ୍ଞାନ ବିଭାଗ ମୁଖ୍ୟ ନିବେଦିତା ମହାନ୍ତି ବନ ମହୋତ୍ସବର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। କଟକ ମହାନଗର ନାଗରିକ ମହାସଭାର ସଭାପତି ଡାକ୍ତର ରବି ରଞ୍ଜନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବୃକ୍ଷରୋପଣ ଉପରେ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଭାରତ ସ୍କାଉଟ୍ ଓ ଗାଇଡ୍‌ର



ରେଞ୍ଜର୍ସ ଛାତ୍ରୀମାନେ ବୃକ୍ଷରୋପଣ କରିଥିଲେ। ଭାରତ ସ୍କାଉଟ୍ ଓ ଗାଇଡ୍‌ର ରେଞ୍ଜର ଲିଡ଼ର ମଞ୍ଜୁସ୍ମିତା ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ରଜ ମହୋତ୍ସବ ପାଳନ ପାଇଁ ପ୍ରସ୍ତୁତି

**ସାଲେପୁର,୩୦।୫/ଏନ୍ଏନ୍ଏସ୍:** ଚଳିତ ବର୍ଷ ଜୁନ୍ ମାସରେ ସାଲେପୁରଠାରେ ତିନିଦିନ ବ୍ୟାପୀ ରଜ ମହୋତ୍ସବ ପାଳନ କରାଯିବା ନେଇ ଏକ ପ୍ରମୁଖ ପ୍ରସ୍ତୁତି ବୈଠକ ଡ. ଗିରୀଶ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବ କମିଟିର ଆବାହକ ତଥା ସାଲେପୁର କଂଗ୍ରେସ ନେତା ହରିବନ୍ଧୁ ଶତପଥୀ ରଜ ଉତ୍ସବ ପାଳନର ଆବଶ୍ୟକତା ଓ ଆଭିମୁଖ୍ୟ ଉପରେ ସୂଚନା ପ୍ରଦାନ କରିଥିଲେ। ଏହା ପରେ ମହୋତ୍ସବ କମିଟିର ବରିଷ୍ଠ ଉପଦେଷ୍ଟା ଆଡଭୋକେଟ ବିଜୟ କେତନ ନାୟକ ଏହି ଉତ୍ସବକୁ ପ୍ରତିବର୍ଷ ବ୍ୟାପକ ଭାବେ ପାଳନ କରିବା ଉପରେ ବିଶେଷ ଗୁରୁତ୍ୱାରୋପ କରିଥିଲେ। କମିଟିର ସଂଯୋଜକ ତଥା ବରିଷ୍ଠ ସାମ୍ବାଦିକ ଅକ୍ଷୟ କୁମାର ଦାଶ ଏହି ରଜ ଉତ୍ସବ ଆୟୋଜନ ସମ୍ପର୍କରେ ସବିଶେଷ ସୂଚନା ଦେଇଥିବା ବେଳେ ଅନ୍ୟତମ ବରିଷ୍ଠ ସଭ୍ୟ ନିଖିଳେଶ ମହାନ୍ତି, ବରିଷ୍ଠ ଶିକ୍ଷକ ବିଷ୍ଣୁଚରଣ ମିଶ୍ର, ସମ୍ବିତ କୁମାର ଦାସ, ଶିକ୍ଷୟିତ୍ରୀ ନାଗମଣି ସ୍ୱାଇଁ ଏବଂ ବୈକୁଣ୍ଠ ନାଥ ସ୍ୱାଇଁ ପ୍ରମୁଖ ବୈଠକରେ ଯୋଗଦେଇ ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଏହି ବୈଠକରେ ହୋଇଥିବା ନିଷ୍ପତ୍ତି ମୁତାବକ, ଆସନ୍ତା ଜୁନ୍ ୧୩, ୧୪ ଓ ୧୫ ତାରିଖ ତିନିଦିନ ଧରି ସାଲେପୁର ହାଇସ୍କୁଲ ପରିସରରେ ଭବ୍ୟ ରଜ ମହୋତ୍ସବ ଆୟୋଜିତ ହେବ। ଏହି ଅବସରରେ ରଜ କୁଇନ୍, ଅଳତା ପିନ୍ଧା, ପୁଚି, କୁଇଜ୍ ଏବଂ ରଜ ସମ୍ପର୍କିତ ଲିଖିତ କବିତା ପ୍ରତିଯୋଗିତା ଆଦି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯିବ।

## ସ୍କୁଟିକୁ ଧକ୍କା ଦେଲା ବସ୍, ଯୁବତୀଙ୍କ ମୃତ୍ୟୁ

**କଟକ,୩୦।୫/ଏନ୍ଏନ୍ଏସ୍:** ଯୋବ୍ରା ଅଞ୍ଚଳରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଜୟ କପିସ୍ ନାମକ ଏକ ଘରୋଇ ବସ୍ ଧକ୍କାରେ ଚାଲିଗଲା ଯୁବତୀଙ୍କ ଜୀବନ। ମୃତ ଯୁବତୀଙ୍କ ନାମ ସ୍ୱାଗତିକା ମହାନ୍ତି ବୋଲି ଜଣାପଡ଼ିଛି। ଘଟଣା ସ୍ଥଳରେ ପୁଲିସ ପହଞ୍ଚି ଯୁବତୀଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡ଼ିକାଲକୁ ପଠାଇଛି। ଉଭୟ ସ୍କୁଟି ଓ ବସ ଜବତ କରି ପୁଲିସ ତଦନ୍ତ ଆରମ୍ଭ କରିଛି।

# ମହିଳା ଅଧିକାର ଅଭିଯାନ ଓ ପ୍ରତିବାଦ ସଭା

**କଟକ,୩୦।୫/ଏନ୍ଏନ୍ଏସ୍:** କଟକ ସଦର ମହିଳା ବିଜେଡ଼ି ପକ୍ଷରୁ ଏକ ମହିଳା ଅଧିକାର ଅଭିଯାନ ଓ ପ୍ରତିବାଦ ସଭା ବାଲିକୁଦାସ୍ଥିତ କ୍ରିଏଟିଭ କନଭେନସନ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ମହିଳା ଉପସଭାନେତ୍ରୀ ରାଜକୁମାରୀ ସ୍ୱାଇଁଙ୍କ ପୌରହିତ୍ୟରେ ଆୟୋଜିତ ଏହି ସଭାରେ ପୂର୍ବତନ ମନ୍ତ୍ରୀ ଚନ୍ଦ୍ରସାରଥୀ ବେହେରା ନାରୀମାନଙ୍କ ଅଧିକାର ପ୍ରଦାନ ପ୍ରସଙ୍ଗରେ ସରକାରଙ୍କ ଟାଳଟୁଳ ନୀତି ବିରୋଧରେ ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛନ୍ତି। କଟକ ଜିଲ୍ଲା ମହିଳା ବିଜେଡି ସଭାପତି ଅନିତା ବେହେରା ମହିଳାଙ୍କ ପାଇଁ ୩୩ପ୍ରତିଶତ ସଂରକ୍ଷଣ ଲାଗୁ କରିବା ଓ ନାରୀ ନିର୍ଯ୍ୟାତନା ରୋକିବାରେ ସରକାର ସଂପୂର୍ଣ୍ଣ ବିଫଳ ହୋଇଥିବା ପ୍ରକାଶ କରିଥିଲେ।



ଶତାଧିକ ମହିଳା ଏହି ପ୍ରତିବାଦ ଶୋଭାଯାତ୍ରାରେ ବାହାରି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସଦର ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମରେ ବିଡ଼ େସଭାପତି ପ୍ରଫୁଲ୍ଲ ସିଂହ, ଜିଲ୍ଲା ପରିଷଦ ସଦସ୍ୟା ଆଶାଲତା ବେହେରା, ସସ୍ମିତା ମହନ୍ତ, କର୍ପୋରେଟର ପୂର୍ଣ୍ଣିମା ସ୍ୱାଇଁ, ବ୍ଲକ ବିଜେଡ଼ି ସଭାପତି ବିଭୂତି ଭୂଷଣ ମହାନ୍ତି, ଇଂ ଅଭିଷେକ ବେହେରା, ପ୍ରମୋଦ ମହାପାତ୍ର ଓ ସଞ୍ଜୟ ବରାଳଙ୍କ ସମେତ ବହୁ ଦଳୀୟ ନେତୃବୃନ୍ଦ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ମାଗୁ ଚା' ଖଟିରେ ପ୍ରଭାତ

**କଟକ,୩୦।୫/ଏନ୍ଏନ୍ଏସ୍:** ଚୌଦ୍ୱାର କଟକର ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳ ପ୍ରାତଃଭ୍ରମଣରେ ଦୈନିକ ନିଜ ନିର୍ବାଚନମଣ୍ଡଳୀର ବିଭିନ୍ନ ୱାର୍ଡ ପରିଦର୍ଶନ କରୁଛନ୍ତି। ଏହି ଅବସରରେ ଡଃ ବିଶ୍ୱାଳ ଆଜି ପ୍ରାତଃଭ୍ରମଣରେ ୫୩ନଂ ୱାର୍ଡ ପରିଦର୍ଶନ କରି ଅନ୍ଦରପୁରସ୍ଥିତ ପ୍ରାଣକୃଷ୍ଣ ପରିଜା ପାର୍କ ସମ୍ମୁଖରେ ଥିବା ୱାର୍ଡର ପ୍ରସିଦ୍ଧ ମାଗୁ ଚା' ଖଟି ଭାବେ ପରିଚିତ ଚା' ଦୋକାନରେ ପହଞ୍ଚିଥିଲେ। ସେଠାରେ ଚା' ପିଇବା ସହ ସ୍ଥାନୀୟ କର୍ପୋରେଟର୍ ଅରବିନ୍ଦ ଜେନା ଏବଂ ୱାର୍ଡର ବହୁ ମୁରବୀଙ୍କ ସହ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଏହି ଚା' ଖଟିରେ ଅନ୍ଦରପୁର ସାହି ଅଧିକାରୀ ପ୍ରମୋଦ ଭୋଳ, ଶୈଳେନ୍ଦ୍ର କୁମାର ଭୋଳ, ସରୋଜ କୁମାର ରାଉତଙ୍କ ସମେତ ବହୁ ୱାର୍ଡବାସୀ ଉପସ୍ଥିତ ଥିଲେ।

# ଶ୍ରୀକ୍ଷେତ୍ର ଟୁ ଆଣ୍ଡ ଟ୍ରାଭେଲ୍ସ ପକ୍ଷରୁ ଜଳସେବା

**କଟକ,୩୦।୫/ଏନ୍ଏନ୍ଏସ୍:** ପ୍ରଚଣ୍ଡ ରୌଦ୍ରତାପରେ ଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଏହି ସମୟରେ ସରକାରୀ ସ୍ତରରୁ ଆରମ୍ଭ କରି ବେସରକାରୀ ଅନୁଷ୍ଠାନମାନେ ବିଭିନ୍ନ ସ୍ଥାନରେ ପ୍ରବଳ ଗ୍ରୀଷ୍ମପ୍ରବାହରୁ ନଜରରେ ରଖି ଜଳସେବା ସେବା କରୁଛନ୍ତି। ଏହି ଅବସରରେ କଟକ ରାଜେନ୍ଦ୍ର ନଗର ୫୨ ନଂ ୱାର୍ଡ ଅନ୍ତର୍ଗତ ଶନି ଦେବଙ୍କ ପିଠରେ ଶ୍ରୀକ୍ଷେତ୍ର ଟୁ ଆଣ୍ଡ ଟ୍ରାଭେଲ୍ସ ପକ୍ଷରୁ ଜଳସେବା କାର୍ଯ୍ୟକ୍ରମ କରାଯାଇଥିଲା। ଗ୍ରୀଷ୍ମପ୍ରବାହ ଜାରି ରହିଥିବା ପର୍ଯ୍ୟନ୍ତ ଏହି ଜଳ ବିତରଣ କେନ୍ଦ୍ର ଚାଲୁ ରହିବ ବୋଲି ଅନୁଷ୍ଠାନର କର୍ମକର୍ତ୍ତାମାନେ ଜଣାଇଛନ୍ତି। ଆଜିର ଜଳ ବିତରଣ କେନ୍ଦ୍ରକୁ ପରିଚାଳନା କରିଥିଲେ ସୂର୍ଯ୍ୟନାରାୟଣ ସ୍ୱାଇଁ, ତୁଷାର କାନ୍ତ ଜେନା ଓ ଅନନ୍ତ କୁମାର ପରିଡ଼ା। ଅନ୍ୟ କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



# ପ୍ରଧାନଶିକ୍ଷୟିତ୍ରୀଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା



**କଟକ,୩୦।୫/ଏନ୍ଏନ୍ଏସ୍:** କଟକ ସଦର ବ୍ଲକ କଲୋନୀ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୌଭାଗ୍ୟ ମଞ୍ଜରୀ ଦାଶଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ତିନିଘରିଆ କ୍ଲଷ୍ଟରର ସିଆରସିସି ଲକ୍ଷ୍ମୀପ୍ରିୟା ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସଭାରେ କଟକ ସଦର ବ୍ଲକ ଶିକ୍ଷା ଅଧିକାରୀ ପିୟଙ୍କା ବେହେରା, ଏବିଇଓ ଅନନ୍ତ ଚରଣ ଦେହୁରୀ, ରବିନ୍ଦ୍ରନାଥ ବେହେରା, ଦେବେନ୍ଦ୍ର ଗମାଙ୍ଗ ୟୁଆର ସିସି ସଂଯୁବଳା ମିଶ୍ର, ସୁରେନ୍ଦ୍ରନାଥ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଦ୍ୟାଳୟର ପ୍ରାକ୍ତନ ଶିକ୍ଷୟତ୍ରୀ ସନ୍ଧ୍ୟାରାଣୀ ଦେଇ ଧନ୍ୟବାଦ ଅର୍ପଣ କରିଥିଲେ। ବ୍ଲକ ଶିକ୍ଷା ଅଧିକାରୀ ପ୍ରିୟଙ୍କା ବେହେରା ତାଙ୍କ ହାତରେ ଶ୍ରୀମତୀ ଦାସଙ୍କ ସେବାନିବୃତ ବେତନ ପେପର ପ୍ରଦାନ କରିଥିଲେ। ସମ୍ବର୍ଦ୍ଧନା ସଭାକୁ ବିଦ୍ୟାଳୟର ଶିକ୍ଷୟତ୍ରୀ ଜ୍ୟୋତିରେଖା ରାଉତ ପରିଚାଳନା କରିଥିଲେ।

ହାଉସିଂବୋର୍ଡ କଲୋନୀରେ ପାନୀୟ ଜଳର ସଂକଟ

# ସମାଧାନ ନହେଲେ ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ ଚେତାବନୀ

**ଆଠଗଡ଼,୩୦।୫/ଏନ୍ଏନ୍ଏସ୍:** ଆଠଗଡ଼ ହାଉସିଂବୋର୍ଡ କଲୋନୀରେ ଦେଖାଦେଇଥିବା ପିଇବା ପାଣିର କୃତ୍ରିମ ଅଭାବକୁ ନେଇ କଲୋନୀବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ସମସ୍ୟା ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ଆନ୍ଦୋଳନର ଦାନା ବାନ୍ଧୁଥିବା ବେଳେ ପ୍ରଶାସନ ସବୁ ଜାଣିଶୁଣି ନୀରବଦ୍ରଷ୍ଟା ସାଜିବା ଏବଂ ସମ୍ପୃକ୍ତ ବିଭାଗର କାର୍ଯ୍ୟଦକ୍ଷତା ଉପରେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗୋଟିଏ ପଟେ ୪୦ ଡିଗ୍ରୀ ଉପରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ଅନ୍ୟପଟେ କଲୋନୀ ବାସିନ୍ଦାଙ୍କୁ ଉପଯୁକ୍ତ ପାଣି ନମିଳିବା ସେମାନଙ୍କ ଜନଜୀବନକୁ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ କରିପକାଇଛି।

ଏହି କଲୋନୀଟି ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍ଏସି) ସଂଲଗ୍ନ ହୋଇ ରହିଥିଲେ ମଧ୍ୟ ଏହା ରାଧାଗୋବିନ୍ଦପୁର ପଞ୍ଚାୟତ ଅଧୀନରେ ରହିଛି। ଏଠାରେ ପିଇବା ଓ ବ୍ୟବହାର୍ଯ୍ୟ ପାଣି ପାଇଁ କେବଳ ପାଇପ୍ ଜଳ ଯୋଗାଣ ହିଁ ଏକମାତ୍ର ମାଧ୍ୟମ ସାଜିଛି। ତେବେ ଜଳ ଉତ୍ତୋଳନ କେନ୍ଦ୍ରର ପମ୍ପ କାମ କରୁନାହିଁ ବୋଲି କହି ପଞ୍ଚାୟତ ପକ୍ଷରୁ ନିଜର ଦାୟିତ୍ୱ ସାରି ଦିଆଯାଇଥିବା ବେଳେ ପଞ୍ଚାୟତର ନିର୍ବାହିତ ଅଧିକାରୀ କିମ୍ବା କନିଷ୍ଠ ଯନ୍ତ୍ରୀ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ ନକରିବା ସେମାନଙ୍କର ଦାୟିତ୍ୱହୀନତାକୁ ଦର୍ଶାଉଛି। ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ମନମୁଖୀ କାର୍ଯ୍ୟକଳାପ ଯୋଗୁଁ କଲୋନୀ ବାସିନ୍ଦାଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଛି। ଏହି କଲୋନୀରେ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଥିବା ବେଳେ ୮୦ ଦଶକରେ ରାଜ୍ୟ ହାଉସିଂବୋର୍ଡ ପକ୍ଷରୁ ଏଠାରେ ୫ଟି ନଳକୂପ ଖନନ କରାଯାଇଥିଲା। ମାତ୍ର ସେଥିମଧ୍ୟରୁ ୨ଟି ନଳକୂପ କେତେକ ଘର ମାଲିକଙ୍କ ବ୍ୟକ୍ତିଗତ ଜାଗା ଭିତରେ ରହିଯାଇଥିବା ବେଳେ ଅନ୍ୟ ୩ଟି ରକ୍ଷଣାବେକ୍ଷଣ ଅଭାବରୁ ଅଚଳ ହୋଇ ପଡ଼ିରହିଛି। ଏହି ସମସ୍ୟାର ଅଭିଯୋଗ ପରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଭୂତଳ ଜଳକୁ ଉଠାଇ ପାଇପ୍ ମାଧ୍ୟମରେ କଲୋନୀବାସୀଙ୍କୁ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଥିଲା, ଯାହା ଏବେ ଏଠାକାର ଏକମାତ୍ର ସାଧନ। ଦୀର୍ଘ ୪୦ ବର୍ଷ ବିତିଯାଇଥିଲେ ମଧ୍ୟ ଏହି ବ୍ୟବସ୍ଥାରେ କୌଣସି ସଂସ୍କାର ଅଣାଯାଇ ପାରିନାହିଁ। ଗୋଟିଏ ପଟେ 'ଜଳ ଜୀବନ ମିଶନ' ଜରିଆରେ ପ୍ରତି ଘରକୁ ପିଇବା ପାଣି ଯୋଗାଇ ଦେବାକୁ ସରକାର ଡିଣ୍ଡିମ ପିଟୁଥିବା ବେଳେ ଏଠାରେ ତାହା ସମ୍ପୂର୍ଣ୍ଣ ଫେଲ୍ ମାରିଛି। ନୂତନ ବିଜେପି ସରକାର ଆସିବା ପରେ କଲୋନୀର ବିକାଶ ହେବା ସହ କାଦୁଅ ରାସ୍ତା ବଦଳରେ ପକ୍କା ରାସ୍ତା, ଡ୍ରେନ୍ ଓ ପାନୀୟ ଜଳ ବ୍ୟବସ୍ଥାରେ ସୁଧାର ଆସିବ ବୋଲି ଅଞ୍ଚଳବାସୀ ଯେଉଁ ଆଶା ରଖିଥିଲେ, ତାହା ଏବେ ସ୍ୱପ୍ନରେ ହିଁ ରହିଯାଇଛି। ପାନୀୟ ଜଳର ସ୍ଥାୟୀ ସମାଧାନ ପାଇଁ କଲୋନୀକୁ ସଂଲଗ୍ନ ଏନଏସିର ଜଳ ଯୋଗାଣ ବ୍ୟବସ୍ଥା ସହ ଜଡ଼ିତ କରିବାକୁ କଲୋନୀବାସୀ ବାରମ୍ବାର ସରକାରଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ସମଗ୍ର ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ହାଉସିଂବୋର୍ଡ ଉନ୍ନୟନ ପରିଷଦ ପକ୍ଷରୁ ସରପଞ୍ଚଙ୍କଠାରୁ ଆରମ୍ଭ କରି ଜିଲ୍ଲାପାଳ, ଉପଜିଲ୍ଲାପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଗୁହାରି କରାଯାଇଥିଲେ ହେଁ ବର୍ଷ ବର୍ଷ ଧରି କେବଳ ପ୍ରତିଶ୍ରୁତି ହିଁ ମିଳୁଛି। ଏହାକୁ ବିଚାରକୁ ନେଇ ଯଥାଶୀଘ୍ର ଯଦି ପିଇବା ପାଣିର ସୁବ୍ୟବସ୍ଥା କରାନଯାଏ, ତେବେ ଆସନ୍ତାକାଲି ପରିଷଦ ପକ୍ଷରୁ ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଚେତାବନୀ ଦିଆଯାଇଛି।

## ୧ରେ କଣ୍ଟାପଡ଼ାରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି

**କଟକ,୩୦।୫/ଏନ୍ଏନ୍ଏସ୍:** ଜୁନ୍ ୧ ତାରିଖ ସୋମବାର କଣ୍ଟାପଡ଼ା ବ୍ଲକ୍ କାର୍ଯ୍ୟାଳୟଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ଏହି ଅଭିଯୋଗ ଶୁଣାଣି ଶିବିର ସକାଳ ୭ଟାରେ ଆରମ୍ଭ ହୋଇ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ଚାଲିବ। ଅଭିଯୋଗକାରୀମାନେ ଏହି ସମୟରେ ଉପସ୍ଥିତ ରହି ନିଜ ଅଭିଯୋଗଗୁଡିକ ପଞ୍ଜିକରଣ କରି ପାଳି ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବା ସହ ଶୃଙ୍ଖଳିତ ଭାବେ ଅଭିଯୋଗ ଶୁଣାଣିରେ ଭାଗ ନେବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଏହି ଶିବିରରେ ଜିଲ୍ଲାପାଳ ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗର ଶୁଣାଣି କରିବେ। ଏଥିସହ ଜିଲ୍ଲାର ବିଭିନ୍ନ ପଞ୍ଚାୟତ ସ୍ତରରେ ହେଉଥିବା ଜନ ଅଭିଯୋଗ ଶୁଣାଣିଗୁଡିକ ମଧ୍ୟ ସକାଳ ୭ଟାଠାରୁ ୧୦ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

## ଦାଦାବଟିକୁ ନେଇ ଫୁଟିଲା ଗୁଳି

**କେନ୍ଦ୍ରାପଡ଼ା,୩୦।୫/ଏନ୍‌ଏନ୍‌ଏସ୍:** ଦାଦା ବଟିକୁ ନେଇ କେନ୍ଦ୍ରାପଡ଼ା ଟାଉନ ଥାନା ଅନ୍ତର୍ଗତ ରଣପଡ଼ା ଓ ଟାଉନ ହାଇସ୍କୁଲ ପଡିଆରେ ଶନିବାର ସନ୍ଧ୍ୟାରେ ୧୦ ରାଉଣ୍ଡ ଗୁଳି ଚାଳନା ହୋଇଛି। ପ୍ରକାଶ ଯେ ରଣପଡ଼ାରେ ଏକ ମସ୍‌ଜିଦର ଉନ୍ନତିକରଣ କାର୍ଯ୍ୟ ଚାଲିଛି। ଏହାର ନିର୍ମାଣ ଦାୟିତ୍ୱ ଜଣେ କାଉନସିଲର ନେଇଛନ୍ତି। କାଉନସିଲରଙ୍କ ଶାଳକ କାମ ବୁଝାବୁଝି କରୁଛନ୍ତି। ଅପରାଧୀ ଗୋଷ୍ଠୀର ସଦସ୍ୟମାନେ କାଉନସିଲରଙ୍କ ଶାଳକଙ୍କୁ ଦାଦା ବଟି ମାଗିଥିଲେ। ହେଲେ ସେ କହିଥିଲେ କାଉନସିଲର ତଥା ତାଙ୍କ ଭିଣୋଇକୁ ବଟି ମାଗିବା ପାଇଁ। ଏଥିରେ ଉତ୍ତ୍ୟକ୍ତ ହୋଇ ଅପରାଧୀ ଗୋଷ୍ଠୀର ସଦସ୍ୟ ଜଣକ ପ୍ରଥମେ ରଣପଡ଼ା ମସଜିଦ ନିକଟରେ ଭୂମିକୁ ଲକ୍ଷ କରି ୫ ରାଉଣ୍ଡ ଓ ପରେ ସେ ନିକଟସ୍ଥ ଟାଉନ ହାଇସ୍କୁଲ ପଡ଼ିଆକୁ ଯାଇ ସେଠାରେ କାଉନସିଲର ଛିଡା ହୋଇଥିବା ସନ୍ଦେହ କରି ସେଠାରେ ମଧ୍ୟ ଭୂମିକୁ ଲକ୍ଷ କରି ଆଉ ୫ ରାଉଣ୍ଡ ଗୁଳି ଚଳାଇଥିଲେ। କାଉନସିଲର ଓ ତାଙ୍କ ଶାଳକଙ୍କୁ ଭୟଭୀତ କରିବା ପାଇଁ ଅପରାଧୀ ଗୋଷ୍ଠୀର ଯୁବକ ଜଣକ ଏହି ଗୁଳି ଚାଳନା କରିଥିବା ପୁଲିସ କହିଛି। କେନ୍ଦ୍ରାପଡ଼ା ଟାଉନ୍ ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଖୋଖା ଜବତ କରିବା ସହ ଜଣେ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି।

## ନବୀନଙ୍କୁ ଭେଟିଲେ ପରିବେଶବିତ୍ ଡ. ରାଜେନ୍ଦ୍ର ସିଂ

**ଭୁବନେଶ୍ୱର,୩୦।୫/ଏନ୍‌ଏନ୍‌ଏସ୍:** କୌଣସି ପରିସ୍ଥିତିରେ ମହାନଦୀ ଜଳ ବଣ୍ଟନରେ ଓଡ଼ିଶାରେ ସ୍ୱାର୍ଥ ହାନୀ ହେବାକୁ ଦେବୁ ନାହିଁ। ବିଜୁ ଜନତା ଦଳର ଲଢ଼େଇ ଜାରି ରହିବ। ଶନିବାର ସନ୍ଧ୍ୟାରେ ନବୀନ ନିବାସରେ ବିଶିଷ୍ଟ ପରିବେଶବିତ୍ ଡ. ରାଜେନ୍ଦ୍ର ସିଂ ସାକ୍ଷାତ କରିବା ଅବସରରେ ଏଭଳି କହିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ସେ କହିଛନ୍ତି ଯେ ମହାନଦୀ ଜଳ ବଣ୍ଟନ ସମସ୍ୟା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଛି। କିଛି ନିଷ୍କର୍ଷ ବି ବାହାରିଛି। ରାଜ୍ୟର ସ୍ୱାର୍ଥକୁ କେବେ ବଳି ଦିଆଯିବ ନାହିଁ। ଉକ୍ତ ଆଲୋଚନାରେ ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, ପୂର୍ବତନ ମନ୍ତ୍ରୀ ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ମହନଦୀ କମିଟିର ସଦସ୍ୟ ନିରଞ୍ଜନ ପୂଜାରୀ ଓ ମହାନଦୀ ବଚାଓ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ ପ୍ରମୁଖ ଭାଗ ନେଇଥିଲେ।

### ଇକୋଲାଇମ୍+: ଶିଳ୍ପ ଆବର୍ଜନା ପାଲଟିଲା ସମାଧାନ

# ଓଡ଼ିଶାର ଅମ୍ଳୀୟ ମାଟିରେ ସଞ୍ଚୟ ହେବ ୧୦-୧୫% ଡିଏପି

**ଭୁବନେଶ୍ୱର,୩୦।୫/ଏନ୍‌ଏନ୍‌ଏସ୍:** ଆଇସିଏଆର-କେନ୍ଦ୍ରୀୟ ଧାନ ଗବେଷଣା ପ୍ରତିଷ୍ଠାନ ଏକ ଅଭିନବ ଉତ୍ପାଦ ଇକୋଲାଇମ୍+ ବିକଶିତ କରିଛି। ଏହା ଶିଳ୍ପ ଉପ-ଉତ୍ପାଦ ଯେପରିକି ସ୍ଲାଗ୍ ଏବଂ ଫ୍ଲାଏ ଆସ୍‌ରୁ ପ୍ରସ୍ତୁତ ଏକ ମୂଲ୍ୟଯୁକ୍ତ ଫର୍ମୁଲେସନ୍ ଯାହା କମ୍ପୋଷ୍ଟ ସହିତ ସମୃଦ୍ଧ ହୋଇଥାଏ। ଏହି ଉତ୍ପାଦ ଓଡ଼ିଶାର ଅମ୍ଳୀୟ ମାଟିରେ ୧୦-୧୫% ଡିଏପି ସଂରକ୍ଷଣ କରିପାରିବ। ଇକୋଲାଇମ୍+ ଅମ୍ଳୀୟ ମାଟି ପରିଚାଳନା ଏବଂ ରାସାୟନିକ ସାର ସଂରକ୍ଷଣର ଏକ ପ୍ରଭାବଶାଳୀ ପ୍ରଯୁକ୍ତିବିଦ୍ୟାର ପ୍ରଦର୍ଶନ କରିଛି। ଦୀର୍ଘସ୍ଥାୟୀ କୃଷି ଏବଂ ବର୍ଜ୍ୟରୁ ସମ୍ପଦ ସୃଷ୍ଟି ପ୍ରୟାସକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଓଡ଼ିଶା ସରକାରଙ୍କ ପାଣ୍ଠିରେ ନିର୍ମିତ ଏକ ପ୍ରକଳ୍ପ (ଏସ୍‌ଏଏଫ୍‌ଏଆର) ଅଧୀନରେ ଏହି ପ୍ରଯୁକ୍ତିବିଦ୍ୟା ବିକଶିତ କରାଯାଇଛି। ଏହାବ୍ୟତୀତ ଏହି ଉତ୍ପାଦ କ୍ୟାଲସିୟମ, ମ୍ୟାଗ୍ନେସିୟମ, ଫସଫରସ୍, ସିଲିକନ୍, ପୋଟାସିୟମ ଏବଂ ଜିଙ୍କ୍ ଭଳି ଗୁରୁତ୍ୱପୂର୍ଣ୍ଣ ଉଦ୍ଭିଦ ପୋଷକ ତତ୍ତ୍ୱ ଯୋଗାଇଥାଏ। ଏହା ଫସଲର ଉନ୍ନତ ବୃଦ୍ଧି ଏବଂ ମାଟିର ଉର୍ବରତାକୁ ସମର୍ଥନ କରେ। କ୍ରୋମିୟମ ଭଳି କ୍ଷତିକାରକ ଉପାଦାନଗୁଡ଼ିକ ସାର ନିୟନ୍ତ୍ରଣ ଆଦେଶ (ଏଫସିଓ) ନିର୍ଦ୍ଦେଶାବଳୀ ଅନୁଯାୟୀ ନିର୍ଦ୍ଧାରିତ ଅନୁମୋଦିତ ସୀମା ମଧ୍ୟରେ ରହିଛି ବୋଲି ବୈଜ୍ଞାନିକ ବିଶ୍ଳେଷଣ ନିଶ୍ଚିତ କରିଛି।

ଓଡ଼ିଶାର ଛଅଟି ଜିଲ୍ଲା କଟକ, ଢେଙ୍କାନାଳ, ଯାଜପୁର, ସୁନ୍ଦରଗଡ଼, ଅନୁଗୁଳ ଏବଂ ଝାରସୁଗୁଡାରେ ୧୦୦୦ ହେକ୍ଟରରୁ ଅଧିକ ଜମିରେ ମୃତ୍ତିକା ପରୀକ୍ଷା ଏବଂ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ ପରେ ଇକୋଲାଇମ୍+ ର କ୍ଷେତ୍ର ମୂଲ୍ୟାଙ୍କନ କରାଯାଇଛି। ମୃତ୍ତିକା ପରୀକ୍ଷା ପରେ ପ୍ରାୟ ୧୬୦୦ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ପ୍ରସ୍ତୁତ କରାଯାଇ ଚାଷୀମାନଙ୍କୁ ବଣ୍ଟନ କରାଯାଇଥିଲା ଏବଂ ବିଭିନ୍ନ ଜିଲ୍ଲାର ପ୍ରାୟ ୧୫୦୦ ଚାଷୀଙ୍କୁ ତାଲିମ ଦିଆଯାଇଥିଲା। ଏହି ଉତ୍ପାଦକୁ ଧାନ ଓ ଡାଲି ଫସଲ ପ୍ରଣାଳୀ ଏବଂ କାଜୁ, ଲେମ୍ବୁ, ନଡ଼ିଆ ଓ ଆମ୍ବ ସମେତ ଉଦ୍ୟାନ କୃଷି ଫସଲରେ ସଫଳତାର ସହ ପରୀକ୍ଷଣ କରାଯାଇଛି।

ଚାଷୀଙ୍କ କ୍ଷେତ ଅନୁକୂଳ ପରୀକ୍ଷଣରୁ ବେଶ ଲାଭପ୍ରଦ




ଫଳାଫଳ ମିଳିଛି। ତଥ୍ୟ ଅନୁଯାୟୀ ଧାନ ଅମଳରେ ୮-୧୬% ବୃଦ୍ଧି ଦେଖିବାକୁ ମିଳିଛି। ମୁଗ ଅମଳରେ ୧୨-୧୯% ବୃଦ୍ଧି ସହିତ ମାଟିର ପିଏଚ୍‌ରେ ୨-୧୦% ଉନ୍ନତି ଏବଂ ଫସଫରସ୍ ଉପଲବ୍ଧତାରେ ପ୍ରାୟ ୧୫% ବୃଦ୍ଧି ଦେଖିବାକୁ ମିଳିଛି। ଉନ୍ନତ ପୋଷକ ତତ୍ତ୍ୱ ଉପଲବ୍ଧତା ଡିଏପି ଭଳି ରାସାୟନିକ ସାରର ଆବଶ୍ୟକତାକୁ ପ୍ରାୟ ୧୦-୧୫% ହ୍ରାସ କରିପାରିବ। ଏହାଦ୍ୱାରା ଚାଷୀଙ୍କ ଚାଷ ଖର୍ଚ୍ଚ ହ୍ରାସ ପାଇବ। ବିଭିନ୍ନ ଜିଲ୍ଲାର ଚାଷୀମାନେ ଏହି ପ୍ରଯୁକ୍ତିବିଦ୍ୟା ପ୍ରତି ସକାରାତ୍ମକ ପ୍ରତିକ୍ରିୟା ଦେଇଛନ୍ତି ଏବଂ ଏହି ପଦକ୍ଷେପକୁ ଓଡ଼ିଶା ସରକାରଙ୍କଠାରୁ ମଧ୍ୟ ପ୍ରଶଂସା ମିଳିଛି। ପେଟେଣ୍ଟ ସୁରକ୍ଷା ପାଇଁ ଏହି ପ୍ରଯୁକ୍ତି ବିଦ୍ୟାକୁ ପ୍ରୟୋଗ କରାଯାଇଛି।

ଆଇସିଏଆର-ସିଆରଆରଆଇର ଫସଲ ଉତ୍ପାଦନ ବିଭାଗର ପ୍ରମୁଖ ବୈଜ୍ଞାନିକ ଏବଂ ଉତ୍ପାଦର ବିକାଶ ମୁଖ୍ୟ ମୁଖ୍ୟ ଡକ୍ଟର ପ୍ରତାପ ଭଟ୍ଟାଚାର୍ଯ୍ୟ କହିଛନ୍ତି, ଇକୋଲାଇମ+ କୁ ବହୁଳ ମାତ୍ରାରେ ଗ୍ରହଣ କରିବା ଦ୍ୱାରା ଓଡିଶାରେ ଫ୍ଲାଏ ଆସ୍ ଏବଂ ସ୍ଲାଗ୍ ଭଳି ଶିଳ୍ପ ଅପଚୟକୁ ମୂଲ୍ୟବାନ କୃଷି ସମ୍ପଦରେ ପରିଣତ କରାଯାଇପାରିବ। ଏହାଦ୍ୱାରା ରାସାୟନିକ ସାର ହ୍ରାସ କରାଯାଇପାରିବ ଯାହା ଚକ୍ରାକାର ଅର୍ଥବ୍ୟବସ୍ଥା, ପରିବେଶଗତ ସ୍ଥିରତା ଏବଂ କୃଷି ଉତ୍ପାଦକତାକୁ ବୃଦ୍ଧି କରିବାରେ ସହାୟକ ହୋଇପାରିବ। ଏହି ଉଦ୍ଭାବନ କୃଷକମାନଙ୍କ ପାଇଁ ଜଳବାୟୁ-ପ୍ରତିରୋଧୀ ଏବଂ ଦୀର୍ଘସ୍ଥାୟୀ କୃଷି ପ୍ରଯୁକ୍ତିବିଦ୍ୟା ପ୍ରତି ଭାରତୀୟ କୃଷି ଗବେଷଣା ପରିଷଦର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ।



ବରିଷ୍ଠ ନେତା ଓ ମନ୍ତ୍ରୀଙ୍କ ଉପସ୍ଥିତିରେ ବିଜେପି ନେତା ଦେବାଶିଷ ସାମନ୍ତରାୟଙ୍କୁ ଶୁଭେଚ୍ଛା ଜଣାଉଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

### ମହାନଦୀରେ ବାଲି ସତ୍ୟାଗ୍ରହ

## ଛତିଶଗଡ଼ରେ କଲମା ବ୍ୟାରେଜ୍ ଗେଟ୍ ବନ୍ଦକୁ ବିରୋଧ

**କଟକ,୩୦।୫/ଏନ୍‌ଏନ୍‌ଏସ୍:** ମହାନଦୀ ବଞ୍ଚାଓ ଆନ୍ଦୋଳନ ପକ୍ଷରୁ ଶନିବାର କଟକର ଯୋବ୍ରା ଆନିକଟ ତଳେ ଛିନ୍ନ ମସ୍ତକ ଘାଟ ନିକଟରେ ବାଲି ସତ୍ୟାଗ୍ରହ ଆୟୋଜିତ ହୋଇଯାଇଛି। ଟ୍ରିବ୍ୟୁନାଲ ନିକଟରେ ଦାଖଲ ହୋଇଥିବା ମହାନଦୀରେ ଉପଲବ୍ଧ ଜଳରାଶିର ବିଭ୍ରାନ୍ତିକର ତଥ୍ୟକୁ ପ୍ରତ୍ୟାହାର, କଲମା ବ୍ୟାରେଜ ଗେଟଗୁଡିକୁ ଖୋଲାରଖି ଖରାଦିନେ ଛତିଶଗଡ଼ ଓଡିଶାକୁ ପାଣି ଛାଡ଼ିବା ଓ ଛତିଶଗଡ଼ରେ ବେଆଇନ ଭାବରେ ନିର୍ମିତେ ଜଳ ପ୍ରକଳ୍ପଗୁଡିକୁ ଅସିଦ୍ଧ ଘୋଷଣା କରିବା ଇତ୍ୟାଦି ଦାବି ନେଇ ଏହି ବାଲି ସତ୍ୟାଗ୍ରହ ଅନୁଷ୍ଠିତ ହୋଇଥିଲା। ଏହି ବାଲି ସତ୍ୟାଗ୍ରହରେ ଯୋଗଦେଇ ଜଳ ପୁରୁଷ ଡ଼ .ରାଜେନ୍ଦ୍ର ସିଂହ କହିଥିଲେ ଯେ ଟ୍ରିବ୍ୟୁନାଲରେ ଯେଉଁ ତଥ୍ୟ ଉଭୟ ଓଡିଶା ଓ ଛତିଶଗଡ଼ ସରକାରଙ୍କ ଯୁଗ୍ମ ବୈଷୟିକ କମିଟି ଦେଇଛନ୍ତି ତାହା ଓଡିଶା ଓ ମହାନଦୀ ପ୍ରତି ବିଶ୍ୱାସ ଘାତକତା। ଏଭଳି ତଥ୍ୟ ଓଡ଼ିଶାକୁ ତାର ଅଧିକାର ପାଇବା କ୍ଷେତ୍ରରେ ବାଧା ସୃଷ୍ଟି କରିବ। ମହାନଦୀ ମଧ୍ୟ ତାର ଅଧିକାର ହରାଇବ। ଛତିଶଗଡ଼ ବେଆଇନ ଭାବରେ ଯେଉଁ ନଦୀ ଜଳ ପ୍ରକଳ୍ପ କରିଛି ସେଗୁଡିକୁ କାର୍ଯ୍ୟକ୍ଷମ ନ କରିବା ପାଇଁ ସେ ଦାବି କରିଥିଲେ। ମହାନଦୀ ବଞ୍ଚାଓ ଆନ୍ଦୋଳନର ଆବାହକ ସୁସର୍ଶନ ଦାସ କହିଥିଲେ ଯେ ମହାନଦୀ ବେସିନରେ ଯଦି ୬୨.୩୬ ମିଲିୟନ ଏକର ଫୁଟ, ନରାଜରେରେ ୫୬.୨୯, ହୀରାକୁଦ ଉପରମୁଣ୍ଡରେ ୩୨.୮୩ ଓ ଛତିଶଗଡ଼ ଓ ଓଡିଶା ସୀମାରେ ୨୮.୪୮ ମିଲିୟନ ଏକର ଫୁଟ ପାଣି ମହଜୁଦ ଅଛି ତେବେ ଗ୍ରୀଷ୍ମ ଋତୁରେ ଆମେ କାହିଁକି ଜଳ କଷ୍ଟ ଭୋଗୁଛୁ ? ବାର୍ଷିକ ହାରାହାରି ଡାଟା ଭିତରେ ଓଡ଼ିଶାର ଅଣ ମୌସୁମୀ ସମୟରେ ଓଡ଼ିଶାର ଦୁଃଖ ଲୁଚି ଯାଉଛି ଏବଂ ସରକାରଙ୍କୁ ତାହା ଦେଖା ନଯିବା ଦୁର୍ଭାଗ୍ୟର ବିଷୟ। କଟକର ବିଭିନ୍ନ ସ୍ଥାନରୁ ଶତାଧିକ ଆନ୍ଦୋଳନକାରୀ ଆଜିର ବାଲି ସତ୍ୟାଗ୍ରହରେ ଯୋଗ ଦେଇଥିଲେ। କଟକ ସଦର ବିକାଶ ମଞ୍ଚ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲା। ଏହାର ସଭାପତି ପ୍ରବୋଧ ବେହେରାଙ୍କ ସମେତ ଦେବେନ୍ଦ୍ର ସୁରାର, ମନୋଜ ପତି, ଦୀପକ ସାମନ୍ତରାୟ, ହରିବନ୍ଧୁ ଶତପଥୀ, ରମାକାନ୍ତ ମଣ୍ଡଳ, ପ୍ରସନ୍ନ ବିଶୋଇ, ବିଜ୍ଞାନ ଭୂୟାଁ, ବୈକୁଣ୍ଠ ସ୍ୱାଇଁ, ନିଗମ ପଣ୍ଡା, ରେହେମନ ଖାଁ ପ୍ରମୁଖ ଏହାର ନେରୁତ୍ୱ ନେଇଥିଲେ।



### ନିର୍ମାଣ ସାମଗ୍ରୀର ମୂଲ୍ୟ ନିର୍ଦ୍ଧାରଣ ସମୀକ୍ଷା ବୈଠକ

## ମୂଲ୍ୟ ନିର୍ଦ୍ଧାରଣ ପ୍ରକ୍ରିୟା ଶୀଘ୍ର ଶେଷ କରିବାକୁ ନିର୍ଦ୍ଦେଶ



**ଭୁବନେଶ୍ୱର,୩୦।୫/ଏନ୍‌ଏନ୍‌ଏସ୍:** ରାଜ୍ୟରେ ଉଚ୍ଚ ମାନର କୋଠାବାଡ଼ି, ରାସ୍ତା ଓ ସେତୁ ସହ ଭିତ୍ତିଭୂମି ନିର୍ମାଣକୁ ରାଜ୍ୟ ସରକାର ଗୁରୁତ୍ୱ ଦେଇ ଆସୁଛନ୍ତି। ନିର୍ମାଣ କ୍ଷେତ୍ରରେ ଗୁଣଯୁକ୍ତ ସାମଗ୍ରୀର ବ୍ୟବହାର ଭିତ୍ତିଭୂମିର ସ୍ଥାୟିତ୍ୱକୁ ବୃଦ୍ଧି କରିଥାଏ। ଅନ୍ୟ ପକ୍ଷରେ ନିର୍ମାଣ ସାମଗ୍ରୀର ସଠିକ୍ ମୂଲ୍ୟ ନିର୍ଦ୍ଧାରଣ ପ୍ରକଳ୍ପର ସ୍ୱଚ୍ଛତା ଓ ନିର୍ମାଣ ପ୍ରକ୍ରିୟାକୁ ତ୍ୱରିତ ଗତିରେ ଆଗକୁ ନେବା ସହ ସରକାରୀ ଅର୍ଥର ସଠିକ୍ ଉପଯୋଗକୁ ପ୍ରୋତ୍ସାହିତ କରିଥାଏ। ଏହାକୁ ଲକ୍ଷ୍ୟ ରଖି ଶନିବାର ନିର୍ମାଣ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ନିର୍ମାଣ ସାମଗ୍ରୀର ମୂଲ୍ୟ ନିର୍ଦ୍ଧାରଣ ସମ୍ପର୍କିତ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି।

ଲୋକସେବା ଭବନସ୍ଥିତ ବିଭାଗୀୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ କେନ୍ଦ୍ର ସରକାରଙ୍କ ନିର୍ମାଣ ବିଭାଗ, କେନ୍ଦ୍ର ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ, ରାଜ୍ୟ ଶ୍ରମ ଆୟୋଗ, ଓଡ଼ିଶା ବନ ଉନ୍ନୟନ କର୍ପୋରେସନ୍, ଆଇଓସିଏଲ୍, ଏଚ୍‌ପିସିଏଲ୍, ବିପିସିଏଲ୍ ଆଦି ପକ୍ଷରୁ ଜାରି ବିଜ୍ଞପ୍ତି ଓ ମୂଲ୍ୟକୁ ତର୍ଜମା କରି ରାଜ୍ୟରେ ଯେଉଳି ସଠିକ୍ ଏବଂ ସର୍ବଶ୍ରେଷ୍ଠ ନିର୍ମାଣ ସାମଗ୍ରୀର ମୂଲ୍ୟ ନିର୍ଦ୍ଧାରଣ କରାଯିବ, ସେଥି ନେଇ ଆଲୋଚନା ହୋଇଥିଲା। ଏଥିରେ ବାଲି, ଗୋଡ଼ି, ସିମେଣ୍ଟ, ଇଟା, ପିଚୁ ଠାରୁ ଆରମ୍ଭ କରି ବୈଦ୍ୟୁତିକ ସାମଗ୍ରୀ, ଫର୍ଣ୍ଣିଚର ଏବଂ କୋଠାବାଡ଼ି, ରାସ୍ତା, ସେତୁ ଆଦିର ନିର୍ମାଣରେ ବ୍ୟବହୃତ ବିଭିନ୍ନ ସାମଗ୍ରୀର ସଠିକ୍ ମୂଲ୍ୟ ନିର୍ଦ୍ଧାରଣ ଏବଂ ଏ ସମ୍ପର୍କିତ ପ୍ରକ୍ରିୟା ଅବଲମ୍ବନ ନେଇ ଆଲୋଚନା ହୋଇଥିଲା। ଏହି ପ୍ରକ୍ରିୟାକୁ ଶୀଘ୍ର ଶେଷ କରି ନିର୍ମାଣ ପ୍ରକ୍ରିୟାକୁ ଆଗେଇ ନେବା ପାଇଁ ପ୍ରମୁଖ ଶାସନ ସଚିବ ଶ୍ରୀ ସିଂହ ବୈଠକରେ ପରାମର୍ଶ ଦେଇଥିଲେ। ଏହି ବୈଠକରେ ନିର୍ମାଣ ବିଭାଗର ଇଆଇସି ତଥା ସ୍ୱତନ୍ତ୍ର ଶାସନ ସଚିବ ଇଂ. ଏଲ୍.କେ. ପାଢ଼ୀ, ଇଆଇସି (ସିଭିଲ୍) ଇଂ ସତ୍ୟବ୍ରତ ବେହେରା, ଇଆଇସି (ଡିଜାଇନ୍, ପ୍ଲାନିଂ ଓ କୋର୍ଡ଼ିନେସନ୍) ଇଂ ସମୀର ହୋତା, ଇଆଇସି ରୋଡ୍ସ ଇଂ ଧାନଚାନ୍ଦ ନାୟକ, ମୁଖ୍ୟଯନ୍ତ୍ରୀ ଇଂ ପ୍ରିୟବ୍ରତ ସାମନ୍ତରାୟ, ମୁଖ୍ୟଯନ୍ତ୍ରୀ ଇଂ ଶିବବ୍ରତ ତରିଆ, ମୁଖ୍ୟଯନ୍ତ୍ରୀ ଇଂ ଅରବିନ୍ଦ ତ୍ରିପାଠୀ, ଅର୍ଥ ପରାମର୍ଶଦାତା ରତୀକାନ୍ତ ମହାପାତ୍ରଙ୍କ ସମେତ ଜଳସମ୍ପଦ, ଗୃହ ଓ ନଗର ଉନ୍ନୟନ, ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଭତ୍ତା ପ୍ରଦାନରେ ବିଳମ୍ବ

## ସରକାରଙ୍କ ଉପରେ ବର୍ଷିଲା ବିଜେଡି

**ଭୁବନେଶ୍ୱର,୩୦।୫/ଏନ୍‌ଏନ୍‌ଏସ୍:** ରାଜ୍ୟର ବୟସ୍କ, ଭିନ୍ନକ୍ଷମ ଓ ବିଧବା ମାନଙ୍କୁ ୨ ମାସ ହେଲା ଭତ୍ତା ମିଳୁନି। ପ୍ରତିଦିନ ଭତ୍ତା ପାଇବା ପାଇଁ ପଞ୍ଚାୟତ ଅଫିସ୍, ବ୍ୟାଙ୍କ ଆଗରେ ଧାଡ଼ିରେ ଛିଡ଼ା ହୋଇ ହିତାଧିକାରୀମାନେ ଅକଥନୀୟ ଦୁର୍ଦ୍ଦଶା ଭୋଗୁଥିବା କହି ବିଜୁ ଜନତା ଦଳ ରାଜ୍ୟ ସରକାରଙ୍କ ଉପରେ ପ୍ରବଳ ବର୍ଷିଛି।



ଶନିବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ଦଳର ନୟାଗଡ଼ ବିଧାୟକ ଡ଼ ଅରୁଣ ସାହୁ, ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଓ ଦଳର ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ କହିଛନ୍ତି ଯେ, ବିଜେପି ସରକାରକୁ ଆସିବା ପରେ ସବୁ କ୍ଷେତ୍ରରେ ଲୋକଙ୍କୁ ଧାଡ଼ିରେ ଛିଡ଼ା କରାଉଛି। ବୟସ୍କଙ୍କୁ ଧାଡ଼ିରେ ଛିଡ଼ା କରାଇ ସରକାର ତାଙ୍କୁ ଯେଉଁ ଯନ୍ତ୍ରଣା ଦେଉଛନ୍ତି ତାହା ଅତ୍ୟନ୍ତ ନିନ୍ଦନୀୟ।

ଡ଼ ସାହୁ କହିଛନ୍ତି ଯେ ଡିଜିଟାଲ ଇଣ୍ଡିଆର ବାହାବାହା ନେଉଥିବା ଡବଲ ଇଞ୍ଜିନ ସରକାର ଅସହାୟମାନଙ୍କୁ ଆକାଉଣ୍ଟ ମାଧ୍ୟମରେ କି ଘର ପାଖରେ ଭତ୍ତା ଦେଇପାରୁନି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘରେ ଭତ୍ତା ପହଞ୍ଚାଇବାର ବ୍ୟବସ୍ଥା କରିଥିଲେ। କିନ୍ତୁ ବର୍ତ୍ତମାନର ସରକାର ବୟସ୍କଙ୍କୁ ଖର୍ଚ୍ଚାନ୍ତ କରାଇ ଧାଡ଼ିରେ ଛିଡ଼ା କରାଉଛନ୍ତି। ଶ୍ରୀମତୀ ମଲ୍ଲିକ କହିଛନ୍ତି ଯେ ପ୍ରତି ମାସର ୧୫ ତାରିଖ ପୂର୍ବରୁ ହିତାଧିକାରୀମାନଙ୍କ ଘରେ ଭତ୍ତା ପହଞ୍ଚାଇବାର ଯେଉଁ ବ୍ୟବସ୍ଥା ନବୀନ ବାବୁ କରିଥିଲେ, ସେ ବ୍ୟବସ୍ଥାକୁ ସରକାର ସମ୍ପୂର୍ଣ୍ଣ ବନ୍ଦ କରିଦେଇଛନ୍ତି। ନବୀନ ବାବୁ ଭତ୍ତାର ପରିମାଣ ୩୦୦ ଟଙ୍କାରୁ ବୃଦ୍ଧି କରି ୧୦୦୦ ଟଙ୍କା କରିଥିଲେ। ମଧୁବାବୁ ପେନ୍‌ସନ୍ ଯୋଜନାରେ ୧୨ ଲକ୍ଷରୁ ୩୮ ଲକ୍ଷ ଲୋକଙ୍କୁ ସାମିଲ କରିଥିଲେ। କିନ୍ତୁ ବିଜେପି ସରକାର କ୍ଷମତାକୁ ଆସିଲା ପରେ ବୟସ୍କ ମାନଙ୍କୁ ଏଭଳି ହଇରାଣହରକତ କରି କି ଆନନ୍ଦ ପାଉଛନ୍ତି ବୋଲି ଶ୍ରୀମତୀ ମଲ୍ଲିକ ପ୍ରଶ୍ନ କରିଛନ୍ତି। ଶ୍ରୀ ଦାସ କହିଛନ୍ତି ଯେ ନବୀନ ପଟ୍ଟନାୟକଙ୍କ ଶାସନ ସମୟରେ ହୋଇଥିବା ବିଭିନ୍ନ ଯୋଜନା ମଧ୍ୟରୁ ଏକ ଉଲ୍ଲେଖନୀୟ ଯୋଜନା ହେଲା ମଧୁବାବୁ ପେନସନ ଯୋଜନା। କିନ୍ତୁ ଯେବେଠୁ ବିଜେପି ସରକାରକୁ ଆସିଛି, ସେବେଠୁ ବୃଦ୍ଧବୃଦ୍ଧା, ଭିନ୍ନକ୍ଷମ, ବିଧବା ଓ ଅସହାୟମାନେ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ପଞ୍ଚାୟତ ଅଫିସ୍, ବ୍ୟାଙ୍କ ଆଗରେ ଯେଉଁପରି ଅସହାୟ ଅବସ୍ଥାରେ ହିତାଧିକାରୀ ବସୁଛନ୍ତି ତାହା ସମଗ୍ର ରାଜ୍ୟବାସୀଙ୍କୁ ବିଚଳିତ କରୁଛି। ଏ ସରକାର ପାଖରେ ସମ୍ବେଦନଶୀଳତା ବୋଲି କିଛି ନାହିଁ। ବୟସ୍କଙ୍କୁ ଧାଡ଼ିରେ ଛିଡ଼ା କରାଇ ଯନ୍ତ୍ରଣା ଦେଉଥିବା ଏ ସରକାରକୁ ଆଗାମୀ ଦିନରେ ଓଡ଼ିଶାବାସୀ ଉଚିତ୍ ଜବାବ ଦେବେ ବୋଲି ଶ୍ରୀ ଦାସ କହିଛନ୍ତି।



# ପାଣି ପାଇଁ ରାସ୍ତାରୋକ, ଯାତାୟାତ ବାଧାପ୍ରାପ୍ତ

**ଫୁଲବାଣୀ,୩୦।୫/ଏନ୍ଏନ୍ଏସ୍:** ଫୁଲବାଣୀ ପୌରାଞ୍ଚଳର ଅନେକ ସାହିକୁ ବିଶୁଦ୍ଧ ପାନୀୟଜଳ ଯୋଗାଣର ବ୍ୟବସ୍ଥା ଆଜିପର୍ଯ୍ୟନ୍ତ ହୋଇପାରି ନାହିଁ। ଫଳରେ ସାହିବାସିନ୍ଦା ଖରାଦିନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପୌରପରିଷଦର ୯ ନମ୍ବର ୱାର୍ଡ ଅନ୍ତର୍ଗତ ଚିତ୍ରକୁଟ ସାହିରେ ଦୀର୍ଘଦିନ ଧରି ଏଭଳି ସମସ୍ୟା ଲାଗି ରହିଛି। ପାଣି ପାଇଁ କୌଣସି ସ୍ଥାୟୀ ବ୍ୟବସ୍ଥା ନଥିବାରୁ ଏହି ସାହିର ୪ ଶହରୁ ଊର୍ଦ୍ଧ୍ୱ ଜନସାଧାରଣ ହନ୍ତସନ୍ତ ହେଉଛନ୍ତି। ଏନେଇ ବହୁବାର ପୌରପରିଷଦକୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଫଳରେ ବାଧହୋଇ ଶନିବାର ଚିତ୍ରକୁଟ ସାହିର

## ପ୍ରତିଶ୍ରୁତି ପରେ ହଟିଲା ରାସ୍ତାରୋକ

ମହିଳାମାନେ ସ୍ଥାନୀୟ ଏଫ୍‌ସିଆଇ ଛକ ନିକଟରେ ଜାତୀୟ ରାଜପଥ ୫୭କୁ ଅବରୋଧ କରିଥିଲେ। ହାଣ୍ଡି, ମାଠିଆ ଧରି ରାସ୍ତା ଉପରେ ବସି ରହିଥିଲେ। ଫଳରେ ଫୁଲବାଣୀ-ଭୁବନେଶ୍ୱର ରାସ୍ତାରେ ପ୍ରାୟ ୩ ଘଣ୍ଟା ଧରି ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଘଟଣାସ୍ଥଳରେ ପୁଲିସ୍ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲା। ପରେ ଜନସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ ପହଞ୍ଚି ଲୋକଙ୍କ ସହିତ ଆଲୋଚନା କରିଥିଲେ। ତେବେ ତୁରନ୍ତ ୨ଟି ଟ୍ୟାଙ୍କର୍‌ରେ ପାଣି ଯୋଗାଇ ଦେବାସହ ୭ ଦିନ ମଧ୍ୟରେ ପାନୀୟଜଳର ସ୍ଥାୟୀ ବ୍ୟବସ୍ଥା ପାଇଁ ପ୍ରତିଶ୍ରୁତି ମିଳିବା ପରେ ଲୋକେ ଧାରଣାରୁ ହଟିଥିଲେ।



# ଲୋଚାପଡ଼ା ବୁଥ୍‌ରେ ଉପଜିଲ୍ଲାପାଳଙ୍କ ଏସ୍‌ଆଇଆର୍ କାର୍ଯ୍ୟ ତଦାରଖ



**ବ୍ରହ୍ମପୁର,୩୦।୫/ଏନ୍ଏନ୍ଏସ୍:** ସମଗ୍ର ଗଞ୍ଜାମ ଜିଲ୍ଲାରେ ଶନିବାରରୁ ଜୁନ୍ ୨୮ ତାରିଖ ପର୍ଯ୍ୟନ୍ତ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ପରିଗଣନା ଫର୍ମ ବଣ୍ଟନ ଓ ସଂଗ୍ରହ କାର୍ଯ୍ୟକ୍ରମ ଚାଲିବ। ଏସ୍‌ଆଇଆର୍ କାର୍ଯ୍ୟକ୍ରମ ଅଧୀନରେ ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର ଲୋଚାପଡ଼ା ବୁଥ୍ ପରିଦର୍ଶନ କରି ପରିଗଣନା ଫର୍ମ ବଣ୍ଟନ କାର୍ଯ୍ୟ ତଦାରଖ କରିବା ସହ ଭୋଟର୍‌ଙ୍କୁ ଫର୍ମ ବାଣ୍ଟିଥିଲେ। ଉପଜିଲ୍ଲାପାଳଙ୍କ ଉପସ୍ଥିତିରେ ବିଏଲ୍‌ଓମାନେ ଘରକୁ ଘର ଯାଇ ଭୋଟର୍‌ଙ୍କୁ ପରିଗଣନ ଫର୍ମ ବିତରଣ କରି ଫର୍ମ ପୂରଣ ପ୍ରକ୍ରିୟା ସମ୍ପର୍କରେ ସବିଶେଷ ବୁଝାଇଥିଲେ। ଏହି ସମୟରେ ଏଇଆର୍‌ଓ, କୁକୁଡ଼ାଖଣ୍ଡି ଏବିଡିଓ ତଥା ଅନ୍ୟ ବିଭାଗୀୟ ଅଧିକାରୀ, ବିଏଲ୍‌ଓ, ସୁପରଭାଇଜର୍ ଓ ବୁଥ୍‌ସ୍ତରୀୟ ଅଫିସର୍ ଉପସ୍ଥିତ ଥିଲେ। ଉପଜିଲ୍ଲାପାଳ ଭୋଟର୍‌ଙ୍କ ସହ ଆଲୋଚନା କରି ଏସ୍‌ଆଇଆର୍‌ର ଉଦ୍ଦେଶ୍ୟ ଓ ଆବଶ୍ୟକ ପ୍ରମାଣପତ୍ର ବିଷୟରେ ଅବଗତ କରାଇଥିଲେ। ବିଏଲ୍‌ଓଙ୍କୁ ନିଷ୍ଠାର ସହ ଘରକୁ ଘର ପରିଦର୍ଶନ କରି ତଥ୍ୟ ସଂଗ୍ରହ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

# ବୁଥ୍‌ସ୍ତରୀୟ ଅଧିକାରୀଙ୍କୁ ଛତା ବାଣ୍ଟିଲେ କର୍ପୋରେଟର୍



**ବ୍ରହ୍ମପୁର,୩୦।୫/ଏନ୍ଏନ୍ଏସ୍:** ବ୍ରହ୍ମପୁରରେ ସ୍ୱତନ୍ତ୍ର ସଘନ ସଂଶୋଧନ ତଥା ଏସ୍‌ଆଇଆର୍ କାର୍ଯ୍ୟକ୍ରମ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଇଛି। ଏହି ପରିପ୍ରେକ୍ଷୀରେ ମହାନଗର ନିଗମର ୱାର୍ଡ ନଂ ୩୨ ଅଞ୍ଚଳରେ ଏହି କାର୍ଯ୍ୟ ଲାଗି ନିୟୋଜିତ ବୁଥ୍‌ସ୍ତରୀୟ ଅଧିକାରୀଙ୍କୁ ଛତା ବଣ୍ଟାଯାଇଛି। ପ୍ରଚଣ୍ଡ ଖରାକୁ ଦୃଷ୍ଟିରେ ରଖି କର୍ପୋରେଟର୍ ସୁରେନ୍ଦ୍ର ମହାରଣା ନିଜେ ଘର ଘର ବୁଲି କାର୍ଯ୍ୟରେ ସହଯୋଗ କରିବା ସହ ବୁଥ୍‌ସ୍ତରୀୟ ଅଧିକାରୀଙ୍କୁ ଛତା ବାଣ୍ଟିଥିଲେ। ପ୍ରାୟ ୨୫ ଜଣଙ୍କୁ ମାଗଣାରେ ଏପରି ଛତା ବଣ୍ଟାଯିବ ବୋଲି କର୍ପୋରେଟର୍ ଶ୍ରୀ ମହାରଣା କହିଛନ୍ତି। ୨୦୨୬ ମେ’ ୩୦ରୁ ଜୁନ୍ ୨୮ ପର୍ଯ୍ୟନ୍ତ ବୁଥ୍‌ସ୍ତରୀୟ ଅଧିକାରୀମାନେ ଘରକୁ ଘର ଯାଇ ପରିଗଣନା ଫର୍ମ ବଣ୍ଟନ ଓ ସଂଗ୍ରହ କରିବେ।

# ବାଲି ଚୋରାଚାଲାଣ, ୨ ଗିରଫ



**ବୁଗୁଡ଼ା,୩୦।୫/ଏନ୍ଏନ୍ଏସ୍:** ବୁଗୁଡ଼ା ତହସିଲ୍‌ରେ ବାଲି ଚୋରାଚାଲାଣ ବେଳେ ପୁଲିସ୍ ୨ଟି ବାଲି ବୋଝେଇ ହାଇୱା ଜବତ କରିବା ସହ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ପୋଲସରା ଥାନା ଅନ୍ତର୍ଗତ କଣିଆପଲ୍ଲୀ ଗ୍ରାମର ରତ୍ନାକର ବେହେରା ଓ କବିସୂର୍ଯ୍ୟନଗର ଥାନା ଅଧିନସ୍ଥ ଡୁଙ୍ଗୁରି ଗ୍ରାମର ଲିପୁ ପ୍ରଧାନ। ଏନେଇ ବୁଗୁଡ଼ା ଥାନାରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା ସୂଚନା ଦେଇଛନ୍ତି। ପ୍ରକାଶଥାଉକି ବେଲଗୁଣ୍ଠାରୁ ଚୋରାରେ ୨ଟି ହାଇୱାରେ ବାଲି ବୋଝେଇ ହୋଇ ବୁଗୁଡ଼ା ଅଭିମୁଖେ ଆସୁଥିବାବେଳେ କୌଣସି ସୂତ୍ରରୁ ଖବରପାଇ ବାଲିପଦର ଫାଣ୍ଡି ଅଧିକାରୀ କେ ନିଳାଦ୍ରୀ ରେଡ୍ଡୀ ସଦଳବଳେ ଏକଡ଼ାଳ ଗାଁ ନିକଟ ମୁଖ୍ୟରାସ୍ତାରେ କାବୁ କରିଥିଲେ। ଏହି ଘଟଣାର ତଦନ୍ତ ଦାୟିତ୍ୱରେ ଏସ୍‌ଆଇ ଜ୍ୟୋତିଶ୍ରୀ ସାହୁ ରହିଥିବା ଜଣାଯାଇଛି। ପ୍ରକାଶଯୋଗ୍ୟ ସ୍ଥାନୀୟ ତହସିଲ୍ ପ୍ରଶାସନର ଦୃଷ୍ଟି ଆଢୁଆଳରେ ଅଞ୍ଚଳରେ ଦୈନିକ ଘନ ଘନ ଅବୈଧ ବାଲି ଚାଲାଣ ହେଉଥିବାବେଳେ ତହସିଲ୍ ପ୍ରଶାସନର ଅପାରଗତା ଓ ଉଦାସୀନତାକୁ ନେଇ ସାଧାରଣରେ ସମାଲୋଚନା ହେଉଥିବା ଦେଖିବାକୁ ମିଳିଛି।

# ସ୍ୱତନ୍ତ୍ର ସଘନ ସଂଶୋଧନ ସଚେତନତା ପଦଯାତ୍ରା




**ବ୍ରହ୍ମପୁର,୩୦।୫/ଏନ୍ଏନ୍ଏସ୍:** ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଏକ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା କମାପଲ୍ଲୀ ଛକ ଓ ଉପଜିଲ୍ଲାପାଳଙ୍କ ବାସଭବନ ଦେଇ ପୁଣି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଶେଷ ହୋଇଥିଲା। ଉପଜିଲ୍ଲାପାଳ ଅବିନାଶ କୁମାରଙ୍କ ନେତୃତ୍ୱରେ ଅନୁଷ୍ଠିତ ପଦଯାତ୍ରାରେ ବ୍ରହ୍ମପୁର ଉପଖଣ୍ଡର ସମସ୍ତ ତହସିଲଦାର୍, ଅତିରିକ୍ତ ଉପଜିଲ୍ଲାପାଳ ରିନା କୁମାରୀ ନାୟକ, ଡେପୁଟି କଲେକ୍ଟର୍ ସୁବ୍ରତ ରାମ ବିରାମ ଶତପଥୀ ଓ ଡେପୁଟି କଲେକ୍ଟର୍ (ନିର୍ବାଚନ) ଅଲେଖ ରଞ୍ଜନ ମହାକୁଡ଼ ପ୍ରମୁଖ ଯୋଗ ଦେଇଥିଲେ। ଏହାସହ ଉପଜିଲ୍ଲାପାଳ କାର୍ଯ୍ୟାଳୟର ସମସ୍ତ ଅଧିକାରୀ, କର୍ମଚାରୀ, ସମସ୍ତ ବିଏଲ୍‌ଓ, ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ମଧ୍ୟ ପଦଯାତ୍ରାରେ ସାମିଲ୍ ହୋଇଥିଲେ। ଏହି ଅବସରରେ ଏସ୍‌ଆଇଆର୍ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ପଦଯାତ୍ରାରେ ସାମିଲ୍ ହୋଇଥିବା ସମସ୍ତେ ହାତରେ ସଚେତନତା ପ୍ଲାକାର୍ଡ ଧରି ଭୋଟର୍ ତାଲିକାର ସଠିକ୍‌ତା ଓ ଏସ୍‌ଆଇଆର୍‌ର ଆବଶ୍ୟକତା ସମ୍ପର୍କରେ ଅବଗତ କରାଇଥିଲେ। ତେବେ ମେ’ ୩୦ରୁ ଜୁନ୍ ୨୮ ପର୍ଯ୍ୟନ୍ତ ବୁଥ୍‌ସ୍ତରୀୟ ଅଧିକାରୀମାନେ ଘରକୁ ଘର ଯାଇ ପରିଗଣନା ଫର୍ମ ବଣ୍ଟନ ଓ ସଂଗ୍ରହ କରିବେ। ଏହି କାର୍ଯ୍ୟରେ ସମସ୍ତ ବିଏଲ୍‌ଓଙ୍କୁ ସହଯୋଗ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଥିଲା।

# ଆସିକାରେ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ଆରମ୍ଭ

**ଆସିକା,୩୦।୫/ଏନ୍ଏନ୍ଏସ୍:** ଭାରତୀୟ ଗଣତନ୍ତ୍ରର ମୂଳଦୁଆ ହେଉଛି ନିର୍ବାଚନ ପ୍ରକ୍ରିୟା ଏବଂ ନିର୍ଭୁଲ ତଥା ସଠିକ୍ ଭୋଟର୍ ତାଲିକା ପ୍ରସ୍ତୁତ ହିଁ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ମୁଖ୍ୟ ଆଧାର। ଏହି ଉଦ୍ଦେଶ୍ୟକୁ ସାକାର କରିବା ପାଇଁ ଭାରତର ନିର୍ବାଚନ ଆୟୋଗ ଏବଂ ରାଜ୍ୟ ନିର୍ବାଚନ କମିଶନର୍‌ଙ୍କ ପରାମର୍ଶକ୍ରମେ ଶନିବାରରୁ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ଆସିକା ବ୍ଲକ୍ ଓ ପୌରପରିଷଦ ଅଧିନସ୍ଥ ଅଞ୍ଚଳରେ ଆରମ୍ଭ ହୋଇଥିବା ଜଣାପଡ଼ିଛି। ଏହି କାର୍ଯ୍ୟକ୍ରମକୁ ନିର୍ଭୁଲ୍ ଭାବେ ଶେଷ କରିବା ପାଇଁ ୧୫୩ ଜଣ ବୁଥ୍‌ସ୍ତରୀୟ ଅଧିକାରୀ ଏବଂ ୧୪ ବିଏଲ୍‌ଓ ସୁପରଭାଇଜର୍ ନିୟୋଜିତ ଥିବା ଜଣାପଡ଼ିଛି। ୧୨୮ ଆସିକା ବିଧାନସଭା ନିର୍ବାଚନମଣ୍ଡଳୀର ଭୋଟର୍ ପଞ୍ଜିକରଣ ଅଧିକାରୀ ତଥା ଅତିରିକ୍ତ ଉପଜିଲ୍ଲାପାଳ ଟୁଲିଆମ୍ମା ପ୍ରଧାନଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅତିରିକ୍ତ ନିର୍ବାଚନ ପଞ୍ଜିକରଣ ଅଧିକାରୀ ତଥା ଆସିକା ତହସିଲଦାର୍ ସଙ୍ଗୀତା ସେଣ, ଅତିରିକ୍ତ ନିର୍ବାଚନ ପଞ୍ଜିକରଣ ଅଧିକାରୀ ତଥା ଆସିକା ବିଡିଓ ରାଜେନ୍ଦ୍ର ପ୍ରସାଦ ନାୟକ, ଅତିରିକ୍ତ ନିର୍ବାଚନ ପଞ୍ଜିକରଣ ଅଧିକାରୀ ତଥା ଏବିଡିଓ ସୁଶାନ୍ତ କୁମାର ବେହେରା, ଅତିରିକ୍ତ ନିର୍ବାଚନ ପଞ୍ଜିକରଣ ଅଧିକାରୀ ତଥା ଅତିରିକ୍ତ ତହସିଲଦାର୍ ଅମରେଶ୍ ସାବତ, ସୁପରଭାଇଜର୍ ରାମନାଥ ପଟ୍ଟନାୟକ, ଶିବଶଙ୍କର ଜେନା, ସିମାଞ୍ଚଳ ସେଠୀ, ସତ୍ୟନାରାୟଣ ସେଠୀ, ଧୋବା ବେହେରା ଓ ଶୁଭେନ୍ଦୁ ଶେଖର ଜେନାଙ୍କ ସମେତ ବହୁ ଅଧିକାରୀ ଏହି ଏସ୍‌ଆଇଆର୍ ପ୍ରକ୍ରିୟାକୁ ନିର୍ଭୁଲ୍ ଭାବେ ସମ୍ପନ୍ନ କରିବା ଲାଗି ବ୍ୟାପକ ପଦକ୍ଷେପମାନ ଗ୍ରହଣ କରିଥିବା ଦେଖିବାକୁ ମିଳୁଛି। ଏହି ପ୍ରକ୍ରିୟା ଆରମ୍ଭର ପ୍ରଥମଦିନରେ ବିଏଲ୍‌ଓମାନେ ନିର୍ବାଚକଙ୍କ ଘରକୁ ଘର ବୁଲି ୨ଟି ପରିଗଣନା ଫର୍ମ ପ୍ରଦାନ କରିବା ସାଙ୍ଗକୁ ନିର୍ବାଚକଙ୍କ ବ୍ୟକ୍ତିଗତ ବିବରଣୀ ଓ ପରିବାର ସଦସ୍ୟଙ୍କ ସୂଚନା ସମେତ ଅନ୍ୟାନ୍ୟ ତଥ୍ୟ ସଂଗ୍ରହ କରୁଥିବା ଜଣାପଡ଼ିଛି। ନୂତନ ତଥା ଯୋଗ୍ୟ ନାଗରିକଙ୍କୁ ଭୋଟର୍ ତାଲିକାରେ ସାମିଲ୍ କରିବା ଏବଂ ଅଯୋଗ୍ୟ ବ୍ୟକ୍ତିଙ୍କୁ ବାଦ୍ ଦେବା ସାଙ୍ଗକୁ ତ୍ରୁଟିଶୂନ୍ୟ ଭୋଟର୍ ତାଲିକା ପ୍ରସ୍ତୁତ ଲକ୍ଷ୍ୟରେ ଶନିବାରରୁ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ଆରମ୍ଭ ହୋଇଛି।



# ଦିବ୍ୟାଙ୍ଗଙ୍କୁ ସହାୟତାର ହାତ ବଢ଼ାଇଲା ପ୍ରଶାସନ



**ହିଞ୍ଜିଳିକାଟ,୩୦।୫/ଏନ୍ଏନ୍ଏସ୍:** ହାତ କିମ୍ବା ଗୋଡ଼ ହରାଇ ଦୈନନ୍ଦିନ ଜୀବନରେ ସମସ୍ୟା ଭୋଗୁଥିବା ଲୋକଙ୍କୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ହିଞ୍ଜିଳିକାଟୁ ବ୍ଲକ୍‌ରେ ଏକ ସ୍ୱତନ୍ତ୍ର ଶିବିର ଆୟୋଜନ କରାଯାଇ ମାଗଣାରେ କୃତ୍ରିମ ଅଙ୍ଗ ଓ ସହାୟକ ସାମଗ୍ରୀ ପ୍ରଦାନ କରାଯାଇଛି। ଭିନ୍ନକ୍ଷମଙ୍କ ସହାୟତା ଓ ସଶକ୍ତିକରଣ ଲକ୍ଷ୍ୟରେ ହିଞ୍ଜିଳିକାଟୁ ବ୍ଲକ୍‌ରେ ଏକ ମାଗଣା କୃତ୍ରିମ ଅଙ୍ଗ ଓ ସହାୟକ ସାମଗ୍ରୀ ବିତରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଆୟୋଜିତ ଏହି ଶିବିରରେ ସମ୍ପୂର୍ଣ୍ଣ ମାଗଣାରେ କୃତ୍ରିମ ଅଙ୍ଗ, ଶ୍ରବଣ ଯନ୍ତ୍ର ଓ ଅନ୍ୟାନ୍ୟ ସହାୟକ ସାମଗ୍ରୀ ବଣ୍ଟା ଯାଇଥିଲା। ସୂଚନାନୁଯାୟୀ ଶିବିରରେ ମୋଟ୍ ୩୦ ଜଣ ଭିନ୍ନକ୍ଷମ ବ୍ୟକ୍ତି ପଞ୍ଜିକରଣ କରିଥିଲେ। ସେଥିମଧ୍ୟରୁ ୧୮ ଜଣ ଶ୍ରବଣ ଦୁର୍ବଳତାରେ ପୀଡ଼ିତ ଥିବାବେଳେ ୧୨ ଜଣ ଅର୍ଥୋପେଡିକ୍ ଭିନ୍ନକ୍ଷମ ରହିଥିଲେ। କିଛି ଦିବ୍ୟାଙ୍ଗଙ୍କ କୃତ୍ରିମ ଅଙ୍ଗ ଓ ସହାୟକ ଅଙ୍ଗ ପ୍ରଦାନ ପାଇଁ ମାପ ନିଆଯାଇଥିବାବେଳେ ଆବଶ୍ୟକତା ଅନୁଯାୟୀ ଅନ୍ୟମାନଙ୍କୁ ଶ୍ରବଣ ଯନ୍ତ୍ର, ବେଲ୍ଟ ଓ ଆଣ୍ଠୁ କ୍ୟାପ୍ ବଣ୍ଟା ଯାଇଥିଲା। ଉଲ୍ଲେଖନୀୟ ଏହି ସମସ୍ତ ସାମଗ୍ରୀ ଲାଭାନ୍ୱିତଙ୍କୁ ସମ୍ପୂର୍ଣ୍ଣ ନିଃଶୁଳ୍କରେ ଯୋଗାଇ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଡିଓ ସୁଶ୍ରୀ ସାଗରିକା ଷଡ଼ଙ୍ଗୀ ଓ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରିଣୀ ବନାଶ୍ରୀ ଦାଶ ଉପସ୍ଥିତ ରହି ଶିବିରର ତଦାରଖ କରିଥିଲେ। ଦିବ୍ୟାଙ୍ଗଙ୍କୁ ସ୍ୱାବଲମ୍ବୀ କରିବା ଦିଗରେ ଏହି ଶିବିର ଏକ ବଡ଼ ପଦକ୍ଷେପ ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି।

# ‘ପଢ଼ାଇ ଭି ପୋଷଣ ଭି’ ପ୍ରଶିକ୍ଷଣ ଶିବିର




**ଶେରଗଡ଼,୩୦।୫/ଏନ୍ଏନ୍ଏସ୍:** ଶେରଗଡ଼ ବ୍ଲକ୍ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ ସମସ୍ତ ଅଙ୍ଗନବାଡ଼ି କର୍ମୀଙ୍କୁ ‘ପଢ଼ାଇ ଭି ପୋଷଣ ଭି’ ଶୀର୍ଷକ ବିଷୟ ଉପରେ ତାଲିମ୍ ପ୍ରଦାନ କରାଯାଇଛି। ସିଡିପିଓ ମମତାଞ୍ଜଳି ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରରେ ଶୈଶବର ଯତ୍ନ, ସେମାନଙ୍କ ଶିକ୍ଷା ବ୍ୟବସ୍ଥା, ସୁସ୍ଥ ନିରାମୟ ଜୀବନଶୈଳୀ, ସଠିକ୍ ଏବଂ ଗୁଣାତ୍ମକ ଖାଦ୍ୟ ଗ୍ରହଣ, ସ୍ୱଚ୍ଛତା ଏବଂ ବୟସ ଅନୁଯାୟୀ ସଠିକ୍ ଓଜନ ଉପରେ ଅଙ୍ଗନବାଡ଼ି କର୍ମୀଙ୍କୁ ତାଲିମ୍ ପ୍ରଦାନ କରାଯାଇଥିଲା। ତାଲିମ୍ ଗ୍ରହଣ କରି ନିଜ ନିଜ କେନ୍ଦ୍ରର ହିତାଧିକାରୀଙ୍କୁ ସଚେତନତା କରାଇବା ପାଇଁ ସିଡିପିଓ ମମତାଞ୍ଜଳି ପଣ୍ଡା ମତପ୍ରକାଶ କରିଥିଲେ। ସୁପରଭାଇଜର୍ ବାସନ୍ତୀ ଦାସ, ରଶ୍ମିତା ଜାନି, ଦର୍ଶନୀ ଶବର, ରମା ଅଧିକାରୀ, ସଂଯୁକ୍ତା ପ୍ରଧାନ ଓ ପୋଷଣ ସଂଯୋଜକ ଶିବ ଶଙ୍କର ଆଚାରୀ ପ୍ରମୁଖ ତାଲିମ୍ ପ୍ରଦାନ କରିଥିଲେ।

# ପୋଖରୀରେ ବୁଡ଼ି ଜଣେ ମୃତ



**ଫୁଲବାଣୀ,୩୦।୫/ଏନ୍ଏନ୍ଏସ୍:** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ୍ ମୁଖ୍ୟାଳୟର ଗୌଡ଼ ସାହି ନିକଟରେ ଥିବା ସର୍ଗିବନ୍ଧରେ ପୋଖରୀରେ ବୁଡ଼ି ଜଣଙ୍କ ମୃତ୍ୟୁ ହୋଇଯାଇଛି। ମୃତ ଯୁବକ ଜଣକ ହେଲେ ଫିରିଙ୍ଗିଆ ସହସିଲ୍ ସାହିର ଡମ୍ବରୁ ବେହେରା। ଡମ୍ବରୁ ସନ୍ଧ୍ୟା ପ୍ରାୟ ୬ଟାରେ କାମରୁ ଫେରି ନିକଟସ୍ଥ ପୋଖରୀକୁ ଗାଧୋଇବାକୁ ଯାଇଥିଲେ ଏବଂ ଅସାବଧନତା ଯୋଗୁ ଗାଧୋଇବା ସମୟରେ ଗୋଡ଼ ଖସିଯିବାରୁ ପାହାଚରେ ତାଙ୍କ ମୁଣ୍ଡ ବାଡ଼େଇ ଯାଇଥିଲା ଏବଂ ସେ ପାଣି ଭିତରେ ବୁଡ଼ି ଯାଇଥିଲେ। ପରେ ସ୍ଥାନୀୟ ସମାଜସେବୀ ସଞ୍ଜୟ ଦିଗାଲଙ୍କ ସହ ସ୍ଥାନୀୟ ବାସିନ୍ଦାଙ୍କଠାରୁ ଖବରପାଇ ଫିରିଙ୍ଗିଆ ଅଗ୍ନିଶମ ବାହିନୀ ପହଞ୍ଚି ଘଟଣାସ୍ଥଳରୁ ମୃତକଙ୍କୁ ଉଦ୍ଧାର କରି ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ତେବେ ମେଡିକାଲ୍‌ରେ ପୁଲିସ୍ ପହଞ୍ଚି ଶବ ଜବତ କରିବା ସହ ଏକ ମାମଲା ରୁଜୁ କରି ଶବକୁ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଥାନାଧିକାରୀ ମୁରଲୀଧର ସାହୁ ସୂଚନା ଦେଇଛନ୍ତି।

## ବିଶ୍ୱ ତମାଖୁ ବର୍ଜନ ଦିବସ

# ‘ଶରୀରକୁ ସୁସ୍ଥ ଓ ନିରୋଗ ରଖିବା ପାଇଁ ତମାଖୁଠୁ ଦୂରେଇ ରହିବା ଜରୁରୀ’



**ଆସିକା,୩୦।୫/ଏନ୍ଏନ୍ଏସ୍:** ମେ’ ୩୧ ତାରିଖକୁ ବିଶ୍ୱ ତମାଖୁ ବର୍ଜନ ଦିବସ ରୂପେ ପାଳନ କରାଯାଇଥାଏ। ତମାଖୁ ସେବନ ଯଥା ସିଗାରେଟ୍, ବିଡି, ପାନମସଲା, ଖଇନି, ଖାଇବା ଦ୍ୱାରା ମନୁଷ୍ୟ ଶରୀରରେ କିଭଳି କର୍କଟ, ହୃଦ୍‌ଘାତ, ଶ୍ୱାସଜନିତ ରୋଗ, ମସ୍ତିଷ୍କ, ଫୁସ୍‌ଫୁସ୍ ଓ ହୃତ୍‌ପିଣ୍ଡକୁ ଖରାପ କରିଥାଏ ସେସଂକ୍ରାନ୍ତୀୟ ଭୟାବହତାକୁ ଲୋକଙ୍କ ମଧ୍ୟରେ ସଚେତନ କରିବା ଲକ୍ଷ୍ୟରେ ଏହି ଦିବସ ପାଳନ କରାଯାଉଛି। ଏହି ଅବସରରେ ଆସିକା ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର (ସହରାଞ୍ଚଳ ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିର)ର ଚିକିତ୍ସାଧିକାରୀ ଡାକ୍ତର ଭାଗବତ ପ୍ରସାଦ ବିଷୋୟୀ ପରାମର୍ଶ ଦେଇଛନ୍ତି ଯେ ଯେଉଁମାନେ ତମାଖୁ ସେବନ କରନ୍ତି କିମ୍ବା ଧୂମପାନ କରିଥାନ୍ତି ଅନ୍ୟମାନଙ୍କ ତୁଳନାରେ ସେମାନଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଅଧିକ ହୋଇଥାଏ। କେବଳ ଯେ ଯିଏ ଧୂମପାନ କରିଥାଏ ସିଏ ଧୂମପାନ କରିବା ଦ୍ୱାରା ଅସୁସ୍ଥ ହୋଇ ରୋଗରେ ପଡ଼ିଥାଏ ତାହା ନୁହେଁ, ତା’ ସାଙ୍ଗକୁ ଧୂମପାନର ଧୂଆଁ ସଂସ୍ପର୍ଶରେ ଆସି ଅନ୍ୟ ବ୍ୟକ୍ତିମାନେ ମଧ୍ୟ ପ୍ରଭାବିତ ହୋଇଥାନ୍ତି। ତମାଖୁ ଉଭୟ ଧୂମଯୁକ୍ତ ଓ ଧୂମବିହୀନ ମନୁଷ୍ୟର ଶରୀର ଏବଂ ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ ତାହା ପ୍ରାୟତଃ ସମସ୍ତଙ୍କୁ ଜଣା। ଧୂମଯୁକ୍ତ ତମାଖୁ ମନୁଷ୍ୟ ଶରୀରରେ କ୍ୟାନ୍ସର, ହୃଦ୍‌ରୋଗ, କିଡ୍‌ନୀ, ଉଚ୍ଚ ରକ୍ତଚାପ, ଷ୍ଟ୍ରୋକ୍, ପାରାଲିସିସ୍ ଓ ଶ୍ୱାସ ଆଦି ଅନେକ ରୋଗ ସୃଷ୍ଟି କରିଥାଏ। ବିଭିନ୍ନ କ୍ଷେତ୍ରରେ ଧୂମପାନ ଓ ଗୁଟ୍‌ଖା ଦ୍ୱାରା ବହୁ ବ୍ୟକ୍ତି ମଧ୍ୟ ଅକାଳରେ ମୃତ୍ୟୁମୁଖରେ ପଡ଼ିଥାନ୍ତି। ତେଣୁ ଶରୀରକୁ ସୁସ୍ଥ ଓ ନିରୋଗ ରଖିବା ପାଇଁ ସମସ୍ତେ ଧୂମପାନ ଓ ତମାଖୁଠାରୁ ଦୂରେଇ ରହିବାକୁ ସଚେତନ ହେବା ଆବଶ୍ୟକ ବୋଲି ଶ୍ରୀ ବିଷୋୟୀ କହିଛନ୍ତି। ବିଶ୍ୱ ତମାଖୁ ବର୍ଜନ ଦିବସ ଅବସରରେ ସ୍ୱାସ୍ଥ୍ୟର ସୁସ୍ଥତାକୁ ସର୍ବାଧିକ ଅଗ୍ରାଧିକାର ଦେଇ ନିଜର ଜୀବନଶୈଳୀକୁ ସ୍ୱାସ୍ଥ୍ୟ ଅନୁକୂଳ ରଖିବା ପାଇଁ ଡାକ୍ତର ବିଷୋୟୀ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି।

# ସ୍ତ୍ରୀ ଓ ପ୍ରେମିକକୁ ଖୁଣ୍ଟରେ ବାନ୍ଧିଲେ ସ୍ୱାମୀ

**ସାନଖେମୁଣ୍ଡି,୩୦।୫/ଏନ୍ଏନ୍ଏସ୍:** ସାନଖେମୁଣ୍ଡି ବ୍ଲକ୍ ଆଡ଼ପଡ଼ା ପଞ୍ଚାୟତ ଅନ୍ତର୍ଗତ ମହିଗୁଡ଼ା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ସ୍ୱାମୀଙ୍କ ଅନୁପସ୍ଥିତିରେ ଜନୈକ ସ୍ତ୍ରୀ ପ୍ରେମିକଙ୍କ ସହ ଘରେ ଅସଜ୍ଞତ ଅବସ୍ଥାରେ ଧରାପଡ଼ିବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ

## ଦୁଷ୍କର୍ମ ଅଭିଯୋଗରେ ପ୍ରେମିକକୁ କୋର୍ଟଚାଲାଣ



ହୋଇଛି। ଗ୍ରାମବାସୀ ସମ୍ପୃକ୍ତ ମହିଳା ଓ ପ୍ରେମିକକୁ ଅଟକ ରଖିବା ସହ ପୁଲିସ୍‌ରେ ଅଭିଯୋଗ ପରେ ଅଭିଯୁକ୍ତ ପ୍ରେମିକକୁ ହିଞ୍ଜିଳି ପୁଲିସ୍ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡ଼ିଛି। ସୂଚନାପ୍ରକାରେ ଆଡ଼ପଡ଼ା ପଞ୍ଚାୟତ ମହିଗୁଡ଼ା ଗ୍ରାମର ଜନୈକ ୩ ଛୁଆର ମାଆ ତାଙ୍କ ପ୍ରେମିକ ସହ ନିୟମିତ ବ୍ୟବଧାନରେ ଶାରୀରିକ ସମ୍ପର୍କ ରଖିଆସୁଥିଲେ। ଏନେଇ ସ୍ୱାମୀ ଜାଣିବା ପରେ ସ୍ତ୍ରୀଙ୍କୁ ତାଗିଦ୍ କରିଥିଲେ ମଧ୍ୟ ପ୍ରେମ ସମ୍ପର୍କ ଜାରି ରହିଥିଲା। ଗତ ସୋମବାର ସ୍ୱାମୀ ଜଣକ କାମ ପାଇଁ ଗାଁ ବାହାରକୁ ଯିବାର ଅଭିନୟ କରି ସ୍ତ୍ରୀଙ୍କୁ ଘରେ ଏକା ଛାଡ଼ି ଯାଇଥିଲେ। ସ୍ୱାମୀ ଗାଁ ବାହାରକୁ କାମରେ ଯାଇଥିବା ନେଇ ଫୋନ୍‌ରେ ପ୍ରେମିକା ତାଙ୍କ ପ୍ରେମିକ ଅମୀର ସୁଁଆସିଆଙ୍କୁ ଜଣାଇବା ସହ ଘରକୁ ଡାକିଥିଲେ। ଅମୀର ତାଙ୍କ ଘରେ ପହଞ୍ଚି ପ୍ରେମିକାଙ୍କ ସହ ଅସଜ୍ଞତ ଅବସ୍ଥାରେ ଥିବାବେଳେ ଆକସ୍ମିକ ଭାବେ ସ୍ୱାମୀ ଘରେ ପହଞ୍ଚି ଯାଇଥିଲେ। ପରେ ସେ ଗାଁର ବହୁସଂଖ୍ୟକ ଲୋକଙ୍କୁ ଘରକୁ ଡକାଇ ସମସ୍ତ ଘଟଣା କହିଥିଲେ। ଉତ୍ତେଜିତ ଲୋକେ ଉଭୟଙ୍କୁ ଉଲଗ୍ନ କରି ଗୋଟିଏ କୋଠରୀରେ ଅଟକ ରଖିଥିଲେ। ପରେ ଏକ ଖୁଣ୍ଟରେ ଉଭୟଙ୍କୁ ବନ୍ଧାଯାଇଥିଲା। ଏନେଇ ହିଞ୍ଜିଳି ଥାନା ପୁଲିସ୍‌କୁ ସୂଚନା ଦିଆଯିବା ପରେ ପୁଲିସ୍ ଟିମ୍ ଗାଁରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ଥାନାକୁ ନେଇଥିଲେ। ପ୍ରେମିକା ଶୁକ୍ରବାର ଏନେଇ ଏତଲା ଦେବା ପରେ ଥାନା ଆଇଆଇସି ଶ୍ରୀନିବାସ ସେଠୀ ଏକ ମାମଲା ରୁ କରିଛନ୍ତି। ତେବେ ପ୍ରେମିକ ଅମୀରଙ୍କ ବିରୋଧରେ ମାମଲା ରୁ ହୋଇଥିବା ସୂଚନା ମିଳିଛି। ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ରଶ୍ମି ରଞ୍ଜନ ସାମଲ୍ ଅମୀରଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲେ। ଜାମିନ୍ ଆବେଦନ ଖାରଜ ହେବାରୁ ଅଭିଯୁକ୍ତଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଥିବା ଜଣାପଡ଼ିଛି।

ନିତିଦିନ NITIDIN



## ଲକ୍ଷାଧିକ ଟଙ୍କାର ଶାଗୁଆନ କାଠ ଜବତ

**ଫୁଲନଖରା,୩୦।୫/ଏନ୍‌ଏନ୍‌ଏସ୍:** ଫୁଲନଖରା ରେଞ୍ଜର ବନ ବିଭାଗ ପକ୍ଷରୁ କୋଠପାଟଣାରୁ ଲକ୍ଷାଧିକ ଟଙ୍କା ମୂଲ୍ୟର ଶାଗୁଆନ କାଠ ଜବତ ହୋଇଛି। ବନ ଅଧିକାରୀ ମୌସୁମୀ ବେହେରାଙ୍କ ନେତୃତ୍ୱରେ ଶ୍ରୀକାନ୍ତ ବେହେରା, ଧନେଶ୍ୱର ସାହୁ, ଦିଲୀପ କୁଜୁର, ସୁମିତି ଟୁଡୁ, ସୁଜାତା ନାୟକ ପ୍ରମୁଖ ବନପାଳ, ବନରକ୍ଷୀ ଓ କର୍ମଚାରୀ କୁରୁଣ୍ଟି ଅନ୍ତର୍ଗତ କୋଠପାଟଣା ଅଞ୍ଚଳରେ ଲୁଚାଇ ରଖାଯାଇଥିବା ଦୁଇ ଟ୍ରାକ୍ଟର ପରିମାଣର ୩୭ଟି ଲଗ ଜବତ କରିଥିଲେ। ଯାହାର ଆନୁମାନିକ ମୂଲ୍ୟ ୧୨ଲକ୍ଷ ଟଙ୍କା ହେବ। ତେବେ ଏହାକୁ କିଏ ରଖିଥିଲା ଓ କେଉଁଠାରୁ ଆସିଲା ସେ ବିଷୟରେ କିଛି ଜଣାପଡ଼ିନାହିଁ। ଏ ବିଷୟରେ ତଦନ୍ତ ଚାଲିଛି ଦୋଷୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବବୋଲି ବନ ଅଧିକାରୀ ପ୍ରକାଶ କରିଛନ୍ତି।

# ପ୍ରହସନ ପାଲଟିଛି ଅନ୍ତ୍ୟୋଦୟ ଆବାସ ଯୋଜନା



**ଓଡ଼ଗାଁ,୩୦।୫/ଏନ୍‌ଏନ୍‌ଏସ୍:** ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରୁଥିବା ଗରିବ, ଅସହାୟମାନଙ୍କୁ କେନ୍ଦ୍ର ତଥା ରାଜ୍ୟ ସରକାର ଆବାସ ଯୋଜନାରେ ସାମିଲ କଲେ। ଏଥିପାଇଁ ସରକାର ରାଜକୋଷରୁ କୋଟିକୋଟି ଟଙ୍କା ପାଣି ଭଳି ଖର୍ଚ୍ଚକରୁଛନ୍ତି କିନ୍ତୁ ସବୁକିଛି ବେକାର। ନା ଗରିବ ଆବାସ ପାଉଛି କି ଭିନ୍ନକ୍ଷମ ଏହି ଯୋଜନାରେ ସାମିଲ ହୋଇପାରୁଛି। ତେଲିଆ ମୁଣ୍ଡରେ ତେଲ ଦେବା ନ୍ୟାୟରେ ଏଠି ଧନୀକ ବ୍ୟକ୍ତିଙ୍କୁ ଆବାସ ଟେକିଦେଇ କାମସାରି ଦିଆଯାଉଛି।ଓଡ଼ଗାଁ ବ୍ଲକରେ ଆବାସ ଯୋଜନା ଏବେ ପ୍ରହସନ ପାଲଟିଛି। ଏଠି ଆବାସ କଥା ବୁଝିବାକୁ ତଳିଆ କର୍ମଚାରୀଙ୍କୁ ଦାୟିତ୍ୱ ଦିଆଯାଇଥିବାରୁ ଗରିବ, ଅସହାୟଙ୍କ ଅବସ୍ଥା ଦୟନୀୟ ହୋଇପଡ଼ିଛି। ସୂଚନା ଅନୁଯାୟୀ ଓଡ଼ଗାଁ ବ୍ଲକର ୩୬ ଟି ପଞ୍ଚାୟତରେ ଅନ୍ତ୍ୟୋଦୟ ଆବାସ ଯୋଜନାରେ ହିତାଧିକାରୀଙ୍କୁ ଘର ବଣ୍ଟନ କରାଯାଇଇଛି। ଏହି ଆବାସ ତଦାରଖ କରିବାକୁ ବ୍ଲକ୍ ପ୍ରକଳ୍ପ ସଂଯୋଜକଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ ହୋଇଛି। କିନ୍ତୁ ଓଡ଼ଗାଁ ଏତେ ବଡ଼ ବ୍ଲକ୍ ହୋଇଥିଲେ ମଧ୍ୟ ଏଠି ବ୍ଲକ୍ ପ୍ରକଳ୍ପ ସଂଯୋଜକଙ୍କ ଜାଗାରେ ଆସିଷ୍ଟାଣ୍ଟ ସଂଯୋଜକ କାର୍ଯ୍ୟ ତୁଲାଉଛନ୍ତି। ତେବେ ଜଣେ ଅନଭିଜ୍ଞ କର୍ମଚାରୀଙ୍କ ହାତରେ ଏତେବଡ଼ ଗୁରୁଦାୟିତ୍ୱ ଦିଆଯାଇଥିବାରୁ ଆବାସ ଯୋଜନା ଅଧାରେ ଅଣ୍ଟେଇଥିବା କିଛି ହିତାଧିକାରୀ ଓ ପିଇଓ କହିଛନ୍ତି। ଗତ ୩ଦିନତଳେ ଆବାସ ଟଙ୍କା ନପାଇ ବିଡ଼ିଓଙ୍କ କାର୍ଯ୍ୟାଳୟ ଆଗରେ ବୃଦ୍ଧ ଦମ୍ପତି ଆସି ଅସହାୟ ଅବସ୍ଥାରେ ଶୋଇଥିଲେ। ଏମିତି ଅନେକ ହିତାଧିକାରୀ ମୁଣ୍ଡ ଗୁଞ୍ଜିବାକୁ ଘରଖଣ୍ଡେ ନପାଇ ପ୍ରତିଦିନ ବ୍ଲକ୍ କାର୍ଯ୍ୟାଳୟକୁ ଦୌଡୁଛନ୍ତି। କିଏ ୨୦ ତ ଆଉ କିଏ ୩୦ କିଲୋମିଟର ଦୂରରୁ ଆସି ଅଭିଯୋଗ କରି ଫେରୁଥିଲେ ମଧ୍ୟ ସରକାରୀ ବାବୁଙ୍କ କିଛିବି ଯାଏଆସେ ନାହିଁ। ଆଉ କିଛି ହିତାଧିକାରୀଙ୍କୁ ଅର୍ଥ ଦାବି କରାଯାଉଥିବା ମଧ୍ୟ ଅଭିଯୋଗ ହୋଇଛି। ଗତ ଦୁଇ ବର୍ଷ ମଧ୍ୟରେ ଓଡ଼ଗାଁକୁ କେତେ ଆବସ ଆସିଥିଲା ସେଥିରୁ କେତେ ଆବାସ ସଂପୂର୍ଣ୍ଣ ହୋଇଛି, କେତେ ଅଧପାଚିଆ ଅବସ୍ଥାରେ ପଡ଼ିଛି ଆଉ କେତେ ଆବାସ ଆଦୌ ଆରମ୍ଭ ହୋଇନାହିଁ ସେ ସବୁର ତଦନ୍ତ ହେବାର ଆବଶ୍ୟକତା ରହିଛି। ଏହାସହିତ କେତେ ଆବାସ ହିତାଧିକାରୀ ଘର ସଂପୂର୍ଣ୍ଣ କରିଥିଲେ ମଧ୍ୟ ଆବାସ ଟଙ୍କା ପାଇନାହାଁନ୍ତି ତାହାର ଯାଞ୍ଚ କରିବାକୁ ବିଭିନ୍ନ ମହଲରେ ଦାବି ଉଠିଛି। ଯଦି ଏସବୁର ତଦନ୍ତ ହୁଅନ୍ତା ତେବେ ଗରିବ, ଅସହାୟ ବ୍ୟକ୍ତିମାନେ ମୁଣ୍ଡ ଗୁଞ୍ଜିପାରନ୍ତେ ବୋଲି ଆଲୋଚନା ହେଉଛି। ଏହି ଘଟଣାରେ ଓଡ଼ଗାଁ ଆବାସ ଦାୟିତ୍ୱରେ ଥିବା ବ୍ଲକ୍ ପ୍ରକଳ୍ପ ଆସିଷ୍ଟାଣ୍ଟ ସଂଯୋଜକ ସୋନାଲି ପ୍ରଧାନଙ୍କୁ ଫୋନ୍ କରିଥିଲେ ମଧ୍ୟ ସେ ଉଠାଇନଥିଲେ। ଏଥିପ୍ରତି ଜିଲ୍ଲାପାଳ ଦୃଷ୍ଟିଦେବାକୁ ଦାବି ହୋଇଛି।

## ରାସ୍ତାକଡ଼ରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

**ଅସ୍ତରଙ୍ଗ,୩୦।୫/ଏନ୍‌ଏନ୍‌ଏସ୍:** ଅସ୍ତରଙ୍ଗ ବ୍ଲକ ସରିପୁର ପଞ୍ଚାୟତ ସିଦ୍ଧିପୁର ଗ୍ରାମରେ ଦେଖିବାକୁ ମିଳିଛି ଅଭାବନୀୟ ଘଟଣା। ମୁଦୁଗଲ ଗ୍ରାମର ୭୦ବର୍ଷୀୟ ବୃଦ୍ଧ ଭ୍ରମର ନାୟକ ଯିଏ ନିକଟରେ ସିଦ୍ଧିପୁର ଗ୍ରାମରେ ଜାଗା କିଣି ସେଠି ଏକ ଗୃହ ନିର୍ମାଣ କରୁଥିଲେ ତାଙ୍କ ମୃତଦେହ ରାସ୍ତାକଡ଼ରୁ ଉଦ୍ଧାର କରାଯାଇଛି। ତାଙ୍କ ତିନି ନମ୍ବର ଝିଅ ଦିଲ୍ଲୀରେ ପୂର୍ବରୁ କାମ କରି ସେଠି ଜଣକୁ ବିବାହ କରିଥିଲେ। ତାଙ୍କ ଜ୍ୱାଇଁ ତାଙ୍କ ଝିଅକୁ ବାରମ୍ବାର ଅତ୍ୟାଚାର କରିବାରୁ ତାଙ୍କ ଝିଅ ଆସି ବାପାଙ୍କ ନିକଟରେ ଆଶ୍ରୟ ନେଇଥିଲେ। ମାତ୍ର କିଛି ମାସ ହେବ ଭ୍ରମରଙ୍କ ଦିଲ୍ଲୀ ଜ୍ୱାଇଁଙ୍କ ନାମ ସୁଫି ବୋଲି ଜଣାପଡିଛି, ଆଉ ସେ ଜଣେ ମୁସଲିମ ସମ୍ପ୍ରଦାୟର ବୋଲି ଯାହା ଚର୍ଚ୍ଚା ହେଉଛି। ସେଠି ତାଙ୍କ ଜ୍ୱାଇଁ ଦିନ ମଜୁରୀ କାମ କରୁଥିବା ଜଣାପଡିଛି। ଏଠାରେ ସୂଚନାଥାଉ କି ଗତକାଲି ଜ୍ୱାଇଁ ଓ ଶ୍ୱଶୁର ନୂଆଘର ପାଖରେ ଥିଲେ। ହେଲେ ଶନିବାର ସକାଳୁ ଉଲଗ୍ନ ଅବସ୍ଥାରେ ଗଛ ବୁଦା ନିକଟରେ ଭ୍ରମରଙ୍କ ମୃତ ଶରୀର ପଡ଼ିଥିବା ଗ୍ରାମବାସୀ ଦେଖି ପୋଲିସକୁ ସୂଚନା ଦେଇଥିଲେ। ଭ୍ରମରଙ୍କ କୌଣସି ପୁଅ ନାହାନ୍ତି। ନିଜ ବାସସ୍ଥାନରୁ ଉଠି ନୂତନ ସ୍ଥାନରେ ଘର ନିର୍ମାଣ କରୁଥିଲେ। ଗତକାଲି ଘର କାମ ପାଇଁ ବ୍ୟାଙ୍କରୁ ଲକ୍ଷାଧିକ ଟଙ୍କା ଉଠାଇଛନ୍ତି ବୋଲି ଶୁଣିବାକୁ ମିଳୁଛି। ଘର ନିକଟରେ ଥିବା ଗୋଡି ଗଦା ନିକଟରେ ଭ୍ରମରଙ୍କର ଲୁଙ୍ଗି ଆଉ ଗୋଡ଼ି ଉପରେ ରକ୍ତର ଦାଗ ମଧ୍ୟ ଦେଖିବାକୁ ମିଳିଛି। ବର୍ତ୍ତମାନ ଭ୍ରମରଙ୍କ ଅନ୍ୟ ଝିଅମାନେ ଦିଲ୍ଲୀ ଜ୍ୱାଇଁଙ୍କ ବିରୁଦ୍ଧରେ ଅଭିଯୋଗ ଆଣିଛନ୍ତି। କାରଣ ଘଟଣା ପରଠୁ ତାଙ୍କ ଜ୍ୱାଇଁ ଫେରାର ଅଛି। ବ୍ୟାଙ୍କରୁ ଉଠିଥିବା ଟଙ୍କା କିମ୍ବା ଅନ୍ୟ ସମ୍ପତ୍ତି କି ଅନ୍ୟ କେଉଁ କାରଣ ପାଇଁ ଦିଲ୍ଲୀ ଜ୍ୱାଇଁ ଏହି ଜଘନ୍ୟ ଘଟଣା ଘଟାଇଥାଇ ପାରନ୍ତି ବୋଲି ସନ୍ଦେହ କରାଯାଉଛି। ଅନ୍ୟ ପଟେ ଫରେନ୍‌ସିକ ଟିମ୍ ଘଟଣାସ୍ଥଳରେ ଯାଞ୍ଚ କରୁଥିବା ବେଳେ ମୃତକଙ୍କ ସାନ ଝିଅ ରୀନା ସ୍ୱାଇଁଙ୍କ ଏତଲାକୁ ନେଇ ଅସ୍ତରଙ୍ଗ ଥାନା ପୋଲିସ ତରଫରୁ ମାମଲା ରୁଜୁ ହୋଇଛି।

## ଥାନା ଅଧିକାରୀଙ୍କୁ ଭେଟିଲେ ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର କର୍ମକର୍ତ୍ତା



**ଚିଲିକା,୩୦।୫/ଏନ୍‌ଏନ୍‌ଏସ୍:** ଆଜି ନାରୁଣୀ ଥାନା ନୂତନ ଭାରପ୍ରାପ୍ତ ଅଧିକାରୀ ବିଭୁତି ଭୂଷଣ ମହାପାତ୍ରଙ୍କୁ ସ୍ଥାନୀୟ ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର କର୍ମକର୍ତ୍ତାମାନେ ଭେଟି ନୂତନ ଥାନା ଅଧିକାରୀ ଭାବେ ଯୋଗ ଦେଇଥିବାରୁ ସ୍ୱାଗତ କରିବା ସହ ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି। ସାକ୍ଷାତକାରରେ ବିଶ୍ୱହିନ୍ଦୁ ପରିଷଦ, ବାଣପୁର ପ୍ରଖଣ୍ଡର ସହ-ସମ୍ପାଦକ ଦିଲ୍ଲୀପ କୁମାର ବରାଳ, ବଜରଙ୍ଗ ଦଳ ଚିଲିକା ପ୍ରଖଣ୍ଡ ସଂଯୋଜକ ଆଶୁତୋଷ ପାଢୀ, ବଜରଙ୍ଗ ଦଳ ବାଣପୁର ପ୍ରଖଣ୍ଡ ସହ-ସଂଯୋଜକ ସାଇ ଅମିତ ମହାପାତ୍ର, ବଜରଙ୍ଗ ଦଳ ନାରୁଣୀ ଖଣ୍ଡ ସହ-ସଂଯୋଜକ ସିଦ୍ଧାନ୍ତ ମାଳି ଏବଂ ବଜରଙ୍ଗ ଦଳର ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ସଂଗଠନ ପକ୍ଷରୁ ଥାନା ଅଧିକାରୀଙ୍କୁ ଆଞ୍ଚଳିକ ସମସ୍ୟା ଏବଂ ବିଶେଷ କରି ଗୋଚାଲାଣ ବିଷୟରେ ପ୍ରଶାସନର ଆବଶ୍ୟକୀୟ ସହଯୋଗ ପାଇଁ ଆଲୋଚନା କରିଥିଲେ। ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର କର୍ମକର୍ତ୍ତାମାନଙ୍କୁ ଥାନାଧିକାରୀ ଶ୍ରୀ ମହାପାତ୍ର ପୋଲିସ ପକ୍ଷରୁ ସମ୍ପୂର୍ଣ୍ଣ ସହଯୋଗ ଏବଂ କଡା କାର୍ଯ୍ୟାନୁଷ୍ଠାନର ପ୍ରତିଶ୍ରୁତି ଦେଇଥିଲେ।

## ତିନିରଥର ଦଣ୍ଡା ଫ୍ରେମ୍ ନିର୍ମାଣ ଶେଷ

**ପୁରୀ,୩୦।୫/ଏନ୍‌ଏନ୍‌ଏସ୍:** ରଥ ନିର୍ମାଣର ୩୯ତମ ଦିବସରେ ନିର୍ମାଣକାରୀ ସେବକ ମାନେ ମୁଖ୍ୟ ମହାରଣାଙ୍କ ମାର୍ଗ ଦର୍ଶନ ପ୍ରକାରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ରଥ ନିର୍ମାଣରେ ତିନିରଥ ମହାରଣା ସେବକ ୭୭ଜଣ, ଭୋଇ ସେବକ ୭୭ଜଣ, କରତୀ ସେବକ ୪ଜଣ, ତିନି ରଥ କମାର ସେବକ ୨୦ଜଣ, ଚୁମ୍ବିନ୍ଧ କାରିଗର ୨ଜଣ, ପାହି ମହାରଣା ୨ଜଣ, ରୂପକାର ସେବକ ୨୧ଜଣ, ରଥ ଖଳା ସହାୟକ(ପାଣି ବାଲା) ଜଣେ ରଥଖଳା ରଥ ନିର୍ମାଣ କାର୍ଯ୍ୟରେ ମୋଟ ୨୦୪ଜଣ ଯୋଗ ଦେଇଥିଲେ। ଗତକାଲି ତିନିରଥର ପାଞ୍ଚଦଣ୍ଡାରେ ମୁହାଁଟ ସଂଯୋଗ ପରେ ଆଗ ମୁହାଁଟରେ ୫ଟି ସାଲଗୁଜ ଏବଂ ପଛ ମୁହାଁଟରେ ତିନୋଟି ଲେଖାଏଁ ଜଳଯନ୍ତ୍ର ଶେଷ ଦୁଇପାର୍ଶ୍ୱରେ ଗୋଟିଏ ଗୋଟିଏ କୋଣ ଗୁଜ ଉଠିଥିଲା। ଆଜି ତିନିରଥର ମୁଖ୍ୟ ମହାରଣାଙ୍କ ତତ୍ତ୍ୱାବଧାନରେ ସହଯୋଗୀ ମହାରଣା ତଥା ଭୋଇ ସେବକମାନଙ୍କ ସହଯୋଗରେ ଶେଷହୋଇଛି ତିନିରଥର ଚେଚିସ୍ ବା ଦଣ୍ଡାଫ୍ରେମ୍‌ର ନିର୍ମାଣ କାର୍ଯ୍ୟ। ତିନିରଥର ପାଞ୍ଚଦଣ୍ଡାରେ ମୁହାଁଟ ସଂଯୋଗ ପରେ ଆଗ ଆଣି ମୁହାଁଟରେ ପାଞ୍ଚୋଟି ସାଲ ଗୁଜ ଏବଂ ପଛ ଆଣି ମୁହାଁଟରେ ତିନିଗୋଟି ଜଳଯନ୍ତ୍ର(ପାର୍ଶ୍ୱ ଦେବତାଙ୍କ ଆସ୍ଥାନ ଖଞ୍ଜିବା ପାଇଁ) ଏବଂ ଦୁଇପାର୍ଶ୍ୱରେ ଗୋଟିଏ ଗୋଟିଏ କୋଣ ଗୁଜ ଉଠି ସେହି ଗୁଜ ଉପରେ ନିରାଡ଼ି ସଂଯୋଗ ହୋଇଥିଲା। ପାଞ୍ଚ ଦଣ୍ଡାର ଦୁଇ ପାର୍ଶ୍ୱରେ କୁତୁକା ସଂଯୋଗ ହୋଇ ପାର୍ଶ୍ୱ ଦଣ୍ଡା ସଂଯୋଗ ସହ ପାର୍ଶ୍ୱ ଦଣ୍ଡା ଗୁଡିକରେ ଉଭୟ ପାର୍ଶ୍ୱରେ ୬ଟି ଲେଖାଏଁ ୧୨ଗୋଟି ଅସୁଆରେ ଏବଂ ୪ଟି ଲେଖାଏଁ ୮ଗୋଟି ତୀଖ ଗୁଜ ବସିବା ପାଇଁ ବିନ୍ଧ କାର୍ଯ୍ୟ ଶେଷ ହୋଇଛି। ଉକ୍ତ ଦଣ୍ଡାଫ୍ରେମ୍ ଗୁଡ଼ିକର ନମ୍ବରିଙ୍ଗ କାର୍ଯ୍ୟ ବାକି ରହିଛି, ନମ୍ବରିଙ୍ଗ ପରେ ଦଣ୍ଡା ଫ୍ରେମ୍ ଖୋଲାଯାଇ ସାଇତା କାର୍ଯ୍ୟ ସମ୍ପନ୍ନ ହେବ। ଏଥିସହ ଆଜି ତିନିରଥର ୮ଟି ଲେଖାଏଁ ନାଟଗୋଡ଼ ପଟାରେ ମୁଖ ସାଲ କାର୍ଯ୍ୟ ଆରମ୍ଭ ହୋଇଛି। ନନ୍ଦିଘୋଷ ରଥ ଏବଂ ତାଳ ଧ୍ୱଜ ରଥର ପୋଲ ଗୟଳର ଚଉପଟ କାର୍ଯ୍ୟ ଶେଷ ହୋଇଛି। ରୂପକାର ସେବକ ମାନେ ତିନିରଥର ସିଂହାସନ ମୁହାଁଟରେ କୁମ୍ଭ ଡାଳି ଲତା ଇତ୍ୟାଦିର ଖୋଦେଇ କାର୍ଯ୍ୟ ଜାରୀ ରଖିଛନ୍ତି। କରତୀ ସେବକ ମାନେ ଦର୍ପଦଳନ ରଥର ୪୦ ଫୁଟିଆ ପୋଲ ଗୟଳ ର ଚିତା କାର୍ଯ୍ୟ ଶେଷ କରି ଚିରଟ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚାଇଛନ୍ତି। ଅନ୍ୟପଟେ ଦୋଳବେଦୀ ଅସ୍ଥାୟୀ କମାର ଶାଳରେ ଓଝା ସେବକମାନେ ତିନି ରଥର ଦଣ୍ଡା କଣ୍ଟା, ଗୟଳ କଣ୍ଟା ଏବଂ ପୋଟଳ କଣ୍ଟା ନିର୍ମାଣ ଜାରୀ ରଖିଛନ୍ତି। ଦୋଳବେଦୀ ଠାରେ ପାହି ମହାରଣାମାନେ ଅଣସର ତଥା ରଥ ଯାତ୍ରା ସେବା ନୀତି ପାଇଁ ଫୁଲ ଟାଙ୍ଗଡ଼ା ଫ୍ରେମ୍, ବେଶ ଗାଡ଼ିଆ ଫ୍ରେମ୍ ଇତ୍ୟାଦି କାଠ ସରଞ୍ଜାମ ନିର୍ମାଣ ଜାରୀ ରଖିଛନ୍ତି।

## ସତ୍ୟବାଦୀ ବ୍ଲକରେ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ଆରମ୍ଭ



**ସାକ୍ଷୀଗୋପାଳ,୩୦।୫/ଏନ୍‌ଏନ୍‌ଏସ୍:** ଭୋଟର ତାଲିକାକୁ ଅଧିକ ସଠିକ, ସ୍ୱଚ୍ଛ ଓ ତ୍ରୁଟିଶୂନ୍ୟ କରିବା ଲକ୍ଷ୍ୟରେ ସତ୍ୟବାଦୀ ବ୍ଲକରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ପ୍ରକ୍ରିୟା ଶନିବାର ଆରମ୍ଭ ହୋଇଛି। ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁଯାୟୀ ଚଳିତ ବର୍ଷ ଜୁଲାଇ ୧ ତାରିଖକୁ ଯୋଗ୍ୟତା ତାରିଖ ଭାବେ ଧରାଯାଇ କାର୍ଯ୍ୟସୂଚୀ ଚୂଡାନ୍ତ କରାଯାଇଥିବା ସୂଚନା ଦେଇଛନ୍ତି ସତ୍ୟବାଦୀ ତହସିଲଦାର ତଥା ନିର୍ବାଚନ ଅଧିକାରୀ ସନ୍ତୋଷ କୁମାର ପାଣିଗ୍ରାହୀ। ସୂଚନାଯୋଗ୍ୟ ସତ୍ୟବାଦୀ ବ୍ଲକର ୧୧୨ଟି ବୁଥରେ ଭୋଟର ତାଲିକା ସଂଶୋଧନ କାର୍ଯ୍ୟ ପାଇଁ ବିଏଲଓ ବା ବୁଥ ଲେଭେଲ ଅଫିସର ନିଯୁକ୍ତ ହୋଇଥିବା ବେଳେ ସେମାନଙ୍କୁ ତଦାରଖ ପାଇଁ ସୁପରଭାଇଜର ମାନଙ୍କୁ ନିଯୁକ୍ତି ଦିଆଯାଇଛି। ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟସୂଚୀ ଅନୁଯାୟୀ ମଇ ୩୦ ରୁ ଜୁନ ୨୮ ପର୍ଯ୍ୟନ୍ତ ବିଏଲଓ ମାନେ ଘରକୁ ଘର ବୁଲି ସର୍ଵେ କରିବେ। ଜୁଲାଇ ୫ ତାରିଖରେ ଡ୍ରାଫ୍ଟ ଭୋଟର ତାଲିକା ପ୍ରକାଶ ପାଇବ। ଜୁଲାଇ ୫ ରୁ ଅଗଷ୍ଟ ୪ ପର୍ଯ୍ୟନ୍ତ ଆପତ୍ତି ଓ ଅଭିଯୋଗ ଦାଖଲ କରାଯାଇପାରିବ। ଏହାପରେ ସେପ୍ଟେମ୍ବର ୨ ସୁଦ୍ଧା ସମସ୍ତ ଆପତ୍ତିର ଶୁଣାଣି ଓ ନିଷ୍ପତ୍ତି ହେବାପରେ ସେପ୍ଟେମ୍ବର ୬ ତାରିଖରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। କୌଣସି ଭୋଟର ତାଲିକାରୁ ବାଦ୍ ନ ପଡେ ଏବଂ କୌଣସି ବିଦେଶୀଙ୍କ ନାମ ଭୋଟର ତାଲିକାରେ ରହିବ ନାହିଁ ଏହା ହେଉଛି ଏସଆଇଆର ମୂଳ ଲକ୍ଷ୍ୟ। ତେଣୁ କେହି ଭୟଭୀତ ନହୋଇ ବିଏଲଓ ସୁପରଭାଇଜର ମାନଙ୍କୁ ସହଯୋଗ କରିବା ପାଇଁ ତହସିଲଦାର ଓ ବିଡ଼ିଓ ଦେବାଶିଷ ନାୟକ ଅନୁରୋଧ କରିଛନ୍ତି।

## ରାଜ୍ୟସ୍ତରୀୟ ଯୋଗାସନ ପ୍ରତିଯୋଗିତାରେ ୩୦ ସ୍ୱର୍ଣ୍ଣ ପଦକ ହାସଲ




**ପୁରୀ,୩୦।୫/ଏନ୍‌ଏନ୍‌ଏସ୍:** ରାୟଗଡାରେ ଆୟୋଜିତ ସପ୍ତମ ରାଜ୍ୟସ୍ତରୀୟ ଯୋଗାସନ ପ୍ରତିଯୋଗିତାରେ 'ଯୋଗାସନ ସ୍ପୋର୍ଟସ୍ ଆସୋସିଏସନ୍ ଅଫ୍ ଓଡ଼ିଶା' ପକ୍ଷରୁ ସମଗ୍ର ଓଡ଼ିଶାର ୨୦ଟି ଜିଲ୍ଲାର ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ପୁରୀ ଜିଲ୍ଲାର ପ୍ରତିଭାମାନେ ଅସାଧାରଣ ସଫଳତା ହାସଲ କରି ୩୦ଟି ସ୍ୱର୍ଣ୍ଣ ପଦକ ଜିତି 'ଚ୍ୟାମ୍ପିଅନ୍' ହୋଇ ସୁନାମ ଅର୍ଜନ କରିଛନ୍ତି। ଏହି ପ୍ରତିଯୋଗିତାରେ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଥମ ରନର୍ସ-ଅପ୍ ଏବଂ ରାୟଗଡା ଜିଲ୍ଲା ଦ୍ୱିତୀୟ ରନର୍ସ-ଅପ୍ ହୋଇଥିଲା। ପୁରୀ ଜିଲ୍ଲାର ଏହି ସଫଳ ଯୋଗାସନ ଖେଳାଳିମାନେ ଏସ୍‌ପି ପୁରୀ ପ୍ରତୀକ ସିଂଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନେ ବିଭିନ୍ନ ଯୋଗ ଉପରେ ଓ ରାୟଗଡାର ଅନୁଭୂତି ଜଣାଇଥିଲେ ଏହା ଆକର୍ଷିତ କରିଥିଲା ଏବଂ ଏକ ସୁସ୍ଥ ଓ ସକାରାତ୍ମକ ପରିବେଶ ସୃଷ୍ଟି କରିଥିଲା। ଏସ୍‌ପି ପୁରୀ ଛାତ୍ରଛାତ୍ରୀମାନଙ୍କର ଏହି ସଫଳତା ପାଇଁ ସେମାନଙ୍କୁ ପ୍ରଶଂସା କରିଥିଲେ। ପୁରୀ ଜିଲ୍ଲାର ନାମକୁ ସମଗ୍ର ଓଡ଼ିଶାରେ ଗୌରବାନ୍ୱିତ କରିଥିବାରୁ ସମସ୍ତ ଖେଳାଳି, ପ୍ରଶିକ୍ଷକ ଓ ଅଭିଭାବକମାନଙ୍କୁ ସେ ଧନ୍ୟବାଦ ଜଣାଇଥିଲେ। ସେ ଆଗାମୀ ଦିନରେ ମଧ୍ୟ ଏଭଳି ସଫଳତା ହାସଲ କରି ପୁରୀ ଜିଲ୍ଲା ଏବଂ ଓଡ଼ିଶାର ନାମକୁ ଆହୁରି ଉଜ୍ଜ୍ୱଳ କରିବା ପାଇଁ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ।

## ଅଘୋଷିତ ବିଦ୍ୟୁତ୍‌କାଟ୍ ପ୍ରତିବାଦରେ କଂଗ୍ରେସ୍ ପକ୍ଷରୁ ବିକ୍ଷୋଭ

**ଓଡ଼ଗାଁ,୩୦।୫/ଏନ୍‌ଏନ୍‌ଏସ୍:** ଓଡଗାଁ ଅଞ୍ଚଳରେ ବାରମ୍ବାର ବିଦ୍ୟୁତ୍‌କାଟ୍ ସାଧାରଣ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ଏହି ଅଘୋଷିତ ବିଦ୍ୟୁତକାଟ୍ ପ୍ରତିବାଦରେ ଶନିବାର ଓଡଗାଁ ଟିପିସିଓଡ଼ିଏଲ କାର୍ଯ୍ୟାଳୟ ସାମ୍ନାରେ କଂଗ୍ରେସ କର୍ମୀ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଓଡଗାଁ ବ୍ଲକ କଂଗ୍ରେସ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବିକ୍ଷୋଭ ସଭାରେ ଜିଲ୍ଲା କଂଗ୍ରେସ ସଭାପତି ରଣଜିତ ଦାଶ ଓଡଗାଁ ଅଞ୍ଚଳ ତଥା ଆଖପାଖ ଗ୍ରାମାଞ୍ଚଳର ଲକ୍ଷାଧିକ ଜନସାଧାରଣଙ୍କ ମୌଳିକ ବିଦ୍ୟୁତ ସେବା ଯୋଗାଇବାରେ ୨୪ ବର୍ଷ ବିଜେଡି ସରକାର ଏବଂ ଏବର ଡବଲଇଞ୍ଜିନ ସରକାରଙ୍କ ଆନ୍ତରିକତା ଅଭାବପାଇଁ ଓଡଗାଁ ବାସୀଙ୍କ ଦୀର୍ଘବର୍ଷର ସ୍ୱପ୍ନ ଓଡଗାଁରେ ୩୩ କେଭି ଗ୍ରୀଡ଼ ସ୍ଥାପନା କରାଯାଇ ନିରନ୍ତର ବିଦ୍ୟୁତ ସେବା ସାକାର ହୋଇପାରୁନାହିଁ। ଓଡଗାଁକୁ ଏବେ ମଧ୍ୟ କଂଗ୍ରେସ ସରକାର ସମୟର ରାଜପକ୍ଷଟଣା ୩୩ କେଭି ଗ୍ରୀଡ଼ରୁ ବିଦ୍ୟୁତ ଯୋଗାଣ ହେଉଥିବାରୁ କିଛିବି ଦୈବୀଦୁର୍ବିପାକ ଝଡତୋଫାନ ହେଲେ ଓଡଗାଁ



ଅଞ୍ଚଳରେ ଦିନକୁଦିନ ବିଦ୍ୟୁତ ସରବରାହ ବିଚ୍ଛିନ୍ନ ହୋଇଯାଉଛି। ଲକ୍ଷାଧିକ ଲୋକେ ବିଦ୍ୟୁତ ସେବାରୁ ବଞ୍ଚିତ ହୋଇ ଦୁର୍ବିସହ ଜୀବନ କାଟୁଛନ୍ତି। ଓଡଗାଁରେ ନିଜସ୍ୱ ୩୩କେଭି ବିଦ୍ୟୁତ ଗ୍ରୀଡ଼ ସ୍ଥାପନା ହେଲେ ଓଡଗାଁବାସୀ ନିରନ୍ତର ବିଦ୍ୟୁତ ସେବା ପାଇପାରିବେ ବୋଲି ସେ କହିଛନ୍ତି। ଏଥିପାଇଁ କଂଗ୍ରେସ ସଂଘର୍ଷ ଜାରିରଖିବ। ଓଡଗାଁ ବାସୀଙ୍କ ସ୍ୱାର୍ଥ ପାଇଁ କଂଗ୍ରେସ ରାଜରାସ୍ତାରେ ଲଢେଇ କରିବ ବୋଲି ବ୍ଲକ ସଭାପତି ଶ୍ରୀ ନାୟକ କହିଥିଲେ। ଏହି ବିକ୍ଷୋଭ ସଭାରେ ଡିସିସି କିସାନ ସେଲ ସଭାପତି ବସନ୍ତ କର, ଜିଲ୍ଲାଛାତ୍ର କଂଗ୍ରେସ ସଭାପତି ଶିବସୁନ୍ଦର ସାହୁ, ଡିସିସି ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ଓଡଗାଁ ଏନଏସି କଂଗ୍ରେସ ସଭାପତି ବିଭୁତି ରାଉତ, ୪ନଂର ଜୋନ ସଭାପତି ମଦନମୋହନ ବିଶୋଇ, ବୁଲୁ ପାଟ୍ଟଶାଣି, ଶ୍ରୀନିବାସ ନାୟକ, ସୋମନାଥ ସାହୁ, ପ୍ରଶାନ୍ତ କୁମାର ଦାସ, ଦଣ୍ଡପାଣି ମହାରଣା, ଜଗନାଥ ଭଞ୍ଜ, ବିଜି ପ୍ରଧାନ, ସେବାଦଳ କାର୍ଯ୍ୟକର୍ତ୍ତା ନିରଞ୍ଜନ ରାଉତ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଅଲ୍ ଓଡ଼ିଶା ଫଟୋଗ୍ରାଫିକ୍ ସିଣ୍ଡିକେଟ୍‌ର ସଭାପତି ମିଥୁନ୍



**ପୁରୀ,୩୦।୫/ଏନ୍‌ଏନ୍‌ଏସ୍:** ପୁରୀ ସହରସ୍ଥିତ କ୍ରିଷ୍ଣା ସି ସାଇଟଠାରେ ଅଲ୍ ଓଡିଶା ଫଟୋଗ୍ରାଫିକ ସିଣ୍ଡିକେଟର ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ଓଡ଼ିଶାର ସମସ୍ତ ଜିଲ୍ଲାର ପ୍ରତିନିଧିମାନେ ଯୋଗଦେଇ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ତଦାରଖ, ଅଗ୍ରଗତି ଓ ପରିଚାଳନା ବିଷୟରେ ଆଲୋଚନା କରିଥିଲେ। ପରିଚାଳନା କମିଟିର କାର୍ଯ୍ୟକାଳ ସରିଯାଇଥିବା ହେତୁ ନୂତନ କାର୍ଯ୍ୟକର୍ତ୍ତା ଚୟନ ପାଇଁ ନିର୍ବାଚନ କରାଯାଇଥିଲା। ଉପସ୍ଥିତ ୫୭ଜଣ ସଭ୍ୟମାନେ ଶୃଙ୍ଖଳାର ସହ ମତଦାନ କରିବା ସହ ନବନିର୍ବାଚିତ କର୍ମକର୍ତ୍ତାମାନଙ୍କୁ ସ୍ୱାଗତ କରାଯାଇଥିଲା। ନୂତନ ସଭାପତି ଭାବେ ମିଥୁନ ଜେନା, ଉପସଭାପତି ଅଜିତ ପାଢ଼ୀ କାର୍ଯକାରୀ ସଭାପତି ସୁକାନ୍ତ ସାହୁ, ସାଧାରଣ ସମ୍ପାଦକ ଶିବାଜୀ ପ୍ରସାଦ ରାଓ, ସହସମ୍ପାଦକ ଭାବେ ରାଜକିଶୋର ପ୍ରଧାନ ଓ ରାଜେଶ ବାରିକ ତଥା କୋଷାଧ୍ୟକ୍ଷ ସନ୍ୟାସୀ ପ୍ରଧାନ ନିର୍ବାଚିତ ହୋଇ ଶପଥ ଗ୍ରହଣ କରିବା ସହ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ଓଡ଼ିଶାର ସମସ୍ତ ଫଟୋଗ୍ରାଫରମାନଙ୍କ ଉନ୍ନତି କାମନା କରିଥିଲେ।

### କୋଣାର୍କ ଏନ୍‌ଏସି ରାସ୍ତାକଡ଼ରୁ ଉଚ୍ଛେଦ ବ୍ୟବସାୟୀଙ୍କୁ ଆଶ୍ୱାସନା

# ଖୁବ୍‌ଶୀଘ୍ର ନିର୍ମାଣ ହେବ ଭେଣ୍ଡିଂ ଜୋନ୍

**କୋଣାର୍କ,୩୦।୫/ଏନ୍‌ଏନ୍‌ଏସ୍:** କୋଣାର୍କକୁ ଏକ ସୁସ୍ଥ ଓ ସୁନ୍ଦର ପରିବେଶ ଦେବାପାଇଁ କୋଣାର୍କ ଏନଏସି ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। କୋଣାର୍କ ଏନଏସି ମୁଖ୍ୟବଜାରର ରାସ୍ତାକଡରେ ଅସ୍ଥାୟୀ ଭାବେ ପରିବା, ମାଛ ଓ ମାଂସ ବ୍ୟବସାୟ କରୁଥିବା ବ୍ୟବସ୍ତାୟୀ ମାନଙ୍କୁ ଏଣେତେଣେ ନବସାଇ ଭେଣ୍ଡିଙ୍ଗ ଜୋନ ନିର୍ମାଣ କରାଯାଇ ଖୁବଶୀଘ୍ର ସେମାନଙ୍କୁ ଥଇଥାନ କରିବାକୁ ଏନଏସି ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି। ସୂଚନା ମୁତାବକ କୋଣାର୍କ ମୁଖ୍ୟବଜାର ରାସ୍ତାକଡ଼ରେ ଦୀର୍ଘଦିନ ହେବ ଆସ୍ଥାୟୀ ଭାବେ ମାଛ, ପରିବା ଓ ମାଂସ ଦୋକାନ କରି କରୁଥିବା ବ୍ୟବସାୟୀଙ୍କୁ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଥଇଥାନ କରିବା ପାଇଁ କୋଣାର୍କ ଏନଏସି ରାଜସ୍ୱ ବିଭାଗରୁ କୋଣାର୍କ କାକଟପୁର ମୁଖ୍ୟ ରାସ୍ତା ବସଷ୍ଟାଣ୍ଡ ନିକଟରେ ଥିବା ପିକେଡିଏ ମାର୍କେଟ କମ୍ପ୍ଲେକ୍ସ ସମ୍ମୁଖ ଉଭୟ ପାର୍ଶ୍ୱରେ ମାର୍କେଟ କମ୍ପ୍ଲେକ୍ସ ଭିତରକୁ ପ୍ରବେଶ ପଥର ଡାହାଣପାର୍ଶ୍ୱରେ ଥିବା ଖାଲି ସ୍ଥାନକୁ ସମସ୍ତ ଆମିଷ ବ୍ୟବସାୟୀମାନଙ୍କୁ ଥଇଥାନ ପାଇଁ ମାଛ ମାର୍କେଟ ଭେଣ୍ଡିଂ ଜୋନ ନିର୍ମାଣ ପାଇଁ କୋଣାର୍କ ମୌଜାର ଖାତା ନଂ ୪୧୭ ପ୍ଲଟ ନଂ ୧୬୦୪/୧୭୨୧ କିସମ ଗୋଚରରୁ ସମୁଦାୟ ୧୨ଡ଼ିସିମିଲ ଜମି ଅଧିଗ୍ରହଣ କରିଛନ୍ତି। ସେହିପରି ଏହି ରାସ୍ତାର ବାମ ପାର୍ଶ୍ୱରେ ସମସ୍ତ ପରିବା ଦୋକାନୀଙ୍କ ପାଇଁ ଭେଣ୍ଡିଂ ଜୋନ ନିର୍ମାଣକରି ଥଇଥାନ କରିବା ପାଇଁ ଜମି ଅଧିଗ୍ରହଣ ହୋଇଛି। ତା' ସହିତ ବ୍ୟବସାୟୀ ଓ ଯାତ୍ରୀମାନଙ୍କ ପାଇଁ ଉକ୍ତ ଭେଣ୍ଡିଙ୍ଗ ଜୋନ୍ ମଧ୍ୟରେ ଏକ ଶୌଚାଳୟ କମ୍ପ୍ଲେକ୍ସ ନିର୍ମାଣ କରାଯିବା ପାଇଁ କୋଣାର୍କ ଏନଏସି ପକ୍ଷରୁ ଅଧିଗ୍ରହଣ କରାଯାଇ ଏହାର ଖୁବ୍‌ଶୀଘ୍ର ନିର୍ମାଣ ପାଇଁ ବନ ବିଭାଗର ମଧ୍ୟ କ୍ଲିଅରାନ୍ସ ନିଆଯାଇଛି। ଏହି ସ୍ଥିରୀକୃତ ଜମିର ଉଭୟପାର୍ଶ୍ୱରେ ଦୁଇ ଧାଡିରେ ଭେଣ୍ଡିଂ ଜୋନ ନିର୍ମାଣ କରାଯାଇ ଏନଏସି ପକ୍ଷରୁ ଚିହ୍ନଟ ସମସ୍ତ ବ୍ୟବସାୟୀମାନଙ୍କୁ ଏଠାରେ ଥଇଥାନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇ ପାରମ୍ଭିକ କାର୍ଯ୍ୟ ଆରମ୍ଭ କରାଯାଇଛି। ଏ ନେଇ ଏନଏସି ପକ୍ଷରୁ ଏହାର ଡିଜାଇନ ସହ ଏଷ୍ଟିମେଟ୍ କରାଯାଇ ଟେଣ୍ଡର ପାଇଁ ପ୍ରକ୍ରିୟା ଆରମ୍ଭ କରାଯାଇଥିବା ଜଣାପଡିଛି। ଟେଣ୍ଡର ସରିବା ପରେ ନିଯୁକ୍ତ ଠିକାଦାର ଦ୍ୱାରା ଖୁବ୍‌ଶୀଘ୍ର ଭେଣ୍ଡିଙ୍ଗ ଜୋନ ନିର୍ମାଣ କରାଯାଇ ବ୍ୟବସାୟୀମାନଙ୍କୁ ଥଇଥାନ କରାଯିବ ବୋଲି କୋଣାର୍କ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦ୍ୟୁମ୍ନ ଜେନା ପ୍ରକାଶ କରିଛନ୍ତି।

## ବାପା-ମା'ଙ୍କ ମୃତ୍ୟୁ ପରେ ବେସାହାରା ପିଲାଙ୍କୁ ସହାୟତା ଦାବି



**ଖଣ୍ଡପଡ଼ା,୩୦।୫/ଏନ୍‌ଏନ୍‌ଏସ୍:** ଖଣ୍ଡପଡ଼ା ବ୍ଲକ ଅଧୀନ ରୟତି ଢୋଲମରା ଗ୍ରାମର ହଟିଆ ସ୍ୱାଇଁଙ୍କର ଆଜକୁ ୧୦ବର୍ଷ ତଳେ ମୃତ୍ୟୁ ହୋଇଥିବା ବେଳେ ଗତ ୨୭ ତାରିଖରେ ତାଙ୍କର ପତ୍ନୀ ଚୁମୁକି ସ୍ୱାଇଁ(୪୫)ଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ପ୍ରଥମେ ବାପା ଓ ପରେ ପକ୍ଷାଘାତ ରୋଗରେ ପୀଡ଼ିତ ମା ଙ୍କ'ର ମୃତ୍ୟୁ ପରେ ଏବେ ପୁଅ ଚିନ୍ମୟ(୧୭) ଓ କନ୍ୟା ସୁଜାତା(୧୯) ସଂପୂର୍ଣ୍ଣ ରୂପେ ବେସାହାରା ହୋଇପଡିଛନ୍ତି। ବାଲ୍ୟ ଅବସ୍ଥାରେ ବାପାଙ୍କୁ ହରାଇ ଥିବା ପୁଅ ଓ ଝିଅ ମା'ଙ୍କ ଭରସାରେ ଦିନ କାଟୁଥିବା ବେଳେ ଘଡ଼ିସନ୍ଧି ମୁହୂର୍ତ୍ତରେ ମା' ସେମାନଙ୍କ ହାତ ଛାଡି ଆରପାରିକୁ ଚାଲିଯାଇଛନ୍ତି। ଦାରିଦ୍ର୍ୟର ସୀମାରେଖା ତଳେ ବାସ କରୁଥିବା ଏହି ପରିବାର ଉପରେ ଦୁଃଖ ଉପରେ ଦୁଃଖ ମାଡି ବସିଛି। ପ୍ରତିମାସରେ ପରିବାରବର୍ଗ ପଞ୍ଚାୟତ କାର୍ଯ୍ୟାଳୟରୁ ୧୫କେଜି ଚାଉଳ ସହ ଭତ୍ତା ବାବଦରେ ସ୍ୱର୍ଗତା ମା' ୩୫୦୦ ଭତ୍ତା ଟଙ୍କା ପାଉଥିଲେ। ଫଳରେ ପରିବାରବର୍ଗ ଏକରକମ ଚଳିଯାଉଥିଲେ। କିନ୍ତୁ ହଠାତ ଚୁମୁକିଙ୍କ ମୃତ୍ୟୁ ପରେ ବେସାହାରା ହୋଇ ପଡିଛନ୍ତି ୨ ପିଲା। ଖବରପାଇ ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ବରିଷ୍ଠ ଜିଲ୍ଲା ପରିଷଦ ସଦସ୍ୟ ରାମେଶ୍ୱର ଶତପଥୀ, ସମିତି ସଭ୍ୟ ମାନସ କୁମାର ଦାସ, ସରପଞ୍ଚଙ୍କ ପ୍ରତିନିଧି ବିପିନ ବିହାରୀ ପରିଡ଼ାଙ୍କ ସମେତ ଏକାଧିକ ଲୋକପ୍ରତିନିଧି ଓ ସମାଜସେବୀ ମୃତକଙ୍କ ପରିବାରବର୍ଗଙ୍କୁ ଭେଟି ସମବେଦନା ଜଣାଇବା ସହ ସହଯୋଗର ହାତ ବଢାଇ ଥିବାବେଳେ ଜିଲ୍ଲା ରେଡକ୍ରସ ପାଣ୍ଠିରୁ ଆନୁସଙ୍ଗିକ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି। ସେହିପରି ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠିରୁ ଆର୍ଥିକ ସହାୟତା ମିଳିପାରିଲେ ଅସହାୟ ଏହି ପରିବାରବର୍ଗ ଉପକୃତ ହୋଇପାରନ୍ତେ ବୋଲି ଗ୍ରାମବାସୀ କହିଛନନ୍ତି। ନୟାଗଡ ଜିଲ୍ଲାପାଳ, ଖଣ୍ଡପଡ଼ା ବିଧାୟକ ଓ କଟକ ଲୋକସଭା ସାଂସଦ ଏହି ପରିବାର ପ୍ରତି ସଦୟ ହୋଇ ସହଯୋଗର ହାତ ବଢ଼ାଇବାକୁ ରୟତି ଢୋଲମରା ଗ୍ରାମବାସୀ ନିବେଦନ କରିଛନ୍ତି।

ନିତିଦିନ NITIDIN
ରବିବାର, ୩୧ ମେ' ୨୦୨୬

ନିତି ଭାରତୀ

ସରଳତା ବିଜ୍ଞ ବ୍ୟକ୍ତିମାନଙ୍କ ଚରିତ୍ରର ବୈଶିଷ୍ଟ୍ୟ। - ରବିନ୍ ଶର୍ମା

# ସାହିତ୍ୟରେ ଉତ୍ତର ଆଧୁନିକତା: ଏକ ଅନୁଶୀଳନ



ଚନ୍ଦ୍ରକଳା ନାୟକ

ଅନେକ ସାହିତ୍ୟିକଙ୍କ ମତ ଉତ୍ତର ଆଧୁନିକ କବିତା କିଛି ବି ନାହିଁ। ଏହା କେବଳ ଏକ ଶାବ୍ଦିକ ଚାତୁରୀ। ଉତ୍ତର ଆଧୁନିକ ତତ୍ତ୍ୱ ପାଶ୍ଚାତ୍ୟ ସାହିତ୍ୟର ଏକ ଆହରିତ ଶବ୍ଦ। ବିଶେଷ ଭାବେ କବିତା ରଚନା କ୍ଷେତ୍ରରେ ଉତ୍ତର ଆଧୁନିକ ତତ୍ତ୍ୱଟି ଆଦୌ ଗ୍ରହଣୀୟ ନୁହେଁ। ଆଧୁନିକ ତ ବୁଝାପଡ଼େ। କିନ୍ତୁ ଉତ୍ତର ଆଧୁନିକ କ'ଣ ? ବୋଧହୁଏ ଏହା ଏକ ସମୟର କବିତା। ୧୯୮୦ ପରବର୍ତ୍ତୀ କବିତାର ଧାରା ଉତ୍ତର ଆଧୁନିକତା ବୋଲି ଗ୍ରହଣ କରାଯାଇଛି। ଏଭଳି ଦ୍ୱନ୍ଦ୍ୱ ତ ସଦାସର୍ବଦା ଲାଗିଛି। ଏହାର ନିଷ୍କର୍ଷ ମଧ୍ୟ କଠିନ।

ବାସ୍ତବ ସତ୍ୟ ଏୟା ଯେ ଏହା ପାଶ୍ଚତ୍ୟ ସାହିତ୍ୟର ଏକ ତତ୍ତ୍ୱ। ଏମିତି ଦେଖିଲେ ଅନେକ ତତ୍ତ୍ୱ ଅଛି, ଯଥା- ବାମବାଦ, ରହସ୍ୟବାଦ, ମାର୍କ୍ସବାଦ, ପ୍ରୟୋଗବାଦ, ଅସ୍ତିତ୍ୱବାଦ, ଅତିବାସ୍ତବବାଦ। ଏସବୁ ପାଶ୍ଚାତ୍ୟ ସାହିତ୍ୟରୁ ଆହରିତ। ଏସବୁକୁ ଆମେ ଆମ ସାହିତ୍ୟରେ ପରୀକ୍ଷାଧର୍ମୀ ଭାବରେ ଗ୍ରହଣ କରିଛେ। ଯଥାସାଧ ପ୍ରୟୋଗ ବି କରିଛେ। ତେବେ ଏଥିରେ ଦ୍ୱନ୍ଦ୍ୱ ରହିବା ଅନାବଶ୍ୟକ। ଆଧୁନିକ ଶବ୍ଦକୁ ନେଇ ମଧ୍ୟ ଅନେକ ଦ୍ୱନ୍ଦ୍ୱ। ଆଧୁନିକ କବିତାଗୁଡ଼ିକ ମଧ୍ୟ ଅନେକ ସମାଲୋଚନାର ଶରବ୍ୟ ହୋଇଛି। ଏହାର କାରଣ ହେଉଛି, ଆଧୁନିକ କବିତାର ଦୁର୍ବୋଧ୍ୟତା, କ୍ଲିଷ୍ଟତା, ଅବୋଧତା ଏବଂ ପାଠକୀୟ ଗ୍ରହଣୀୟତାଠାରୁ ଦୂରରେ ରହିବା। କେବଳ ଆଧୁନିକ କବିତା ବୌଦ୍ଧିକତା ମଧ୍ୟରେ ସୀମାବଦ୍ଧ ହେବା। ଏହି ଆଧୁନିକ କବିତା ନିର୍ଦ୍ଦିଷ୍ଟ ଶ୍ରେଣୀର ପାଠକଙ୍କ ପାଇଁ ରଚିତ ହୋଇଥାଏ। ସାଧାରଣ ମଣିଷର ଚେତନ ଶକ୍ତିକୁ ଏହା ଛୁଇଁ ପାରିନାହିଁ। ତଥାପି ସାହିତ୍ୟରେ ଏହାର ପରୀକ୍ଷା ଅନବରତ ଚାଲିଛି। ଗଦ୍ୟମୟତା ଏହାର ମୁଖ୍ୟ ବିଷୟ। ସାଧାରଣ ଭାବେ ତା'ର ଅନ୍ତଃସତ୍ତାକୁ ବୁଝିବା କଷ୍ଟସାଧ। ବାସ୍ତବ ସତ୍ୟଟି ହେଉଛି, ଏହା ପାଶ୍ଚାତ୍ୟ ସାହିତ୍ୟର ଆତ୍ମିକ ସତ୍ତାର ଅନୁକରଣ। ଆମର ନିଜସ୍ୱ ପ୍ରାୟତଃ ଏଥିରେ କିଛି ନାହିଁ। ଇଲିୟଟୀୟ କାବ୍ୟ ଦୃଷ୍ଟିରୁ ଏହା ମୋହାବିଷ୍ଟ।

ପଦ୍ମଶ୍ରୀ ସଚ୍ଚି ରାଉତରାୟଙ୍କଠାରୁ ଅଦ୍ୟାବଧି ଅନେକ କବିତା ଏହି ଧାରାରେ ରଚନା କରାଯାଇଛି। ହୁଏତ ସବୁ କବିତା ଏହି ଧାରାର ଅନ୍ତର୍ଭୁକ୍ତ ନୁହନ୍ତି। କହିବାକୁ ଗଲେ ଉତ୍ତର ଆଧୁନିକ କବିତା ଦୁର୍ବୋଧ୍ୟତା ବିରୋଧରେ ଏକ ପ୍ରତିବାଦ। ପାଠକ ଓ ଲେଖକଙ୍କ ମଧ୍ୟରେ ଦୂରତା ହ୍ରାସ କରିବାର ଏକ ପ୍ରୟାସ। ପାଠକର ନିକଟତର ହେବାକୁ କବିଟିର ଏହା ପ୍ରଥମ ଅଭିଳାଷ। ଉତ୍ତର ଆଧୁନିକ କବିତା- ସମାଜର ପ୍ରତିନିଧିଟିଏ। ଏହା କୌଣସି ବ୍ୟକ୍ତିର ଜାଗିର ନୁହେଁ, ବରଂ ଏହା ସର୍ବଜନାଦୃତ ଶ୍ରୋତାଟିଏ। ଗୋଟିଏ ଅର୍ଥରେ କହିଲେ, ପାଠକର ଗ୍ରହଣୀୟତା ହିଁ ଉତ୍ତର ଆଧୁନିକତା।

କବିଟିଏ କେବେ ବି ଅହଙ୍କାରୀ ନହେଉ, ଏହି ମୂଳ ତତ୍ତ୍ୱକୁ ଉତ୍ତର ଆଧୁନିକ କବିତା ବଖାଣି ଥାଏ। ରହସ୍ୟମୟତାକୁ ପରିତ୍ୟାଗ କରି ବାସ୍ତବତାରେ ସେ ବିଶ୍ୱାସ କରେ। ଗ୍ରହ, ନକ୍ଷତ୍ର, ଜ୍ୟୋତିଷ ଅପେକ୍ଷା ମାଟି, ପାଣି ଓ ପବନରେ ଅଧିକା ବିଶ୍ୱାସ ରଖେ। ମାଟି ପ୍ରତି ଅହେତୁକ ମୋହ ଉତ୍ତର ଆଧୁନିକ କବିତାର ପ୍ରମୁଖ ବିଭବ। ଆଧାତ୍ମିକତା ଅପେକ୍ଷା ଜୀବନ ଜଗତ ଉପରେ ଅଧିକ ଗୁରୁତ୍ୱ ଦିଆ ଯାଇଥାଏ। ଉତ୍ତର ଆଧୁନିକ କବିଟିଏ କେବଳ ଅନ୍ୟର ଇଚ୍ଛା ଅଭୀପ୍ସାକୁ କୋଳାଗ୍ରତ କରିଛି। ଆତ୍ମ ସଚେତନ ହୋଇ ଆତ୍ମଆବିଷ୍କାରକ ହେବା କବି ପାଇଁ ଏକ ସଂକେତ ଆଣିଛି। କାରଣ, ଉତ୍ତର ଆଧୁନିକ କବିତାରେ କବିତା ନିଜସ୍ୱ ଚେତନାର ଅଭିବ୍ୟକ୍ତି ସାଜିଥାଏ। ସମାଜ ସହିତ ତା'ର ସଂପୃକ୍ତି, ପାରିପାର୍ଶ୍ୱିକ ପରିବେଶ ପ୍ରତି ଆସକ୍ତି, ନିଜ ଭିତରେ ଅନ୍ୟର ଅନ୍ୱେଷଣ, ଅନ୍ୟ ପ୍ରତି ନିଜର ଅନ୍ତରଙ୍ଗତା, ବିଶେଷ ଭାବରେ ହୃଦୟଶୀଳତା ହିଁ ଏହାର ପ୍ରକୃତ ଉତ୍ସ।

ଉତ୍ତର ଆଧୁନିକ କବି କେବେ ବି ପଳାୟନବାଦୀ ନୁହେଁ। ଜୀବନର ବିବିଧ କ୍ଷେତ୍ରକୁ ସାମ୍ନା କରେ, ତା'ର ସମାଧାନର ବାଟ ବି ଫିଟାଏ। ପରମ୍ପରାକୁ ନୂଆ ଭାବରେ ଗଢ଼ି ତୋଳେ। ଏହି ଧାରାର କବିଟିଏ ନୂତନ ସାଂସ୍କୃତିକ, ଐତିହାସିକ ଓ ନୈତିକ ଭିତ୍ତିଭୂମିକୁ ସୁଦୃଢ଼ କରେ। ବିଶ୍ୱାସ ରଖେ- ବ୍ୟକ୍ତିର ସ୍ୱତନ୍ତ୍ରତାରେ ଏବଂ ସାଧାରଣ ମଣିଷର ଅନ୍ତଃସତ୍ତାରେ। ଆତ୍ମିକ ଆବେଦନ ହିଁ କବିତାଟିକୁ ପୂର୍ଣ୍ଣ ରୂପ ପ୍ରଦାନ କରିଥାଏ। ଆଧୁନିକ କବିତାର ସମସ୍ତ ସଂଜ୍ଞାକୁ ଉତ୍ତର ଆଧୁନିକ କବିତା ବିଶ୍ୱାସ କରେନାହିଁ। ବ୍ୟକ୍ତି ସତ୍ତା ଜୀବନ ଜିଜ୍ଞାସା ସହ ସମାହିତ ହୋଇ ଏଥିରେ ଅଭିବ୍ୟକ୍ତ ହୁଏ। ଏହାର କାବ୍ୟିକ ସ୍ୱର କରୁଣା ବିଗଳିତ, କୋମଳତାରେ ସ୍ନିଗ୍ଧତା, ହୃଦୟବତ୍ତା, ଅନ୍ତରଙ୍ଗତା କାବ୍ୟିକ ଚେତନାର ଭୂମି ହୋଇଥିବାରୁ ପାଠକଙ୍କୁ ଖୁବ୍ ସ୍ପର୍ଶ କରିପାରେ।

ଜନ୍ମ ଓ ମୃତ୍ୟୁର କାଳ୍ପନିକ ବିଳାସର ଏହା ପକ୍ଷପାତୀ ନୁହେଁ। ପ୍ରେମରେ ଅକୃତ୍ରିମତା, ଛଳନା, ଧୋକାକୁ ଉତ୍ତର ଆଧୁନିକ କବିତା ଆପଣେଇ ନିଏ। ସମ କାଳ ପ୍ରତି ଏ କବିତା ସଦା ସର୍ବଦା ସତ୍ୟନିଷ୍ଠ। କବିତାରେ ଈଶ୍ୱର ଅପେକ୍ଷା ମଣିଷ, ଆଧାତ୍ମିକତା ଅପେକ୍ଷା ମାନବିକତା, ପଳାୟନ ଅପେକ୍ଷା ପରିଗ୍ରହଣତା ଅଧିକ ସଂଗଠିତ ହୋଇଛି।

ଆଧୁନିକ କବିତା ଅନେକ ଦିନ ଧରି ମୃତ୍ୟୁ ଚେତନା ଦ୍ୱାରା ଅନୁପ୍ରେରିତ। କିନ୍ତୁ ଉତ୍ତର ଆଧୁନିକ କବିତା କେବଳ ଜୀବନ ସଚେତକ। ଉତ୍ତର ଆଧୁନିକ କବିତା ନିଃସଙ୍ଗତା, ବୀତସ୍ପୃହତା, ସ୍ୱପ୍ନ ଭଙ୍ଗରେ ଆଦୌ ଭରସା କରେନାହିଁ। ମଣିଷର ସମସ୍ତ କଷ୍ଟ ଲାଘବର ଏକ ପ୍ରୟାସ ଅନବରତ ଜାରି ରଖେ। ଉତ୍ତର ଆଧୁନିକ କବିତା ଅନ୍ଧାର ଭିତରେ ଏକ ଆଲୋକର ଅନ୍ୱେଷଣ କରେ।

ଲଣ୍ଡନ ପୋଲ ଭାଙ୍ଗିଯିବାର ଏକ ପୁରୋଦୃଷ୍ଟିସମ୍ପନ୍ନ ପ୍ରତୀକାତ୍ମକ ବିବିଧତା ଉତ୍ତର ଆଧୁନିକ କବିକୁ କେବେ ବି ବ୍ୟତିବ୍ୟସ୍ତ କରିନାହିଁ। ବର୍ଣ୍ଣବୈଷମ୍ୟ, ମଦମୃତ୍ୟୁ, ବିସ୍ଥାପିତଙ୍କ ଅସହାୟତା, କନ୍ଧମାଳର ଦଙ୍ଗା, ଭଣ୍ଡବାବା, ବେବିନା, ମମତା ଓ ସ୍ମିତାରାଣୀଙ୍କ ହତ୍ୟା- ଏହିଭଳି ନିଷ୍ପେଷିତ ଓ ନିପୀଡ଼ିତ ମାନବାତ୍ମାର ସ୍ୱରକୁ ଏହା ବାରମ୍ବାର ଅନୁରଣିତ କରିଛି। ଏଗୁଡ଼ିକ ଉତ୍ତର ଆଧୁନିକ କବିତାର କେତେକ ଉପଜୀବ୍ୟ କାବ୍ୟବସ୍ତୁ।

ଉତ୍ତର ଆଧୁନିକ କବିଟିର ସାମ୍ୟବାଦୀ ଦୃଷ୍ଟି ତୀକ୍ଷ୍ଣ, ସ୍ୱଚ୍ଛ, ସତ୍ୟନିଷ୍ଠ। ଏହା ହୃଦୟର ଏକ କାରୁଣିକ ଉପଲବ୍ଧି। ଅନ୍ୟର ଦୁଃଖ ଓ ଉତ୍ପୀଡ଼ନକୁ ନିଜ ଭିତରେ ଆତ୍ମସ୍ଥ କରିବାର ସମସ୍ତ ଭାବନା ତା' ଭିତରେ ଉପଲବ୍ଧି କରିହୁଏ। ଉତ୍ତର ଆଧୁନିକ କବିତାର ସାମ୍ୟବାଦୀ ଦୃଷ୍ଟି ବିଶେଷ ଭାବେ ସହାନୁଭୂତିସମ୍ପନ୍ନ, ଆନ୍ତରିକ, ବ୍ୟକ୍ତି ପକ୍ଷ ଓ ଅଭିବ୍ୟକ୍ତି ପକ୍ଷ ଭିତରେ ସନ୍ତୁଳନଟିଏ ବେଶ୍ ସ୍ପଷ୍ଟ। ସ୍ୱାଭାବିକ ଭାବେ ବ୍ୟକ୍ତିଗତ ସ୍ୱତନ୍ତ୍ର ଅନୁଭୂତି ଅନୁଭବର ସାଧାରଣୀକରଣ ମଧ୍ୟରେ ସମ୍ଭବ ହୋଇ ପାରିଛି। ଯଥାର୍ଥରେ ଏଗୁଡ଼ିକ ହିଁ ଉତ୍ତର ଆଧୁନିକ କବିତାର ଆତ୍ମିକ ଭାବବସ୍ତୁ। କିନ୍ତୁ ଏହାର ଆଙ୍ଗିକ ସୌଷ୍ଠବ ଆତ୍ମା ସହିତ ସଂପୃକ୍ତ।

ଜଣେ ବିଶିଷ୍ଟ କବିଙ୍କ ଭାଷାରେ, କବିର ଆଙ୍ଗିକ ହିଁ ଆତ୍ମିକ- ଯେଉଁଥିରେ ଭାବଟି ଗମ୍ଭୀର ଥିବ। କିନ୍ତୁ ଅଙ୍ଗ ଯଦି ଦୁର୍ବଳ ହେବ, ତେବେ ତାହା ସଫଳ କବିତା ସୃଷ୍ଟି କରିବା ଅସମ୍ଭବ। ଶବ୍ଦଚିତ୍ର ପ୍ରୟୋଗ ଆଜିର ନୁହେଁ। ମାଟିର ମହାକବି ଶୂଦ୍ରମୁନି ସାରଳା ଦାସଙ୍କଠାରୁ ଏ ପର୍ଯ୍ୟନ୍ତ ଏହା କବିତାର ପ୍ରମୁଖ ବିଭବ। ଶବ୍ଦଚିତ୍ର ହିଁ କାବ୍ୟିକ ଭାବାବେଗକୁ ସାନ୍ଦ୍ର କରିଥାଏ। ଶବ୍ଦର ଚୁମ୍ବକୀୟ ଶକ୍ତି ଦ୍ୱାରା ଚିତ୍ରଟି ଆମ ଅନ୍ତରର ଗଭୀରତାକୁ ସ୍ପର୍ଶ କରିଥାଏ। ଚିତ୍ରକଳ୍ପଟିଏ ତ ଆମର ମନନଶୀଳତାକୁ ଖୋରାକ ଯୋଗାଇ ଥାଏ। ମାତ୍ର ଅତ୍ୟଧିକ ବିମ୍ବ ପ୍ରୟୋଗ ଦ୍ୱାରା କବିତାକୁ ନିମ୍ନଗାମୀ କରି ଗଢ଼ିତୋଳେ। ବିଶ୍ୱବ୍ୟାପି କାବ୍ୟାଦର୍ଶକୁ ଅନୁକରଣ ଗୁଡ଼ାଏ ଅଯୌକ୍ତିକ ଶବ୍ଦଚିତ୍ର ନିର୍ମାଣ କରିବାର ମାର୍ଗ ଦେଖାଉଛି। ଆତ୍ମଦର୍ଶୀ ସମାଲୋଚକଙ୍କ ଉତ୍ସାହ ପାଇଁ ସିଧାସଳଖ କଥା କହିବାର ଯେଉଁ ଶୈଳୀ ଆମେ ଗ୍ରହଣ କରିବା ଆରମ୍ଭ କରିଛେ, ସେଥିରେ ବିମ୍ବ ତ ରହିବ, ହେଲେ ତାହା କବିତାକୁ ଭାରାକ୍ରାନ୍ତ କରିବ ନାହିଁ। କବି ବିଶ୍ୱର ଆଶ୍ରୟ ନେଇ ବାସ୍ତବ ସତ୍ୟକୁ କେବେ ବି ପ୍ରତାରିତ କରି ପାରିବ ନାହିଁ। ଗୋଟିଏ ବାକ୍-ବିମ୍ବରେ ଯାହା ସତ୍ୟ, ତାହାକୁ ସ୍ପଷ୍ଟ ଭାବେ ପ୍ରକାଶ କରିବ। ଏହି ଧର୍ମରେ ଉତ୍ତର ଆଧୁନିକ କବିତା ଇନ୍ଦ୍ରିୟବୋଧ ଓ ଭାବର ସଂପ୍ରସାରଣ ହରାଇ ନାହିଁ। ଏହି କବିତା ଧୀରେ ଧୀରେ ଜଟିଳତାରୁ କିପରି ମୁକ୍ତ ହେବାକୁ ତା'ର ପ୍ରୟାସ ଆରମ୍ଭ କରିଛି।

କବିତା ସର୍ବଦା ସ୍ୱୟଂସଂପୂର୍ଣ୍ଣ। ଶବ୍ଦଚିତ୍ର ଓ କଥାକଳ୍ପ ଯେ ଉତ୍ତର ଆଧୁନିକ କବିତାରେ ନାହିଁ, ତାହା କହିହେବ ନାହିଁ। କିନ୍ତୁ ତାହା ସାର୍ବଜନୀନତା ଓ ବୋଧଗମ୍ୟତାକୁ ବଜାୟ ରଖିଛି। ସାଧାରଣ ଜୀବନରୁ ତଥ୍ୟ ଆହରଣ କରି ଏହାର ସାର୍ବଜନୀନତା ସର୍ବୋତ୍କୃଷ୍ଟ ହୋଇ ପାରିଛି। ଭାଷା ଓ ଭାବର ସରଳତା, ସ୍ୱଚ୍ଛନ୍ଦତା ଉତ୍ତର ଆଧୁନିକ କବିତାର ଅନ୍ୟତମ ମୁଖ୍ୟ ବୈଶିଷ୍ଟ୍ୟ। ବାକ୍ ଓ ଅର୍ଥ ଦୁହେଁ ଓତଃପ୍ରୋତ ଭାବେ ଜଡ଼ିତ। କବିର ନିଜସ୍ୱ ଦୃଷ୍ଟି ଅନୁଭୂତିର ପ୍ରେରଣାରେ ଅନୁପ୍ରାଣୀତ ହୋଇଥିବାରୁ କବିତାର ଭାଷା ଭାବାତ୍ମକ ହୋଇଥାଏ।

ଉତ୍ତର ଆଧୁନିକ କବିତାର କବି ଚେତନାରେ ଯେଉଁ ଶବ୍ଦଚିତ୍ର ନିର୍ମାଣ କରେ, ସେହି ବିମ୍ବ ଆମ ଭାବ ବିଶ୍ୱରେ ସହଜରେ ପ୍ରତିଫଳିତ କରେ। ଆମ କଳ୍ପନାର ପରିସରକୁ ପରିବ୍ୟାପ୍ତ କରେ। କବିର ଏକ ପୂର୍ଣ୍ଣାଙ୍ଗ ରୂପରେଖ ତିଆରି କରିବା ସହ ଅନୁଭବକୁ ଏକ ଶାବ୍ଦିକ ଗୁଣ ପ୍ରଦାନ କରେ। ଉତ୍ତର ଆଧୁନିକ କବିତା କବିର ମାନସିକ ଅନ୍ତଃସ୍ୱର ହୋଇଥିବାରୁ ରୂପ ବିନ୍ୟାସ ଅପେକ୍ଷା ଭାବ ବିନ୍ୟାସକୁ ଯଥେଷ୍ଟ ଗୁରୁତ୍ୱ ଦିଏ।

ଉତ୍ତର ଆଧୁନିକ କବିତା ବୁଦ୍ଧିର ବିପ୍ଳବ ନୁହେଁ। ଏହା ହୃଦୟର ବିପ୍ଳବ। ଉତ୍ତର ଆଧୁନିକ କବିତା ସିଧା ସଳଖ ହୃଦୟକୁ ଛୁଏଁ। ଭାଷାର ଆନୁଷ୍ଠାନିକତାରୁ ଏହା ଅନେକ ପରିମାଣରେ ବି ମୁକ୍ତ। ଆଳଙ୍କାରିକ ଆଟୋପ ନାହିଁ ସତ, ଅଛି ଏଥିରେ ନିଷ୍କପଟ ସ୍ୱାଭାବିକତା। ସର୍ବଶେଷରେ, ଉତ୍ତର ଆଧୁନିକ କବିତା ଏକ ଅନୁଶୀଳନାତ୍ମକ ଆଲେଖ୍ୟ। ବିବିଧତାରେ ବିଶ୍ୱାସ କରୁଥିବା ଏହି କବିତା ଆଙ୍ଗିକର ବିବିଧତାକୁ ମଧ୍ୟ ସମ୍ମାନର ସହ ଗ୍ରହଣ କରିଥାଏ।

ଅଧାପିକା, ମହାପୁରୁଷ ହାଡ଼ିଦାସ ମହାବିଦ୍ୟାଳୟ
ଛତିଆ, ଯାଜପୁର, ମୋ: ୯୪୩୭୯୫୭୬୧୭

# ତମାଖୁର ବିଷାକ୍ତ ଫାଶ



ବିଶ୍ୱରୂପା ରଥ

ପ୍ରତ୍ୟେକ ନିଃଶ୍ୱାସ ଅତ୍ୟନ୍ତ ଜରୁରୀ। ବିଷାକ୍ତ ଦ୍ରବ୍ୟ ତମାଖୁ ପ୍ରତି ବର୍ଷ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ନେଇଥାଏ। ବିଶ୍ୱ ସ୍ତରରେ ତମାଖୁ ସେବନ ଯୋଗୁଁ ପ୍ରତି ବର୍ଷ ପ୍ରାୟ ୭୦ ଲକ୍ଷ ଲୋକ ମୃତ୍ୟୁବରଣ କରନ୍ତି। ତେଣୁ ତମାଖୁ କେବଳ ଏକ ଉତ୍ପାଦ ନୁହେଁ; ଏହା ଏକ ବିଶ୍ୱ ସ୍ୱାସ୍ଥ୍ୟ ମହାମାରୀରେ ପରିଣତ ହୋଇଛି। କିନ୍ତୁ ତଥାପି ଜନସଂଖ୍ୟାର ଅଧିକାଂଶ ଲୋକ ଏଥିରେ ଗଭୀର ଭାବରେ ଆସକ୍ତ। ଆଜିକାଲି, ବିଶେଷକରି ଯୁବ ପିଢ଼ି ଦ୍ରୁତ ଗତିରେ ତମାଖୁ ଉତ୍ପାଦ ପ୍ରତି ଆକର୍ଷିତ ହେଉଛନ୍ତି। ସେମାନଙ୍କ ପାଖରେ ଉପଯୁକ୍ତ ସଚେତନତାର ଅଭାବ ରହିଛି, ତେଣୁ ତମାଖୁ ବ୍ୟବହାରର କ୍ଷତିକାରକ ପ୍ରଭାବ ଏବଂ ଏହାର ସେବନ ସହିତ ଜଡ଼ିତ ସ୍ୱାସ୍ଥ୍ୟ ବିପଦ ବିଷୟରେ ସଚେତନତା ବୃଦ୍ଧି କରିବା ପାଇଁ ୧୯୮୭ ମସିହାରୁ ପ୍ରତି ବର୍ଷ ମେ' ୩୧ ତାରିଖରେ ବିଶ୍ୱ ତମାଖୁ ନିଷେଧ ଦିବସ ପାଳନ କରାଯାଉଛି। ୨୦୨୬ ମସିହାର ବିଶ୍ୱ ତମାଖୁ ନିଷେଧ ଦିବସର ସରକାରୀ ବିଷୟବସ୍ତୁ ହେଉଛି: 'ଆବେଦନକୁ ଉନ୍ମୋଚନ କରିବା: ନିକୋଟିନ୍ ଏବଂ ତମାଖୁ ନିଶାକୁ ପ୍ରତିହତ କରିବା', ଯାହାର ଅର୍ଥ ହେଉଛି- ଆକର୍ଷଣୀୟ ଦେଖା ଯାଉଥିବା ଜିନିଷଗୁଡ଼ିକ ଆବଶ୍ୟକ ଭାବରେ ଲାଭଦାୟକ ନୁହେଁ (ମୁଖ୍ୟତଃ ତମାଖୁ ଉପରେ ଧ୍ୟାନ ଦେଇ)।

ତମାଖୁ ନିକୋଟିନ୍ ଗଛର ଶୁଖିଲା ପତ୍ରରୁ ତିଆରି କରାଯାଏ, ଯେଉଁଥିରେ ଅନେକ କ୍ଷତିକାରକ ରାସାୟନିକ କଣିକା ଥାଏ। ନିକୋଟିନ୍ ଅନେକ କ୍ଷତିକାରକ ରାସାୟନିକ ପଦାର୍ଥ ଛାଡ଼େ, ଯାହା ମାନବ ସ୍ନାୟୁତନ୍ତ୍ରକୁ ପ୍ରତିକୂଳ ଭାବରେ ପ୍ରଭାବିତ କରେ। ତମାଖୁ ପୋଡ଼ିଲେ ଉତ୍ପାଦିତ କ୍ଷତିକାରକ ଗ୍ୟାସ୍ କାର୍ବନ ମନୋକ୍ସାଇଡ୍ ଶରୀରରେ ଅମ୍ଳଜାନ ପରିବହନକୁ ଅବରୋଧ କରେ। ଏଥିରେ ଆର୍ସେନିକ୍, ଟାର୍, ଆମୋନିଆ ଇତ୍ୟାଦି ଅନେକ କଣିକା ମଧ୍ୟ ଥାଏ, ଯାହା ଆମ ଶରୀର ପାଇଁ ବିଷ ଭାବରେ କାର୍ଯ୍ୟ କରେ, ଯାହା ଫୁସ୍‌ଫୁସ୍ ଏବଂ ମାନବ ଶରୀରର ଅନ୍ୟାନ୍ୟ ଅଙ୍ଗକୁ କ୍ଷତି ପହଞ୍ଚାଏ। ତମାଖୁ ସ୍ୱାଦ ଏବଂ ବିଜ୍ଞାପନର ଉପାୟ ଯୁବକମାନଙ୍କ ମସ୍ତିଷ୍କକୁ ସହଜରେ ଆକର୍ଷିତ କରେ, ଯାହା ଫଳରେ ସେ ଏହାକୁ ସେବନ କରେ।

ତମାଖୁ କେବଳ ମାନବ ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଏ ନାହିଁ, ବରଂ ଏହା ପରିବେଶକୁ ମଧ୍ୟ କ୍ଷତି ପହଞ୍ଚାଏ, ଯେଉଁଥିରେ ମାଟି, ପାଣି, ବାୟୁ ଏବଂ କୃଷି ଜମି ଅନ୍ତର୍ଭୁକ୍ତ। ତମାଖୁ ଚାଷରେ ପ୍ରଚୁର କୀଟନାଶକ ଏବଂ ସାର ବ୍ୟବହାର କରାଯାଉଛି, ଯାହା ମାଟିର ଗୁଣବତ୍ତା ହ୍ରାସ କରେ, ଯାହା ଫଳରେ ମାଟିର ଅତ୍ୟାବଶ୍ୟକୀୟ ପୋଷକ ତତ୍ତ୍ୱ ନିଷ୍କାସିତ ହୋଇଯାଏ। ଏହା ବ୍ୟତୀତ ତମାଖୁରୁ ନିର୍ଗତ ଅଳିଆ ଏବଂ ନିର୍ଗମନ ପରିବେଶକୁ ପ୍ରଦୂଷିତ କରେ ଏବଂ ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି କରେ। ସିଗାରେଟ୍ ଧୂଆଁ (କାର୍ବନ ମନୋକ୍ସାଇଡ୍, ଆମୋନିଆ, ଆର୍ସେନିକ୍ ଇତ୍ୟାଦି ଧାରଣ କରି) ଯେତେବେଳେ ବାୟୁମଣ୍ଡଳୀୟ ବାୟୁ ସହିତ ଦୂଷିତ ହୁଏ, ସେତେବେଳେ ବାୟୁର ଗୁଣବତ୍ତା କ୍ଷତି କରେ। କେତେବେଳେ ଧୂଆଁ ଚାଲିଯାଇପାରେ, କିନ୍ତୁ ଅବଶିଷ୍ଟାଂଶ ଚାଲିଯାଏ ନାହିଁ। ଏହା କାନ୍ଥ, ପୋଷାକ, କେଶ ଇତ୍ୟାଦିରେ ଲାଗି ରହିଥାଏ, ଯାହାକୁ କେହି ସ୍ପର୍ଶ କଲେ ସେମାନଙ୍କ ପାଇଁ କ୍ଷତି ହୋଇପାରେ।

ସାଙ୍ଗସାଥୀଙ୍କ ଚାପ, ସାମାଜିକ ଚାପ, ମାନସିକ ପ୍ରଭାବ ଇତ୍ୟାଦି ଅନେକ କାରଣ ଯୋଗୁଁ ଆଜିର ଯୁବ ପିଢ଼ି ତମାଖୁ ଉତ୍ପାଦ ପ୍ରତି ଗଭୀର ଭାବରେ ଆକର୍ଷିତ। କିନ୍ତୁ ଆଜିର ଯୁବ ପିଢ଼ି ଆସନ୍ତା କାଲିର ନାଗରିକ। ଏହି ପ୍ରକାର ନିଶାରେ ପଡ଼ିବା କେବଳ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରେ ନାହିଁ, ବରଂ ଭବିଷ୍ୟତ ପିଢ଼ି ପାଇଁ ମଧ୍ୟ ବିପଦ ସୃଷ୍ଟି କରେ।

ଆସନ୍ତୁ, ଯୁବ ପିଢ଼ିଙ୍କ ତମାଖୁ ଉତ୍ପାଦ ବ୍ୟବହାର ବୃଦ୍ଧିର ପ୍ରମୁଖ କାରଣଗୁଡ଼ିକୁ ଅନୁସନ୍ଧାନ କରିବା: ୧) ମାନସିକ ଚାପ ଏବଂ ସାଙ୍ଗସାଥୀ ଚାପ: କିଶୋର ଅବସ୍ଥା ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ। ସେମାନେ ପାରିବାରିକ ଦ୍ୱନ୍ଦ୍ୱ, ଶିକ୍ଷାଗତ ଚାପ, ଏକାକୀତ୍ୱ ଏବଂ ଅନେକ ସମସ୍ୟାର ସମ୍ମୁଖୀନ ହୁଅନ୍ତି। ନିଃଶ୍ୱାସ ନେବା ସମୟରେ ତମାଖୁରେ ଥିବା ନିକୋଟିନ୍, ମସ୍ତିଷ୍କ କୋଷରୁ ଡୋପାମିନ୍ ନିର୍ଗତ ହୁଏ, ଯାହା କ୍ଷଣସ୍ଥାୟୀ ଆନନ୍ଦ ଏବଂ ସନ୍ତୋଷ ପ୍ରଦାନ କରେ। ଅନ୍ୟ ପକ୍ଷରେ ନିକୋଟିନ୍ ରକ୍ତଚାପ ସହିତ ହୃତ୍ ସ୍ପନ୍ଦନ ମଧ୍ୟ ବୃଦ୍ଧି କରେ। ୨) ସାମାଜିକ ଗଣମାଧ୍ୟମର ପ୍ରଭାବ: ସାମାଜିକ ସାଇଟରେ ଅନେକ ଭିଡିଓ ପୋଷ୍ଟ କରାଯାଉଛି, ଯେଉଁଠାରେ ତମାଖୁ ସେବନ ଦର୍ଶାଯାଇଛି। ଯଦିଓ ଏହା କେବଳ ଭିଡିଓ ପାଇଁ ହୋଇଥାଏ, ତଥାପି ଯୁବ ପିଢ଼ିଙ୍କ ମନ ସହଜରେ ଏହା ଆଡ଼କୁ ଆକର୍ଷିତ ହୋଇଯାଏ। ସେମାନେ ଏହା ନିରାପଦ କି ନୁହେଁ, ସେ ବିଷୟରେ ଚିନ୍ତା କରନ୍ତି ନାହିଁ, ସେମାନେ କେବଳ ଏହାକୁ ନକଲ କରିବାକୁ ଚାହାନ୍ତି- ଏହି ଚିନ୍ତାଧାରା ସହିତ ଯେ ସେମାନେ ଥଣ୍ଡା ଦେଖାଯିବେ। ୩) ସଠିକ୍ ସଚେତନତାର ଅଭାବ: ଯେହେତୁ କିଶୋର ଅବସ୍ଥା ହେଉଛି ଶିଖିବା ଏବଂ ବୃଦ୍ଧି ହେବାର ପର୍ଯ୍ୟାୟ, ଜଣେ ପିଲା କ'ଣ ଭୁଲ୍ ଏବଂ କ'ଣ ଠିକ୍- ତାହା ନିଷ୍ପତ୍ତି ନେଇପାରେ ନାହିଁ। ସେମାନଙ୍କର ମନ ଠିକ୍ ଭାବରେ ବିକଶିତ ହୋଇ ନଥାଏ। ତେଣୁ ସେମାନେ ଯେଉଁଠାରେ ଧୂମପାନ ଦେଖନ୍ତି, ସେମାନେ ଏହା ଚେଷ୍ଟା କରିବାକୁ ଆରମ୍ଭ କରନ୍ତି, ଯାହା ଶେଷରେ ନିଶାରେ ପରିଣତ ହୁଏ। ଯଦି ସେମାନଙ୍କୁ ବୟସ୍କ କିମ୍ବା କୌଣସି ଲୋକ ଉପଯୁକ୍ତ ସଚେତନତା ପ୍ରଦାନ କରନ୍ତି, ତେବେ ସେମାନେ ସେମାନଙ୍କର ଭୁଲ୍ ବୁଝି ପାରନ୍ତି।

କେବଳ ଧୂମପାନକାରୀ ନୁହନ୍ତି, କିନ୍ତୁ କେତେକ ସମୟରେ ନିରୀହ ଲୋକମାନେ




ମଧ୍ୟ ତମାଖୁ ଧୂଆଁରେ ପୀଡ଼ିତ ହୁଅନ୍ତି, ଯଦିଓ ସେମାନେ କେବେ ଏହାକୁ ଛୁଇଁ ନାହାନ୍ତି। ଧୂମପାନକାରୀଙ୍କ ପାଖରେ ରହିବା କ୍ଷତିକାରକ, କାରଣ ଧୂଆଁ ଚାରି ପାଖର ବାୟୁ ସହିତ ମିଶିଯାଏ ଏବଂ ନିଃଶ୍ୱାସରେ ନେଇଯାଏ। ଏହା ଦୀର୍ଘକାଳୀନ ରୋଗ, ରକ୍ତବାହୀ ନଳୀକୁ କ୍ଷତି ପହଞ୍ଚାଇପାରେ ଏବଂ ଏଥିରେ ବିପଜ୍ଜନକ କର୍କଟ ରୋଗ ସୃଷ୍ଟିକାରୀ ଏଜେଣ୍ଟ ମଧ୍ୟ ଥାଏ, ଯାହା ଫୁସ୍‌ଫୁସ୍ କର୍କଟ ରୋଗର କାରଣ ହୋଇପାରେ। ଗର୍ଭବତୀ ମହିଳାମାନେ ଏପରି କ୍ଷତିକାରକ ବାୟୁ ସଂସ୍ପର୍ଶରେ ଆସିଲେ ଗର୍ଭପାତ, ଅକାଳରେ ଶିଶୁ ଜନ୍ମ ଇତ୍ୟାଦିର ଆଶଙ୍କା ଥାଏ।

ତମାଖୁ ଦ୍ୱାରା ହେଉଥିବା ବିପଦପୂର୍ଣ୍ଣ ସ୍ୱାସ୍ଥ୍ୟଗତ ବିପଦ: ୧) ଅଗ୍ନ୍ୟାଶୟ କର୍କଟ: ଅଗ୍ନ୍ୟାଶୟ, ଯାହା ଅତ୍ୟାବଶ୍ୟକୀୟ ହରମୋନ୍ ଉତ୍ପାଦନ କରି ହଜମରେ ସାହାଯ୍ୟ କରେ, ତାହା ବିଷାକ୍ତ ଧୂଆଁ ଦ୍ୱାରା କ୍ଷତିଗ୍ରସ୍ତ ହୁଏ। ତମାଖୁ ଧୂଆଁରେ ଥିବା କାର୍ସିନୋଜେନ୍ ଫୁସ୍‌ଫୁସ୍ ଦ୍ୱାରା ରକ୍ତ ପ୍ରବାହରେ ଶୋଷିତ ହୁଏ ଏବଂ ସିଧାସଳଖ ଅଗ୍ନ୍ୟାଶୟକୁ ନେଇଯାଏ। ଏହି ବିଷାକ୍ତ ପଦାର୍ଥ ଅଗ୍ନ୍ୟାଶୟର କୋଷଗୁଡ଼ିକୁ କ୍ଷତି ପହଞ୍ଚାଏ। ୨) ଫୁସ୍‌ଫୁସ୍ କର୍କଟ- ଫୁସ୍‌ଫୁସ୍ କର୍କଟ ରୋଗୀଙ୍କ ମଧ୍ୟରୁ ପ୍ରାୟ ୭୫ ପ୍ରତିଶତ ଧୂମପାନକାରୀ। କିନ୍ତୁ ଅନେକ ସମୟରେ ଯେ କୌଣସି ତମାଖୁ ଉତ୍ପାଦର ଦୂଷିତ ଧୂଆଁକୁ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ନିଃଶ୍ୱାସ ନେଇଥିବା ନିର୍ଦ୍ଦୋଷ ଲୋକଙ୍କର ଏହି ରୋଗ ହେବାର ଆଶଙ୍କା ରହିପାରେ, କାରଣ ଏଥିରେ ବେଞ୍ଜିନ୍, ଆର୍ସେନିକ୍, ଟାର୍ ଇତ୍ୟାଦି କ୍ଷତିକାରକ ବିଷାକ୍ତ ପଦାର୍ଥ ରହିଥାଏ। ଏହା ଫୁସ୍‌ଫୁସ୍ କୋଷଗୁଡ଼ିକୁ କ୍ଷତି ପହଞ୍ଚାଏ। ୩) ଷ୍ଟ୍ରୋକ୍- ତମାଖୁ ବ୍ୟବହାରକାରୀଙ୍କ କ୍ଷେତ୍ରରେ ଷ୍ଟ୍ରୋକ୍ ହେବାର ଆଶଙ୍କା ଅଧିକ। ଦ୍ୱିତୀୟରେ ଧୂଆଁପୂର୍ଣ୍ଣ ନିଃଶ୍ୱାସ ନେବା ଦ୍ୱାରା ମଧ୍ୟ ଏହି ରୋଗ ହେବାର ଆଶଙ୍କା ରହିଥାଏ। ତମାଖୁରେ ଥିବା ବିଷାକ୍ତ ପଦାର୍ଥ ମସ୍ତିଷ୍କରେ ଥିବା ରକ୍ତବାହୀ ନଳୀଗୁଡ଼ିକୁ ନଷ୍ଟ କରିଦିଏ। ଏହା ଟିସୁକୁ ଆବଶ୍ୟକୀୟ ଅମ୍ଳଜାନର ଯୋଗାଣକୁ ମଧ୍ୟ ହ୍ରାସ କରେ। ୪) ମୁଖ କର୍କଟ- ଗୁଟ୍‌ଖା, ଖଇନି ଇତ୍ୟାଦି ପରି ଧୂଆଁହୀନ ତମାଖୁ ବାରମ୍ବାର ଚୋବାଇଲେ ମୁଖ କର୍କଟ ହୋଇପାରେ। ପ୍ରତି ବର୍ଷ ପ୍ରାୟ ୧ ଲକ୍ଷ ଲୋକ ଏହି ମୁଖ କର୍କଟ ରୋଗରେ ଆକ୍ରାନ୍ତ ହୁଅନ୍ତି। ପ୍ରାରମ୍ଭିକ ଅବସ୍ଥାରେ ଚିହ୍ନଟ ହେଲେ ଏହା ଆରୋଗ୍ୟ ହୋଇପାରେ। ତଥାପି ଆମେ ପୀଡ଼ିତ ହେବା ପୂର୍ବରୁ ନିଜକୁ ରକ୍ଷା କରିବା ଭଲ।

ସ୍ୱାସ୍ଥ୍ୟ ହେଉଛି ଧନ। ଜାଣତରେ କ୍ଷଣିକ ଆନନ୍ଦ ପାଇଁ ଆମ ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଇବା ହେଉଛି ଆମେ ପୋଡ଼ିଯିବା ବୋଲି ଜାଣି ମଧ୍ୟ ନିଆଁକୁ ଡେଇଁବା ପରି। ବର୍ତ୍ତମାନ ତମାଖୁ ସେବନ ଛାଡ଼ିବା ପାଇଁ ଅନେକ ବିକଳ୍ପ ଏବଂ ଚିକିତ୍ସା ଉପଲବ୍ଧ। କିଛି ପ୍ରାକୃତିକ ଅଭ୍ୟାସ ଯେପରିକି ବବଲ୍‌ଗମ୍, ଗୁଜବେରୀ ଚୋବାଇବା, ପ୍ରଚୁର ପାଣି ପିଇବା ଇତ୍ୟାଦି ବିଷାକ୍ତ ପଦାର୍ଥକୁ ସଫା କରେ ଏବଂ ତମାଖୁ ଉତ୍ପାଦ ଚୋବାଇବା ପାଇଁ ଆଗ୍ରହକୁ କମ୍ କରେ। କେଏନ୍ ପେପର, ଜିନସେଙ୍ଗ ଇତ୍ୟାଦି ଔଷଧୀୟ ଉପଚାର ଡୋପାମିନ୍‌ମୁକ୍ତ ଏବଂ ତମାଖୁ ତୃଷ୍ଣାକୁ ହ୍ରାସ କରେ। ଏହା ବ୍ୟତୀତ ନିକୋଟିନ୍ ଚିକିତ୍ସା ଏବଂ ଅନେକ ନିର୍ଦ୍ଧାରିତ ଔଷଧ ପରି ଧ୍ୟାନ ନିଶା ନିୟନ୍ତ୍ରଣ କରିବାରେ ସାହାଯ୍ୟ କରି ପାରିବ। ଅଧିକନ୍ତୁ, ଏହି ଡିଜିଟାଲ୍ ଯୁଗରେ ଆମର ଡିଜିଟାଲ୍ ବିକଳ୍ପ ମଧ୍ୟ ଅଛି। ତମାଖୁ ସେବନକୁ କମାଇବାରେ ସାହାଯ୍ୟ କରିବା ପାଇଁ ଡିଜିଟାଲ୍ ସମାଧାନ ପ୍ରଦାନ କରିବା ପାଇଁ ସ୍ମୋକ୍ ଫ୍ରି, କ୍ୱିଟ୍ ନାଓ ଭଳି ବିଭିନ୍ନ ମୋବାଇଲ୍ ଆପ୍ଲିକେସନ୍ ବିକଶିତ ହୋଇଛି।

ତମାଖୁର କୁପ୍ରଭାବ ବିଷୟରେ ସଚେତନତା ପ୍ରସାର କରିବା ଏବଂ ସମସ୍ତ ଧୂମପାନକାରୀ କିମ୍ବା ତମାଖୁ ଉତ୍ପାଦ ବ୍ୟବହାରକାରୀଙ୍କୁ ଅଧିକ ବିଳମ୍ବ ହେବା ପୂର୍ବରୁ ସୁରକ୍ଷା ଦେବାର ସମୟ ଆସିଛି। ପରିଶେଷରେ ଅଧିକ ବିଳମ୍ବ ହେବା ପୂର୍ବରୁ ନିଜକୁ ସୁରକ୍ଷିତ ରଖନ୍ତୁ ଏବଂ ପରିବେଶକୁ ସୁରକ୍ଷିତ ରଖନ୍ତୁ।

ରାଉରକେଲା , ଓଡ଼ିଶା
ମୋ: ୯୮୬୧୭୧୯୧୯୩

# ବିଲୁପ୍ତି ପଥରେ ଲୋକକଳା



ପ୍ରଫୁଲ୍ଲ ବାରିକ

କଳା ଈଶ୍ୱରଦତ୍ତ। ଏହା ସୂକ୍ଷ୍ମାତିସୂକ୍ଷ୍ମ ଏକ ସୃଜନଶୀଳତା, ଯାହା ସମସ୍ତ ଲୋକଙ୍କ ପାଖରେ ନଥାଏ। କଳାର ବିଭିନ୍ନ ବିଭବ। ସାମୂହିକ ଭାବେ କଳା ସମାଜକୁ ସରସ ସୁନ୍ଦର କରି ଆନନ୍ଦମୟ ଜୀବନ ଜିଇଁବାକୁ ପ୍ରେରଣା ଯୋଗାଏ। କଳାର ପରିସର ବ୍ୟାପକ। ଏଠାରେ ସମ୍ପୂର୍ଣ୍ଣ କଳା ଉପରେ ଆଲୋଚନା ନକରି କରିବା ଲୋକକଳା ଉପରେ। ଲୋକକଳା କଳାର ଏକ ବଳିଷ୍ଠ ଅଙ୍ଗ। ଲୋକକଳା ଲୋକଙ୍କର। ଲୋକ ଏଠାରେ ସେଇମାନେ, ଯିଏ ଯୋଡ଼ି ହୋଇ ରହିଛନ୍ତି ମାଟି ସହ। ସେମାନେ ମାଟିର ମଣିଷ। ରହଣି ଗାଁ ଗଣ୍ଡାରେ। ଗାଁ ଗଣ୍ଡାର ମଣିଷ ଆପଣାର କଳା ସୃଷ୍ଟିକୁ ନେଇ ବିଭୋର ହୁଅନ୍ତି। ହୁଅନ୍ତି ଆନନ୍ଦମୁଖର। ତାହା ହିଁ ସେମାନଙ୍କର ପ୍ରବୃତ୍ତି ଓ ବୃତ୍ତି। ଶହ ଶହ ବର୍ଷ ପରେ ବି ଗ୍ରାମୀଣ କଳାରେ ପଡ଼ି ନଥିବା ବେଳେ ଧୂଳି ଟିପେ ଏବକୁ ସଭ୍ୟତାର ମାଗିଅଣା ସଂସ୍କୃତିର ଅନୁପ୍ରବେଶ ଫଳରେ ଲୋକକଳା ବହୁଧା ପ୍ରଭାବିତ। ଏକ ପ୍ରକାରେ ନିଶ୍ଚିହ୍ନପ୍ରାୟ। ଲୋକକଳାର କଳାକାରଙ୍କ ଅବସ୍ଥା ନ କହିବା ଭଲ।

ପିଢ଼ି ପରେ ପିଢ଼ି ଗଢ଼ି ଆସିଥିବା କଳା, ଯାହାକୁ ପେସା କରି ବଞ୍ଚି ଆସିଥିଲେ ଗାଁ'ର କମାର, କୁମ୍ଭାର, ବଢ଼େଇ, ତେଲି ସୁନାରୀମାନେ ଆଜି ଜୀବନ ପାଇଁ ଅନ୍ୟ ଜୀବିକାର ଅନ୍ୱେଷଣରେ ସେମାନେ। ବଢ଼େଇ ଆଉ କରୁନି ଲଙ୍ଗଳ ଜୁଆଳି କି କମାର ଦାଆ କଟୁରୀ କୋଦାଳ ଗଢ଼ୁନି। ତେଲି ପେଡୁନି ତେଲ ସୋରିଷ ଜଡ଼ାରୁ କି ସୁନାରୀ ଧରୁନି ଛେଣି କଟୁରୀ। ଗଉଡ଼ର ଗୋଠ ଗାଈଶୂନ୍ୟ। ବଜାରରେ ଯେବେ ମେସିନ୍ ଉତ୍ପାଦ ଶସ୍ତାରେ ଠେଲାଠେଲି, ଏମାନଙ୍କ ଜିନିଷକୁ ପଚାରେ କିଏ ? ବଜାରର ଆକର୍ଷଣରେ ବିମୋହିତ ଗ୍ରାହକ। ପ୍ରଭାବରେ ଅଣଦେଖା ହେଇ ରହି ଚାଲିଛନ୍ତି ଗ୍ରାମ୍ୟ ପେସାଦାର କଳାକାରମାନେ। ପୁରୁଷାନୁକ୍ରମେ ଚାଲି ଆସୁଥିବା କୁଳ ବେଉସା ଏବେ ଚୌପଟ। ପେସାଦାରଙ୍କ ଅବସ୍ଥା ନ କହିବା ଭଲ।


ସଂଗୀତ ନୃତ୍ୟ ବାଦ୍ୟ ବି ବାଦ୍ ପଡ଼ିନି ସେଥିରୁ। ମୟୂରଭଞ୍ଜର ଛଉ, ଗଞ୍ଜାମର ଦଣ୍ଡନୃତ୍ୟ, ସମ୍ବଲପୁରର ସମ୍ବଲପୁରୀ, ଉପକୂଳ ଜିଲ୍ଲାମାନଙ୍କର ଧୁଡୁକି, କେନ୍ଦରା, ଘୋଡ଼ାନାଚ, ପାଲା, ଦାସକାଠିଆ ଆଦି ସ୍ଥାନ ନେଇ ପ୍ରସିଦ୍ଧି ପାଇଥିବା କଳା ନିଶ୍ଚିହ୍ନ ଏବେ। ଯାତ୍ରାକୁ ଛାନି ଗାଁ ଡ୍ରାମା, ଦକ୍ଷିଣୀ, ରାହାସ ନୃତ୍ୟ, ବାଡ଼ିଖେଳ କୁସ୍ତି ଆଦି ଦିନେ ଯିଏ ଆକର୍ଷଣର ଥିଲା କେନ୍ଦ୍ରବିନ୍ଦୁ, ତା'ର ଚାହିଦା ଶୂନ୍ୟ ଏବେ। ବାହାରେ ଭରପୂର ମନୋରଞ୍ଜନ ପାଖରେ ଏମାନେ ଅପଚରା, ଅଲୋଡ଼ା ! ଥରେ ଭାବନ୍ତୁ ତ ସେଇ କଳାକାରମାନଙ୍କ ଅବସ୍ଥା କଥା।

ଝିଅ ବିଦା ବେଳେ ଉଭୟ ଝିଅ ଓ ସହୋଦରଙ୍କ କାନ୍ଦଣା ପର୍ବ ନାହିଁ ଆଉ କହିଲେ ଚଳେ। ଝିଅ ନିଜେ ଯାଇ ବସୁଛି କାର୍‌ରେ। ଢୋଲ ମହୁରୀ ବିଭାଘରରେ ଅଲୋଡ଼ା। ସବୁଠି ଡିଜେ ଓ ମାଇକ୍‌ର କାନଫଟା ଶବ୍ଦ !

ସେସବୁ ସମୂଳେ ନାହିଁ ବୋଲି ନୁହେଁ, ଯାହା ଅଛି, ସିଏ ଥାଇ ନଥିବା ଭଳି। କହିବା ବାହୁଲ୍ୟ, କଳା ଓ ସଂସ୍କୃତି ଆମ ମାଟିର ପରିଚୟ, ଆମ ଅସ୍ମିତା। ଅସ୍ମିତାକୁ ଛାଡ଼ି ଜାତିର ପରିଚୟ ନାହିଁ। ଜୀବନ ଯାଯାବର। ଜାତି ଝାଞ୍ଜିବୋର। ତେଣୁ କର୍ତ୍ତବ୍ୟ ଆମର ବଞ୍ଚେଇବା ଆମର ପରମ୍ପରାକୁ। ଆମ ପୁରାତନ କଳା ଆମ ଗ୍ରାମୀଣ ପେସାକୁ। ତେବେ ଯାଇଁ ଆର୍ଥିକ ପରିବର୍ତ୍ତନ ସହ ତିଷ୍ଠି ରହିବ ଆମ ଅସ୍ମିତା; ଆମ ପରିଚୟ।

ଚନ୍ଦନବିନ୍ଧା, ଚାନ୍ଦବାଲି, ଭଦ୍ରକ
ମୋ: ୯୨୩୮୯୨୦୪୦୫

# ଯୁଦ୍ଧ



ଧ୍ରୁବ ଚରଣ ଘିବେଲା

ଯୁଦ୍ଧ କେବଳ ଦେଶ ଦେଶ ଭିତରେ ହୁଏ ନାହିଁ। ଯୁଦ୍ଧ ସବୁଠି, ସବୁବେଳେ ହେଉଥାଏ। ନିଜର ନିଜ ସହ ବି ହୁଏ। ନିଜ ବିଚାର ଭିତରେ ହୁଏ, ଗୋଟିଏ ମତବାଦର ଆଉ ଏକ ମତବାଦ ମଧ୍ୟରେ ସଂଘର୍ଷ ହୁଏ, ଦୁଇ ପକ୍ଷ ଭିତରେ ହୁଏ- ଯେମିତି ହୋଇଥିଲା ମହାଭାରତ ଯୁଦ୍ଧ ପାଣ୍ଡବ ଓ କୌରବଙ୍କ ମଧ୍ୟରେ। ରାମାୟଣରେ ବର୍ଣ୍ଣିତ ରହିଛି- ରାମ ଓ ରାବଣଙ୍କ ଭିତରେ ସଂଘଟିତ ହୋଇଥିବା ସମର ଗାଥା। ଗୋଷ୍ଠୀ ସଂଘର୍ଷ ତ ଦେଶ, ରାଜ୍ୟ, ଜିଲ୍ଲା, ସହର, ଗାଆଁ, ବସ୍ତିର ପଡ଼ା ପଡ଼ା ଭିତରେ ବି ହୋଇଥାଏ। ତଥାକଥିତ ଜାତି (ଦେଶ ନୁହେଁ) ଜାତି ଭିତରେ ହୋଇଥାଏ। ସାହି/ପଡ଼ାର ଦୁଇ ପଡ଼ୋଶୀଙ୍କ ଭିତରେ ହୋଇଥାଏ ଘର ସୀମା, ପରିସୀମା ନେଇ ଦ୍ୱନ୍ଦ୍ୱ ବା କଳିଗୋଳ। ଅନେକ ସ୍ଥାନଠି ସାମାନ୍ୟ ବଚସାରୁ ହାତାହାତି ପର୍ଯ୍ୟନ୍ତ କଥା ବଢ଼େ, କେଉଁଠି ଜମି ଭୂମି ନେଇ ପାରସ୍ପରିକ ବିବାଦରୁ ମୁଣ୍ଡ ଗଡ଼େ; ଦେହରୁ ମୁଣ୍ଡ ଛିଡ଼େ। କିଛି ବିବାଦ ପୁଣି ଦୁଇ ପକ୍ଷରୁ ସଂକ୍ରମିତ ହୋଇ ବହୁ ପକ୍ଷକୁ ଆକ୍ରାନ୍ତ କରିଥାଏ। ଦୁଇ ଦେଶ ମଧ୍ୟର ଯୁଦ୍ଧ ସେମିତି ଅନେକ ଦେଶକୁ ଆକ୍ରାନ୍ତ କରେ। ଅତୀତରେ ଦୁଇ ଦୁଇଟି ବିଶ୍ୱଯୁଦ୍ଧ ସଂଘଟିତ ହୋଇ ଯାଇଛି। ଯୁଦ୍ଧର ଭୟଙ୍କର ପରିଣାମ କ୍ଷତିଗ୍ରସ୍ତ ଦେଶ ଓ ଦେଶବାସୀ ଭୋଗିଛନ୍ତି। ଦେଖିଛନ୍ତି। ଯୁଦ୍ଧର ଘନଘଟା ଅଙ୍ଗେ ନିଭାଇଛନ୍ତି। ଦୁଃଖ ପରାଭବ ବି ସହିଛନ୍ତି।

ଯୁଦ୍ଧ ପଶୁମାନଙ୍କ ଭିତରେ ବି ହୁଏ। ଖାଦ୍ୟ ପାଇଁ, ବାସସ୍ଥାନ ପାଇଁ, ଅଧିକାର ମାଲିକାନା ପାଇଁ, ଆଧିପତ୍ୟ ପାଇଁ, ପ୍ରଭୁତ୍ୱ ବିସ୍ତାର ପାଇଁ। ମଣିଷଙ୍କ ଭିତରେ ବି ପଶୁଙ୍କ ଭଳି ସେସବୁ କାରଣ ପାଇଁ ପାଶବିକ ସଂଘର୍ଷ ଘଟେ। ସାମାନ୍ୟ ଖଣ୍ଡିଆଖାବରାରୁ ପ୍ରାଣାନ୍ତକ ଗଣ୍ଡଗୋଳରୁ ପ୍ରାଣହାନି ପର୍ଯ୍ୟନ୍ତ କଥା ବଢ଼େ। ଘରମାନଙ୍କରେ ଛୋଟ ଛୋଟ କଥାରୁ ଘରୋଇ କଳି ପାରିବାରିକ ହିଂସାକୁ ରୂପାନ୍ତରିତ ହୁଏ। ରାଗରେ ଅନ୍ଧ ହୋଇ, ନାହିଁ ନଥିବା ଅହଙ୍କାରର ବଶବର୍ତ୍ତୀ ହୋଇ କେହି କାହାକୁ ସେତିକି ବେଳେ ବୁଝିବାକୁ, ଶୁଣିବାକୁ ନଥାନ୍ତି ! ଏମିତି ସବୁଠି ଛୋଟ ଛୋଟ କଳି ବଢ଼ିଯାଇ ପାରିବାରିକ ହିଂସାର ରୂପ ନିଏ। ଅଭାବନୀୟ କାଣ୍ଡ କାରଖାନା ଘଟେ। ଛୋଟ କଥାରୁ କଳି ବଢ଼ି ମୁଣ୍ଡ ଗଡ଼ିବାର ଖବର ତିଆରେ। ପରମ ଚଣ୍ଡାଳ ରାଗରୁ ମଣିଷର ରକ୍ତଚାପ (ବିପି) ବଢ଼ିଯାଏ। ତେବେ ରାଗ କାରଣରୁ ବିପି ରୋଗୀ ବନିଯାଏ ମଣିଷ। ଔଷଧ ଖାଇବା ପର୍ଯ୍ୟନ୍ତ କଥା ଯାଏ। ଅନ୍ୟକୁ ରାଗିଲେ ତା'ର କୁପ୍ରଭାବ ଆଗ ନିଜ ଉପରେ ପଡ଼େ। ଅଯଥା କଳିରୁ ମୁକ୍ତି ପାଇଁ ସବୁ ପରିସ୍ଥିତିର ସାମ୍ନା କରିବାକୁ ହୁଏ ଧୈର୍ଯ୍ୟ ଧରି ସ୍ଥିର ଚିତ୍ତରେ, ଥଣ୍ଡା ମିଜାଜରେ। ସବୁବେଳେ ଅଶାନ୍ତ ନୁହେଁ, ଶାନ୍ତ ରହିବା ପାଇଁ ଆପଣାର ଧୈର୍ଯ୍ୟର ବାଲିବନ୍ଧକୁ ଶକ୍ତ କରିବା ଚାହି। ତାହା କରା ନଗଲେ ବିପଦରେ ପଡ଼ିବା ଥୟ ଥାଏ। ତେଣୁ ପାରିବାରିକ ସମ୍ପର୍କ, ସାମାଜିକ ସମ୍ପର୍କ ସବୁବେଳେ ଭଲ ରଖିବା ଦରକାର। ଉତ୍ତମ ଚିନ୍ତନ ଓ ଭଲ ସମ୍ପର୍କ ଉପରେ ନିର୍ଭର କରେ ବ୍ୟକ୍ତିର ସ୍ୱାସ୍ଥ୍ୟ ତଥା ପରିବାରର ସ୍ୱାସ୍ଥ୍ୟ। ପଡ଼ୋଶୀଙ୍କ ସହ ଉତ୍ତମ ସହାବସ୍ଥାନଜନିତ ସମ୍ପର୍କ ସାମାଜିକ ସ୍ୱାସ୍ଥ୍ୟକୁ ପରିପୁଷ୍ଟ କରେ।

ଚାକିରି କ୍ଷେତ୍ରରେ ସେମିତି ସହକର୍ମୀଙ୍କ ଭିତରେ ଉତ୍ତମ ସମ୍ପର୍କ ମାନସିକ ଶାନ୍ତି ଆଣି ଦେଇଥାଏ। ବେଳେବେଳେ କେଉଁଠି ଉପର ଅଫିସର ଓ ତଳ ଅଫିସରଙ୍କ ଭିତରେ ଯୁଦ୍ଧ ଭଳି ସ୍ଥିତି ଉପୁଜେ ଛୋଟ ମୋଟ କଥା ପ୍ରସଙ୍ଗରେ। ଯଦି ଉପର ଅଫିସର ଦୁର୍ନୀତିଖୋର ଥାଆନ୍ତି, ତେବେ ସଚ୍ଚୋଟ ତଳ ଅଫିସରଙ୍କ ପାଇଁ ଅଡୁଆ ସ୍ଥିତି ଉପୁଜେ ଅନେକ ସମୟରେ। ଏଠି ପ୍ରସଙ୍ଗକ୍ରମେ ଜଣେ ଡିଇଓ ଓ ଜଣେ ବିଇଓଙ୍କ କଥା ଉଲ୍ଲେଖ କରିବା। ଡିଇଓ ବିଇଓଙ୍କର ଉପର ଅଫିସର। ସମୟ ଥିଲା, ବିଇଓଙ୍କ ସୁପାରିସକୁ ଡିଇଓ ସମର୍ଥନ କରୁଥିଲେ। ତଳ ଅଫିସରଙ୍କ ସୁପାରିସକୁ ଉପର ଅଫିସର ଅନୁମୋଦନ କରୁଥିଲେ। ତଳ ଅଫିସରଙ୍କୁ ଉପର ଅଫିସର ହେୟ ମନେ କରୁ ନଥିଲେ। ୨୦୧୯-୨୦୨୦ କୋଭିଡ ମହାମାରୀ କାଳରେ ରାଜ୍ୟସାରା ଅନେକ ପ୍ରାଥମିକ ସ୍କୁଲ ଏକକ (ସିଙ୍ଗଲ) ଟିଚର ସ୍କୁଲ ରହିଥିବା ଖବର ପ୍ରକାଶ ପାଇଲାରୁ ନିର୍ଦ୍ଦେଶ ଆସିଲା କୌଣସି ସ୍କୁଲ ସିଙ୍ଗଲ ଟିଚର ସ୍କୁଲ ହୋଇ ରହିବ ନାହିଁ। ଜଣେ ବିଇଓ ତାଙ୍କ ବ୍ଲକ୍‌ରେ ଥିବା ସେମିତି କିଛି ସ୍କୁଲ ଚିହ୍ନଟ କରି ଆଉ ଜଣେ ଲେଖାଏଁ ଶିକ୍ଷକ ନିଯୁକ୍ତ କରିଦେଲେ। ଏ ଘଟଣାରେ ଡିଇଓ କ୍ଷୁବ୍ଧ ହେଲେ। ଆଗରୁ ଜଣେ ଲେଭେଲ ଥ୍ରୀ ହେଡମାଷ୍ଟରଙ୍କ ବଦଳି ପାଇଁ ବିଇଓଙ୍କ ସୁପାରିସ ପତ୍ରକୁ ଡିଇଓ ଅନୁମୋଦନ ନ କରିବାରୁ ତାହା ଡାଇରେକ୍ଟରଙ୍କ କାର୍ଯ୍ୟାଳୟରୁ ଅନୁମୋଦିତ ହୋଇ ଆସିଥିଲା। ସେଇ ଡିଇଓଙ୍କର ଅଲଗା ଆଭିମୁଖ୍ୟ ରହିଥିବା କାରଣରୁ ବିଇଓଙ୍କ ସୁପାରିସ ପତ୍ରକୁ ମଞ୍ଜୁର କରୁ ନଥିଲେ। ୨୦୧୯-୨୦୨୦ ରେ ଲେଭେଲ ଥ୍ରୀ ୟୁପି ସ୍କୁଲ ହେଡମାଷ୍ଟରଙ୍କ ପଦୋନ୍ନତିରେ ସେମିତି ସେଇ ଡିଇଓ ବାଧକ ସାଜିଥିଲେ। ସବୁ ଯୋଗ୍ୟ ଶିକ୍ଷକଙ୍କୁ ପଦୋନ୍ନତି ଦେବାକୁ ସେଇ ଡିଇଓ ଚାହୁଁ ନଥିଲେ। ସେଇ ବିଇଓ ପ୍ରଥମ ପଦୋନ୍ନତି ତାଲିକାକୁ ବିରୋଧ କରି ନିଜ ପ୍ରାସଙ୍ଗିକ ମତ ରଖିବାରୁ ତାହା ଡାଇରେକ୍ଟର ଅଫିସରୁ ମଞ୍ଜୁରୀ ନ ପାଇ ଫେରି ଆସିଥିଲା। ସବୁ ଯୋଗ୍ୟ ଶିକ୍ଷକଙ୍କ ତାଲିକା ଗଲା ପରେ ଡାଇରେକ୍ଟରଙ୍କ ଅଫିସରୁ ମଞ୍ଜୁରୀ ପାଇ ଆସିଲା। ତା' ପରେ ସବୁ ଯୋଗ୍ୟ ଶିକ୍ଷକ ପାଇଥିଲେ ଲେଭେଲ ଥ୍ରୀ ପ୍ରଧାନ ଶିକ୍ଷକ ପଦୋନ୍ନତି। ସେନେଇ ବିଇଓଙ୍କ ଉପରେ ଡିଇଓ କ୍ଷୁବ୍ଧ ରହିଥିଲେ।

ପୁନଶ୍ଚ, କୌଣସି ପ୍ରାଥମିକ ଶିକ୍ଷକ ତାଲିମ ପାଇଁ ଜିଲ୍ଲା ବା ରାଜ୍ୟ ବାହାରକୁ ଗଲେ ବିଇଓ ସେଇ ଶିକ୍ଷକଙ୍କୁ ରିଲିଭ କରିବା କଥା। କିନ୍ତୁ ସେଇ ଡିଇଓ ପ୍ରାଥମିକ ଶିକ୍ଷକଙ୍କୁ ସିଧାସଳଖ ରିଲିଭ କରୁଥିଲେ ବିଇଓଙ୍କ ବିନା ସୁପାରିସରେ। ଏମିତି ନୀତିଗତ ଯୁଦ୍ଧ କେଉଁଠି କେଉଁଠି ଉପୁଜେ ତଳ ଅଫିସର ଓ ଉପର ଅଫିସରଙ୍କ ଭିତରେ। ଅନେକ ଅନୀତି କାମ ପାଇଁ ସେଇ ଡିଇଓ, ବିଇଓଙ୍କ ଉପରେ ଚାପ ବି ପକାନ୍ତି। କୌଣସି କିରାଣିଙ୍କର ବେନିୟମ କାମ ସମ୍ପର୍କରେ ବିଇଓ ଡିଇଓଙ୍କ ଦୃଷ୍ଟି ଆକର୍ଷଣ କଲେ ସେଇ କିରାଣିଙ୍କ ଦୁର୍ନୀତିକୁ ଘଣ୍ଟି ଘୋଡ଼ାନ୍ତି ସେଇ ଡିଇଓ। 'ପଣ୍ଡିତ ଦୋଷ କରନ୍ତି ନାହିଁ' ବିଚାରରେ ସେଇ ଡିଇଓ ବିଭିନ୍ନ ଦୋଷ କଲେ ବି ତାହା ଦୋଷାବହ ହୁଏନି। ଦୁର୍ନୀତି କରୁଥିବା କିରାଣି ସେଇ ଡିଇଓଙ୍କର ଅତି ପ୍ରିୟ ଥାଆନ୍ତି। ଅବଶ୍ୟ ସେଇ ଯୁଦ୍ଧ ପାଇଁ ତଳ ଅଫିସର ଅନେକ ସମୟରେ ବଳି ପଡ଼ନ୍ତି। ଉପର ଅଫିସର ସବୁବେଳେ ବଳୀୟାନ ସାଜନ୍ତି। ଉପର ଅଫିସର ଭୁଲ୍ କରି ମଧ୍ୟ ଭଲ ହୁଅନ୍ତି ନାନା ଅଜୁହା କାରଣରୁ। ଅସଲକୁ ଯୁଦ୍ଧ କେବେ ଥମେ ନାହିଁ। ବାକ୍‌ଯୁଦ୍ଧରୁ ଆରମ୍ଭ କରି ସତସତିକା ହାତାହାତି କେଉଁଠି ହୁଅନ୍ତି ତ ଆଉ କେଉଁଠି ଦୁଇ ଦେଶ ଆକ୍ରମଣ ପ୍ରତିଆକ୍ରମଣ କରି ଗୁଳିଗୋଳା ଫୁଟାଇ ଅସଲ ଯୁଦ୍ଧରେ ମାତି ରହିଥାନ୍ତି। ଯୁଦ୍ଧ କେବେଠୁ ଚାଲିଛି ରୁଷ୍ ଓ ୟୁକ୍ରେନ୍ ଭିତରେ। ଏବେ ଚାଲିଛି ଆମେରିକା ଓ ଇରାନ୍ ମଧ୍ୟରେ। କେବେ ଥମିବ ସେଇ ନିଆଁଳଗା ଯୁଦ୍ଧ କେଜାଣି ! ହେଲେ ଆମ ଅଲକ୍ଷ୍ୟରେ ଏଠି ସେଠି କେତେ ଯେ ଛୋଟ ଛୋଟ ଯୁଦ୍ଧ ଚାଲୁ ରହିଥାଏ, ତା'ର ହିସାବ କାହାଠି ନଥାଏ। ସେ ଯେମିତିକା ଯୁଦ୍ଧ ହେଉ, ସେ ଯୁଦ୍ଧ ଭଲ ନୁହେଁ ଯେଉଁଠି ମୃତାହତଠୁ ଆରମ୍ଭ କରି ଅନେକ ଅଶାନ୍ତିର ଅନଳ ଅହରହ ହୁତୁହୁତୁ ହୋଇ ଜଳୁଥାଏ। ଆଉ ସେଥିରେ ସନ୍ତୁଳିତ ହୋଇଥାନ୍ତି ଅନେକ ସାଧାରଣ ଜନତା।

ବଉଦରାଜ, ଜିଲ୍ଲା- ବୌଦ୍ଧ
ମୋ: ୯୪୩୭୪୭୮୪୬୬

ଲେଖା ପଠାଇବାର ଠିକଣା, ସମ୍ପାଦକ, 'ନିତିଦିନ', Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

# ରଥଯାତ୍ରା ପୂର୍ବରୁ ରେଳବାଇ ପରିଚାଳନା ସମ୍ପର୍କରେ ସମୀକ୍ଷା ବୈଠକ

**ପୁରୀ,୩୦ା୫/ଏନ୍ଏନ୍ଏସ୍:** ଆଗାମୀ ରଥଯାତ୍ରା ପରିପ୍ରେକ୍ଷୀରେ ରେଳବାଇର ପ୍ରସ୍ତୁତି ଓ ପରିଚାଳନା ସମ୍ପର୍କରେ ଏକ ସମୀକ୍ଷା ବୈଠକ ଆଜି ଅପରାହ୍ନରେ ସର୍କିଟହାଉସଠାରେ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ସମସ୍ତଙ୍କୁ ସ୍ୱାଗତ କରିବା ସହ ରଥଯାତ୍ରା ସମୟରେ ରେଳବାଇର ବିବିଧ କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରିଥିଲେ । ରଥଯାତ୍ରା ସମୟରେ ଶ୍ରଦ୍ଧାଳୁ ଓ ଯାତ୍ରୀମାନଙ୍କ ଯାତାୟାତ ପାଇଁ ରେଳବାଇ ଏକ ପ୍ରମୁଖ ମାଧ୍ୟମ । ତେଣୁ ଯାତ୍ରୀ ସୁବିଧା, ସୁରକ୍ଷା, ବିବିଧ ସୂଚନା ପ୍ରଦାନ, ସେମାନଙ୍କ ରହଣି ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ରେଳବାଇ କର୍ତ୍ତୃପକ୍ଷଙ୍କର ଆୟୋଜନ ସମ୍ପର୍କରେ ବିଷଦ ଭାବେ ବୈଠକରେ ଆଲୋଚନା କରାଯାଇଥିଲା । ଅତିରିକ୍ତ ଡିଜି ଆଧୁନିକୀକରଣ ସୌମେନ୍ଦ୍ର ପ୍ରିୟଦର୍ଶୀ, ଏଡିଜି ଅରୁଣ ବୋଥ୍ରା, କେନ୍ଦ୍ରାଞ୍ଚଳ ଆଇଜି ସତ୍ୟଜିତ ନାୟକ, ଆଇଜି ଆରପିଏଫ ଅଶୋକ ବେହେରା,ଏସ ପି ପ୍ରତୀକ ସିଂ, ପୁରୀ ମହାନଗର ନିଗମର କମିଶନର ସ୍ନେହା ଅରୁଗୁଲା,ରେଲୱେ ଷ୍ଟେସନ ଡାଇରେକ୍ଟର ପ୍ରମୁଖ ଯୋଗଦେଇ ପୁରୀ ଠାରୁ କଟକ, ଭୁବନେଶ୍ୱର ଓ ଖୋର୍ଦ୍ଧା ରୋଡକୁ ଅଧିକ ରେଳ ଚଳାଯିବା ସମ୍ପର୍କରେ ଗୁରୁତ୍ୱ ଦେଇଥିଲେ । ଏହା ଦ୍ୱାରା ଯାତ୍ରୀମାନଙ୍କ ଭିଡ ହ୍ରାସ ହୋଇ ପାରିବ । ସେହିପରି ଯାତ୍ରୀ ବିଶ୍ରାମ ସ୍ଥଳ, ଶୌଚାଳୟ, ଅଧିକ ଟିକେଟ କାଉଁଟର ଖୋଲିବା, ବର୍ଷା ହେଲେ ଯେଉଁ ଠାରେ ଜଳ ଜମିବା ଆଶଙ୍କା ରହୁଛି ତାହାକୁ ଚିହ୍ନଟ ସହ ତ୍ୱରିତ ଜଳ ନିଷ୍କାସନ ବ୍ୟବସ୍ଥା କରିବା, ଯାତ୍ରୀମାନଙ୍କୁ ଅଧିକରୁ ଅଧିକ ଅପ୍ ଟୁ ଡେଟ୍ ସୂଚନା ପ୍ରଦାନ କରିବା, ନିର୍ଦ୍ଦିଷ୍ଟ ସ୍ଥାନମାନଙ୍କରେ ଅନ୍ନଦାନ ବ୍ୟବସ୍ଥା କରିବା ଯାହା ଫଳରେ ପରିବେଶ ଅସ୍ୱଚ୍ଛ ରହିବ ନାହିଁ,ପାନୀୟ ଜଳର ବ୍ୟବସ୍ଥା କରିବା, ଯାତ୍ରୀ ସୁରକ୍ଷା ପାଇଁ ଆରପିଏଫଙ୍କୁ ଦାୟିତ୍ୱ ସହ ସିସିଟିଭିର ପର୍ଯ୍ୟାପ୍ତ ବ୍ୟବସ୍ଥା କରିବା



ସମ୍ପର୍କରେ ଆଲୋଚନା କରାଯାଇଥିଲା । ରେଳବାଇର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସମ୍ପର୍କରେ ଗୁରୁତ୍ୱ ଦିଆଯାଇଥିଲା । ରେଳବାଇ ପକ୍ଷରୁ ବିଭିନ୍ନ କାର୍ଯ୍ୟର ଅଗ୍ରଗତି ଓ ରଥଯାତ୍ରା ଲାଗି ଗ୍ରହଣ କରାଯିବା ପାଇଁ ଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଷ୍ଟେସନ ଡାଇରେକ୍ଟର ସୂଚନା ଦେଇଥିଲେ । ପରେ ସମସ୍ତ ଅଧିକାରୀ ମାନେ ପୁରୀ ରେଳଷ୍ଟେସନର କ୍ଷେତ୍ର ପରିଦର୍ଶନ କରିଥିଲେ । ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ପୁରୀ ମହାନଗର ନିଗମର ଯୁଗ୍ମ କମିଶନର ଅଭିମନ୍ୟୁ ବେହେରା, ଅତିରିକ୍ତ ଏସପି ସଚିନ ପଟେଲ, ସୌମ୍ୟ ରଞ୍ଜନ ମଲ୍ଲିକ, ଦେବୀପ୍ରସାଦ ପ୍ରତାପ, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ସିଟି ଡିଏସପି ରଶ୍ମିରଞ୍ଜନ ମହାପାତ୍ର, ଅନ୍ୟାନ୍ୟ ପ୍ରଶାସନିକ ଓ ପୋଲିସ ଅଧିକାରୀ, ରେଳବାଇ ଅଧିକାରୀମାନେ ଯୋଗ ଦେଇଥିଲେ ।

## ବିଦ୍ୟୁତ୍‌କାଟ୍ ଓ ଲୋ-ଭୋଲ୍‌ଟେଜ୍ ସମସ୍ୟାକୁ ନେଇ ଦାନା ବାନ୍ଧୁଛି ଆନ୍ଦୋଳନ

**ଖଣ୍ଡପଡ଼ା,୩୦ା୫/ଏନ୍ଏନ୍ଏସ୍:** ଖଣ୍ଡପଡ଼ା ଅଞ୍ଚଳର ବିଭିନ୍ନ ଗ୍ରାମରେ ଅଘୋଷିତ ବିଦ୍ୟୁତ କାଟ ଓ ଲୋ-ଭୋଲଟେଜ ସମସ୍ୟାକୁ ବିଦ୍ୟୁତ ଉପଭୋକ୍ତାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏପରିକି ବିଦ୍ୟୁତ ବିତରଣ କମ୍ପାନିର ମନମାନୀକୁ ନେଇ ଦିନକୁ ଦିନ ଜନ ଅସନ୍ତୋଷ ବୃଦ୍ଧି ପାଉଥିବା ବେଳେ ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିଭିନ୍ନ ଗ୍ରାମରେ ଉଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ ଟ୍ରାନ୍ସଫର୍ମର ସ୍ଥାପନ କରାଗଲେ ଅଞ୍ଚଳବାସୀଙ୍କ ଲୋ-ଭୋଲଟେଜ ସମସ୍ୟା ଅନେକାଂଶରେ ଦୂର ହୋଇପାରନ୍ତା ବୋଲି ଜଣାପଡିଛି । ତେଣୁ ଏ ଦିଗରେ ଟିପିସିଓଡିଏଲ କର୍ତ୍ତୃପକ୍ଷ ଦୃଷ୍ଟିଦେଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସିଂଘାପଡା, କିଆଝରି, ଗଡିଆସାହି, ବେଣାଗାଡିଆ, ବୋଦସା, ମର୍ଦ୍ଦରାଜପୁର, କୋସକା, ରାଣୀଛେଲି, ରାଣୀପଡା, ଗୁଣ୍ଡୁଣି ପ୍ରଭୃତି ପଞ୍ଚାୟତବାସୀ ଦାବି କରିଛନ୍ତି । ଚଳିତ ବର୍ଷ ପ୍ରଚଣ୍ଡ ରୌଦ୍ରତାପ ଓ ଅସହ୍ୟ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଘନଘନ ବିଦ୍ୟୁତ କାଟ ଖଣ୍ଡପଡ଼ା ଅଞ୍ଚଳର ଜନସାଧାରଣଙ୍କ ପାଇଁ ମୁଣ୍ଡବଥାର କାରଣ ପାଲଟିଥିବା ବେଳେ ବିଭିନ୍ନ ସମୟରେ ବିଦ୍ୟୁତ ସମସ୍ୟାକୁ ନେଇ ଜନସାଧାରଣ ଖଣ୍ଡପଡ଼ା ସହରସ୍ଥିତ ଟିପିସିଓଡିଏଲ କାର୍ଯ୍ୟାଳୟ ସମ୍ମୁଖରେ ଭିଡ ଜମାଇବା, ଧାରଣା ଦେବା ଭଳି ପରିସ୍ଥିତି ସୃଷ୍ଟି ହୋଇଥିବାର ନଜିର ରହିଛି । ଏତେ ସବୁ ସତ୍ତ୍ୱେ ମଧ୍ୟ ବିଦ୍ୟୁତ ସେବାରେ ଏବେ ବି ସେଭଳି କୌଣସି ଉନ୍ନତି ପରିଲକ୍ଷିତ ହୋଇନଥିବା ଜଣାପଡିଛି । ତେଣୁ ଏ ଦିଗରେ ବିଦ୍ୟୁତ ବିତରଣ କମ୍ପାନୀ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି । ନଚେତ ଆଗାମୀ ଦିନରେ ଅଞ୍ଚଳବାସୀ ବିଦ୍ୟୁତ ସମସ୍ୟାର ସମାଧାନ ନେଇ ଟିପିସିଓଡିଏଲ କାର୍ଯ୍ୟାଳୟରେ ତାଲା ଝୁଲାଇ ହରତାଳ କରିବେ ବୋଲି ଚେତାବନୀ ଦେଇଛନ୍ତି । ଖଣ୍ଡପଡା ଅଞ୍ଚଳବାସୀଙ୍କୁ ନିରବଚ୍ଛିନ୍ନ ଭାବେ ବିଦ୍ୟୁତ ସେବା ଯୋଗାଇଦେବା ସହ ଖଣ୍ଡପଡ଼ାରେ ଏକ ବିଦ୍ୟୁତ ଗ୍ରୀଡ ସ୍ଥାପନ ନିମନ୍ତେ ବିଦ୍ୟୁତ ବିତରଣ କମ୍ପାନି ଉଚ୍ଚ କର୍ତ୍ତୃପକ୍ଷ ଓ ଜିଲ୍ଲାପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି ।

## ଶ୍ରୀଜଗନ୍ନାଥ ମନ୍ଦିରରୁ ଉଦ୍ଧାର ୮୦ ଗ୍ରାମ୍ ଓଜନର ସୁନା ଚେନ୍ ଫେରସ୍ତ



**ପୁରୀ,୩୦ା୫/ଏନ୍ଏନ୍ଏସ୍:** ଶ୍ରୀଜଗନ୍ନାଥ ମନ୍ଦିର ଭିତରେ ହଜାଇଥିବା ପ୍ରାୟ ୮୦ ଗ୍ରାମ ଓଜନର ସୁନା ଚେନ୍‌କୁ ପୁରୀ ପୋଲିସ ସଫଳତାର ସହ ଉଦ୍ଧାର କରି ପ୍ରକୃତ ମାଲିକଙ୍କୁ ହସ୍ତାନ୍ତର କରିଛି । କର୍ଣ୍ଣାଟକ ରାଜ୍ୟରୁ ଆସିଥିବା ଭାଗ୍ୟମା(୫୭ବର୍ଷ), ସ୍ୱାମୀ ମୁନିୟାପ୍ପା, ଗ୍ରାମ କୁମ୍ବଳାହଲ୍ଲି, ଥାନା ହୋସକୋଟେ, ରାଜ୍ୟ କର୍ଣ୍ଣାଟକ ଶ୍ରୀଜଗନ୍ନାଥ ମନ୍ଦିର ଦର୍ଶନ ପାଇଁ ପୁରୀ ଆସିଥିବା ବେଳେ ମନ୍ଦିର ଭିତରେ ଜାଲି ଗେଟ୍ ନିକଟରେ ତାଙ୍କର ସୁନା ଚେନ୍‌ଟି ହଜିଯାଇଥିଲା । ଏ ସମ୍ପର୍କରେ ସୂଚନା ପାଇବା ପରେ ପୁରୀ ପୋଲିସର କର୍ତ୍ତବ୍ୟରତ ଟିମ୍ ସଙ୍ଗେ ସଙ୍ଗେ ଅନୁସନ୍ଧାନ କାର୍ଯ୍ୟ ଆରମ୍ଭ କରିଥିଲେ । ସଚେତନତା, ତତ୍ପରତା ଓ କାର୍ଯ୍ୟକୁଶଳତାର ସହ ପୋଲିସ ଟିମ୍ ଉକ୍ତ ସୁନା ଚେନ୍‌କୁ ଉଦ୍ଧାରକରି ପ୍ରକୃତ ମାଲିକ ଭାଗ୍ୟମାଙ୍କୁ ସୁରକ୍ଷିତ ଭାବେ ହସ୍ତାନ୍ତର କରିଥିଲେ । ପୁରୀ ପୋଲିସ ସଦା ଭକ୍ତମାନଙ୍କ ସୁରକ୍ଷା, ସହଯୋଗ ଓ ସେବା ପ୍ରତି ପ୍ରତିବଦ୍ଧତାକୁ ଦୃଢ଼ ପ୍ରଶଂସା କରାଯାଇଛି ।

## ଦୋଷୀକୁ ୫ବର୍ଷ ସଶ୍ରମ କାରାଦଣ୍ଡାଦେଶ

**ପୁରୀ,୩୦ା୫/ଏନ୍ଏନ୍ଏସ୍:** ଡେଲାଙ୍ଗ ଥାନା ଅଧୀନ ଏକ ଯୌତୁକ ନିର୍ଯାତନା ଏବଂ ଆତ୍ମହତ୍ୟା ପ୍ରେରଣା ମାମଲାରେ ଶୁକ୍ରବାର ପିପିଲି ଅତିରିକ୍ତ ସେସନ୍ ଜଜ୍ ଅଭିଯୁକ୍ତ ଅଭିମନ୍ୟୁ ସ୍ୱାଇଁଙ୍କୁ ଦୋଷୀ ସାବ୍ୟସ୍ତ କରି ୫ବର୍ଷ ସଶ୍ରମ କାରାଦଣ୍ଡ ସହିତ ୧୦ହଜାର ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି । ଉକ୍ତ ମାମଲାଟି ୨୦୧୨ ମସିହାରେ ଡେଲାଙ୍ଗ ଥାନାରେ ରୁଜୁ ହୋଇଥିଲା । ଅଭିଯୋଗକାରୀ ଝିନାରାଣୀ ସ୍ୱାଇଁ ତାଙ୍କ ସ୍ୱାମୀ ଅଭିମନ୍ୟୁ ସ୍ୱାଇଁଙ୍କ ବିରୋଧରେ ଯୌତୁକ ନିର୍ଯାତନା, ମାନସିକ ଓ ଶାରୀରିକ ଅତ୍ୟାଚାର ସମ୍ବନ୍ଧରେ ଡେଲାଙ୍ଗ ଥାନାରେ ଅଭିଯୋଗ ଦାଖଲ କରିଥିଲେ । ତଦନ୍ତକାଳୀନ ସମୟରେ ଅଭିଯୁକ୍ତ ଅଭିମନ୍ୟୁ ସ୍ୱାଇଁ ତାଙ୍କ ପ୍ରଥମ ପତ୍ନୀ ଜୀବିତ ଥିବା ସମୟରେ ଦ୍ୱିତୀୟ ବିବାହ କରିଥିବା ନେଇ ମଧ୍ୟ ଅଭିଯୋଗ ଆସିଥିଲା । ପରବର୍ତ୍ତୀ ସମୟରେ ଅଭିଯୁକ୍ତଙ୍କୁ ମାମଲାରେ ଗିରଫ କରାଯାଇଥିଲା ଏବଂ ପରେ ସେ ଜାମିନରେ ମୁକ୍ତ ହୋଇଥିଲେ । କିନ୍ତୁ ମାମଲା ଚାଲୁଥିବା ସମୟରେ ପୀଡ଼ିତା ଝିନାରାଣୀ ସ୍ୱାଇଁ ମାର୍ଚ୍ଚ ମାସ ୨୦୧୨ରେ ଆତ୍ମହତ୍ୟା କରିଥିଲେ । ଏହାପରେ ମାମଲାକୁ ଭାରତୀୟ ଦଣ୍ଡ ସଂହିତାର ଧାରା-୩୦୬ (ଆତ୍ମହତ୍ୟା ପ୍ରେରଣା) ଅନୁଯାୟୀ ପରିବର୍ତ୍ତନ କରାଯାଇ ତଦନ୍ତକୁ ଆଗେଇ ନିଆଯାଇଥିଲା । ତଦନ୍ତ ସମୟରେ ପୁଲିସ ପକ୍ଷରୁ ସମସ୍ତ ଆବଶ୍ୟକୀୟ ସାକ୍ଷ୍ୟ, ଦଲିଲପତ୍ର ଓ ସାକ୍ଷୀଙ୍କ ବୟାନ ସଂଗ୍ରହ କରାଯାଇଥିଲା । ପରବର୍ତ୍ତୀ ସମୟରେ ମାମଲାଟି ନ୍ୟାୟାଳୟରେ ବିଚାରାଧୀନ ରହିଥିଲା । ସମସ୍ତ ସାକ୍ଷ୍ୟ ପ୍ରମାଣ ଏବଂ ସାକ୍ଷୀଙ୍କ ବୟାନକୁ ଆଧାର କରି ଅତିରିକ୍ତ ସେସନ୍ ଜଜ୍ ଅଭିଯୁକ୍ତ ଅଭିମନ୍ୟୁ ସ୍ୱାଇଁଙ୍କୁ ଦୋଷୀ ସାବ୍ୟସ୍ତ କରି ୫ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୧୦ହଜାର ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି । ଏହି ମାମଲାର ସଫଳ ବିଚାର ପ୍ରକ୍ରିୟାରେ ପୁରୀ ପୁଲିସ ପକ୍ଷରୁ ଉପଯୁକ୍ତ ତଦନ୍ତ, ସମୟୋପଯୋଗୀ ଦଲିଲପତ୍ର ଦାଖଲ ଓ ସାକ୍ଷୀଙ୍କ ଉପସ୍ଥାପନା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲା । ପୁରୀ ଏସ୍‌ପି ପ୍ରତୀକ ସିଂଙ୍କ ତତ୍ତ୍ୱାବଧାନରେ ଏହି ମାମଲାର ତଦନ୍ତ ଓ ନ୍ୟାୟାଳୟ ପ୍ରକ୍ରିୟା ସଫଳତାର ସହ ଚାଲିଥିଲା । ସରକାରୀ ଅଭିଯୋଗପକ୍ଷ ଅଧିବକ୍ତାଙ୍କ ଦ୍ୱାରା ମଧ୍ୟ ମାମଲାଟିକୁ ପ୍ରଭାବଶାଳୀ ଭାବେ ପରିଚାଳନା କରାଯାଇଥିଲା । ପୁରୀ ପୁଲିସ ମହିଳାଙ୍କ ବିରୋଧରେ ହେଉଥିବା ଯୌତୁକ ନିର୍ଯାତନା, ଘରୋଇ ହିଂସା ଓ ମହିଳା ନିର୍ଯାତନା ସମ୍ବନ୍ଧୀୟ ଅପରାଧ ପ୍ରତି କଠୋର ମନୋଭାବ ପୋଷଣ କରୁଛି ଏବଂ ଏପରି ମାମଲାରେ ଆଇନ ଅନୁଯାୟୀ କଡ଼ା କାର୍ଯ୍ୟାନୁଷ୍ଠାନ ଆଗାମୀ ଦିନରେ ମଧ୍ୟ ଜାରି ରହିବ ।

## ପୂର୍ବଶତ୍ରୁତାକୁ କେନ୍ଦ୍ରକରି ମହିଳାଙ୍କୁ ଟାଙ୍ଗିଆରେ ହାଣିଲେ ଦୁଇଭାଇ



**ଓଡ଼ଗାଁ,୩୦ା୫/ଏନ୍ଏନ୍ଏସ୍:** ପୂର୍ବଶତ୍ରୁତାକୁ କେନ୍ଦ୍ରକରି ମହିଳାଙ୍କୁ ଟାଙ୍ଗିଆରେ ହାଣିଛନ୍ତି ଦୁଇଭାଇ । ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଓଡ଼ଗାଁ ଆଦର୍ଶ ଥାନା ଅନ୍ତର୍ଗତ ଯାତ୍ରାବରପାଟଣା ଗ୍ରାମରେ । ଅଭିଯୋଗ ଅନୁଯାୟୀ, ଯାତ୍ରାବରପାଟଣା ଗ୍ରାମର ଭାସ୍କର ବାରିକଙ୍କ ସ୍ତ୍ରୀ ସୁଶାନ୍ତି ବାରିକ ଶୁକ୍ରବାର ସକାଳେ ଘରେ ଏକାକି ଥିବା ସମୟରେ ପଡୋଶୀ ଘର ମହାଜନ ବାରିକଙ୍କ ଦୁଇପୁଅ ଚକର ବାରିକ ଓ ରମେଶ ବାରିକ ତାଙ୍କଘରେ ଜୋର୍ ଜବରଦସ୍ତ ପଶି ଗାଳିଗୁଲଜ କରିଥିଲେ । ସେମାନେ ସୁଶାନ୍ତିଙ୍କୁ ଠେଲାପେଲା କରି ଉଲଗ୍ନ କରିଦେବା ସହ ଏକ ଧାରୁଆ ଟାଙ୍ଗିଆରେ ସୁଶାନ୍ତିଙ୍କ ମୁଣ୍ଡକୁ ହାଣି ଦେଇଥିଲେ । ସେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଅଚେତହୋଇ ତଳେ ପଡ଼ିଯିବା ପରେ ଦୁଇଭାଇ ଘଟଣାସ୍ଥଳରୁ ଚାଲି ଆସିଥିଲେ । ତାଙ୍କୁ ପ୍ରଥମେ ଓଡ଼ଗାଁ ଏବଂ ପରେ ନୟାଗଡ଼ ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ତାଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି । ଏହି ଘଟଣାରେ ପୁଲିସ ରମେଶ ବାରିକଙ୍କୁ ଗିରଫକରି ଶନିବାର କୋର୍ଟଚାଲାଣ କରିଥିବାବେଳେ ଅନ୍ୟ ଅଭିଯୁକ୍ତ ଚକାରା ବାରିକ ଫେରାର୍ ଥିବା ଓଡ଼ଗାଁ ଆଦର୍ଶ ଥାନା ପକ୍ଷରୁ ସୂଚନା ମିଳିଛି ।

# ଅଲାରନାଥ ମନ୍ଦିରରେ ଅଣବସର ନୀତି ପରିଚାଳନା ସମ୍ପର୍କିତ ସମୀକ୍ଷା

**ପୁରୀ,୩୦ା୫/ଏନ୍ଏନ୍ଏସ୍:** ଆଗାମୀ ଦେବସ୍ନାନ ପୂର୍ଣ୍ଣିମା ପରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଅଣବସର ଦିନରେ ଅଲାରନାଥ ମନ୍ଦିରକୁ ଆସୁଥିବା ଲକ୍ଷାଧିକ ଭକ୍ତଙ୍କ ସୁବିଧା, ସୁରକ୍ଷା ଏବଂ ସୁଚାରୁ ଦର୍ଶନ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଆଜି ପୁରୀ ଏସ୍ପି ପ୍ରତୀକ ସିଂ ବ୍ରହ୍ମଗିରିସ୍ଥିତ ଶ୍ରୀ ଅଲାରନାଥ ମନ୍ଦିର ପରିଦର୍ଶନ କରିଥିଲେ । ପରିଦର୍ଶନ ଅବସରରେ ଏସ୍ପି ପୁରୀ ମନ୍ଦିର ପରିସର, ଭକ୍ତମାନଙ୍କ ଦର୍ଶନ ବ୍ୟବସ୍ଥା, ପ୍ରବେଶ ଓ ପ୍ରସ୍ଥାନ ପଥ, ଗାଡ଼ି ପାର୍କିଂ ସ୍ଥାନ, ଟ୍ରାଫିକ୍ ନିୟନ୍ତ୍ରଣ ବ୍ୟବସ୍ଥା ଏବଂ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ଦିଗର ସମୀକ୍ଷା କରିଥିଲେ । ଅଲାରନାଥ ମନ୍ଦିର ଟ୍ରଷ୍ଟ ବୋର୍ଡ଼ର ସଦସ୍ୟମାନଙ୍କ ସହିତ ଆଲୋଚନା କରି ସେ ଅନବସର ସମୟରେ ହେଉଥିବା ବ୍ୟାପକ ଭିଡ଼ ଓ ଭକ୍ତମାନଙ୍କ ଆଗମନ ସମ୍ପର୍କରେ ବିସ୍ତୃତ ତଥ୍ୟ ଗ୍ରହଣ କରିଥିଲେ । ଆଲୋଚନା ବେଳେ ଭକ୍ତମାନେ କିପରି ଶୃଙ୍ଖଳିତ ଓ ସୁରକ୍ଷିତ ଭାବେ ଦର୍ଶନ କରିପାରିବେ, ଦର୍ଶନ ପାଇଁ ସୁବ୍ୟବସ୍ଥିତ ଧାଡ଼ି ବ୍ୟବସ୍ଥା, ବୃଦ୍ଧ, ମହିଳା ଓ ଦିବ୍ୟାଙ୍ଗ ଭକ୍ତଙ୍କ ସୁବିଧା, ଜରୁରୀକାଳୀନ ସେବା ଏବଂ ଭିଡ଼ ନିୟନ୍ତ୍ରଣ ପାଇଁ ଆବଶ୍ୟକ ପଦକ୍ଷେପ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ଏହା ସହିତ ମନ୍ଦିର



ପରିସର ଓ ଆଖପାଖ ଅଞ୍ଚଳରେ ଯାନବାହନ ଚଳାଚଳକୁ ସୁଚାରୁ ରଖିବା ପାଇଁ ଟ୍ରାଫିକ୍ ପରିଚାଳନା, ଅସ୍ଥାୟୀ ପାର୍କିଂ ସ୍ଥାନ ଚିହ୍ନଟ, ଯାନବାହନ ପାଇଁ ବିକଳ୍ପ ରୁଟ୍ ବ୍ୟବସ୍ଥା ଏବଂ ପଥଚାରୀ ଭକ୍ତମାନଙ୍କ ସୁରକ୍ଷା ସମ୍ପର୍କରେ ମଧ୍ୟ ବିସ୍ତୃତ ଆଲୋଚନା ହୋଇଥିଲା । ଅଣବସର ସମୟରେ ଅଧିକ ସଂଖ୍ୟାରେ ଆସୁଥିବା ଭକ୍ତମାନଙ୍କୁ ଦୃଷ୍ଟିରେ ରଖି ମନ୍ଦିର ପରିସରରେ ଉପଯୁକ୍ତ ସ୍ଥାନରେ ପାର୍କିଂ ବ୍ୟବସ୍ଥା କରିବା ପାଇଁ ସମ୍ପୃକ୍ତ ବିଭାଗଗୁଡ଼ିକୁ ଆବଶ୍ୟକ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା । ଏସ୍ପି ପୁରୀ ମନ୍ଦିରରେ ଚାଲିଥିବା ନୀତିକାନ୍ତି ସମୟରେ ଯେପରି କୌଣସି ବାଧା ସୃଷ୍ଟି ନ ହୁଏ ଏବଂ ଭକ୍ତମାନେ ସୁଚାରୁ ଭାବେ ଦର୍ଶନ କରିପାରିବେ, ସେଥିପାଇଁ ପୋଲିସ୍, ପ୍ରଶାସନ ଓ ଟ୍ରଷ୍ଟ ବୋର୍ଡ଼ ମଧ୍ୟରେ ଉତ୍ତମ ସମନ୍ୱୟ ରଖିବାକୁ ଗୁରୁତ୍ୱାରୋପ କରିଥିଲେ । ଭିଡ଼ ପରିଚାଳନା, ସୁରକ୍ଷା ବ୍ୟବସ୍ଥା ଓ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ଏକ ସମନ୍ୱିତ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରି ଆବଶ୍ୟକ ମୁତୟନ କରାଯିବ ବୋଲି ସେ ସୂଚନା ଦେଇଥିଲେ । ଏହି ସମୀକ୍ଷାରେ ସଦର ଡିଏସ୍‌ପି ମାନସ ରଞ୍ଜନ ବାରିକ, ବ୍ରହ୍ମଗିରି ତହସିଲଦାର, ବ୍ରହ୍ମଗିରି ବିଡିଓ, ବ୍ରହ୍ମଗିରି ଥାନା ଅଧିକାରୀ ବାମଦେବ ସ୍ୱାଇଁ ଏବଂ ଅଲାରନାଥ ମନ୍ଦିର ଟ୍ରଷ୍ଟ ବୋର୍ଡ଼ର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ । ସମସ୍ତଙ୍କ ସହିତ ଆଲୋଚନା କରି ଆଗାମୀ ଅଣବସର ଯାତ୍ରା ସମୟରେ ଭକ୍ତମାନଙ୍କୁ ସୁରକ୍ଷିତ, ସୁବ୍ୟବସ୍ଥିତ ଏବଂ ସୁଗମ ଦର୍ଶନ ସୁବିଧା ପ୍ରଦାନ କରିବା ଦିଗରେ ସମସ୍ତ ପ୍ରକାର ପ୍ରସ୍ତୁତି ତ୍ୱରାନ୍ୱିତ କରିବାକୁ ଏସ୍‌ପି ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

## ମୁଖ୍ୟ ବନସଂରକ୍ଷକଙ୍କ ବନାଞ୍ଚଳ ପରିଦର୍ଶନ

**ଓଡ଼ଗାଁ,୩୦ା୫/ଏନ୍ଏନ୍ଏସ୍:** ଓଡ଼ଗାଁ ଓ ପଞ୍ଚିରିଡ଼ା ବନାଞ୍ଚଳକୁ ରାଜ୍ୟର ପ୍ରଧାନ ମୁଖ୍ୟ ବନସଂରକ୍ଷକ ଡ. କେ. ମୁରୁଗେସନ ଗସ୍ତ କରିଛନ୍ତି । ତାଙ୍କ ଗ୍ରସ୍ତ ସମୟରେ ସେ ପଞ୍ଚିରିଡ଼ା ବନାଞ୍ଚଳର ଦର୍ପନାରାୟଣପୁର ନର୍ସରୀ ବୁଲି ଦେଖିବା ସହିତ ଓଡ଼ଗାଁ ବନାଞ୍ଚଳର ମଠଖଜୁରିଆ ଠାରେ ଥିବା ଅର୍ବାନ ଟ୍ରି ପ୍ଲାଣ୍ଟେସନ ପରିଦର୍ଶନ କରିଥିଲେ । ଏହାପରେ କୁମ୍ଭିଆପଲ୍ଲୀ ଗ୍ରସ୍ତ କରି ଅର୍ବାନ ଟ୍ରି ପ୍ଲାଣ୍ଟେସନ (ସହରାଞ୍ଚଳ ବନୀକରଣ ଯୋଜନା) ତାଙ୍କ ମନ ଜିଣିଥିଲା । ଏହି ଦୁଇଟି ପ୍ଲାଣ୍ଟେସନ ନୟାଗଡ଼ ଜିଲ୍ଲାରେ ଏକନମ୍ବର ହୋଇଥିବା ପ୍ରକାଶ କରିଥିଲେ । ଉପଯୁକ୍ତ ସମୟରେ ସମସ୍ତ ଗଛ ଗୁଡ଼ିକର ରକ୍ଷଣାବେକ୍ଷଣ ନିଆଯାଉଥିବାରୁ ରେଞ୍ଜର ଓ ଫରେଷ୍ଟରଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ । ଏହି ପ୍ଲାଣ୍ଟେସନ ଭିତରେ ସେ ଅଧଘଣ୍ଟାଏ ବିତାଇଥିଲେ ଓ ଗଛଗୁଡ଼ିକ କିପରି ପୋକ ନଲାଗିବ, ସାର, ପିଡ଼ିଆ ଓ ପାଣି ଠିକ୍ ସମୟରେ ଦିଆଯିବ ସେ ସଂପର୍କରେ କର୍ମଚାରୀଙ୍କୁ କହିଥିଲେ । ନଣ୍ଡାପାହାଡ଼କୁ ସବୁଜିମାରେ ପରିଣତ କରିବାକୁ ଯୋଜନା କାର୍ଯ୍ୟକାରୀ କରାଯାଇଥିଲା । ପ୍ରଧାନ ମୁଖ୍ୟ ବନସଂରକ୍ଷକ ନଣ୍ଡା ପାହାଡ଼ରେ ପହଞ୍ଚି ବୃକ୍ଷରୋପଣ ଉପରେ



ଗୁରୁତ୍ୱାରୋପ କରିବା ସହିତ ୨୦୨୬-୨୭ ମସିହାରେ ବୃକ୍ଷରୋପାଣ କରି ସବୁଜିମାରେ ପରିଣତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ବର୍ତ୍ତମାନ ସମୟରେ ଗଛ ଲଗାଇବାର ପରିମାଣ କମିଯାଉଛି । ଯେତିକି ଗଛ ଲଗାଯାଉଛି ତାଠାରୁ ବହୁ ଗୁଣରେ ଗଛ କ୍ଷତି ହେଉଛି । ଦିନକୁ ଦିନ ଜଳବାୟୁ ପରିବର୍ତ୍ତନ ଘଟି ଉତ୍ତପ୍ତ ସହରରେ ପରିଣତ ହେଉଥିବାରୁ ଗଛ ଗୁଡ଼ିକ ବଢିପାରୁନି । ତେଣୁ ଯଥାସମ୍ଭବ ଆମେ ଗଛ ଅଧିକରୁ ଅଧିକ ଲଗାଇବାକୁ ଚେଷ୍ଟା କରିବା ବୋଲି କର୍ମଚାରୀମାନଙ୍କୁ ପରାମର୍ଶ ଦେଇଥିଲେ । ତାଙ୍କ ସହିତ ଆଞ୍ଚଳିକ ବନ ସଂରକ୍ଷକ ପି. ଅର୍ଥନାରୀ ଓଡ଼ଗାଁର ସମସ୍ତ ପ୍ଲାଣ୍ଟେସନ ଗୁଡ଼ିକ ଉଚ୍ଚ କୋଟିର ବୋଲି ସ୍ୱୀକାର କରିଥିଲେ । ଏହିପରି ଅନ୍ୟ ରେଞ୍ଜ ମାନଙ୍କରେ ପ୍ଲାଣ୍ଟେସନ କାର୍ଯ୍ୟକାରୀ କଲେ ବୃକ୍ଷରୋପଣ ଆମ ପାଇଁ ସଫଳତା ଆଣିଦେବ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନୟାଗଡ଼ ଡ଼ିଏଫ୍‌ଓ ଦେବାର୍ଚ୍ଚନ ବେହେରା, ଏସଡ଼ିଏଫ୍‌ଓ ଆଇସା ଅକତାରୀ ନିଶା, ଏସିଏଫ୍ ସତ୍ୟଜିତ କର, ଓଡ଼ଗାଁ ରେଞ୍ଜର ଅଭିମନ୍ୟୁ ମଲ୍ଲିକ, ଫରେଷ୍ଟର ସରିତା ବରାଳ, ଫରେଷ୍ଟଗାର୍ଡ଼ ସୌମ୍ୟରଞ୍ଜନ ଦଳେଇ ଓ କର୍ମଚାରୀମାନେ ସାମିଲ ଥିଲେ ।

## ବିପଦଶଙ୍କୁଳ ଅବସ୍ଥାରେ ସିଧାମୂଳା ନିକଟ ମହାନଦୀ ବ୍ରିଜ୍

**କଣ୍ଟିଲୋ,୩୦ା୫/ଏନ୍ଏନ୍ଏସ୍:** ନୟାଗଡ଼ ଜିଲ୍ଲା ଖଣ୍ଡପଡା ବ୍ଲକ ଅନ୍ତର୍ଗତ ସିଧାମୁଳା ଗ୍ରାମ ପଞ୍ଚାୟତର ସିଧାମୁଳାରେ ନିର୍ମିତ ମହାନଦୀ ବ୍ରିଜ ଏବେ ବିପଦସଙ୍କୁଳ ସ୍ଥିତିରେ ଥିବାରୁ ସର୍ବସାଧାରଣ ଜନତାଙ୍କ ଧନଜୀବନ ସୁରକ୍ଷା ଉପରେ ଆସନ୍ନ ବିପଦ



ଓ ମରଣଯନ୍ତା ପାଲଟିଛି । ସୂଚନାରୁ ପ୍ରକାଶ ଯେ, ବହୁ ବର୍ଷ ପୂର୍ବେ ନିର୍ମିତ ଏହି ମହାନଦୀ ବ୍ରିଜ୍ ଯୋଗୁ ଆନ୍ଧ୍ର ପ୍ରଦେଶର ବିଭିନ୍ନ ସ୍ଥାନ, ଗଞ୍ଜାମ ଜିଲ୍ଲା ଗୋପାଳପୁର ବନ୍ଦର ଓ କନ୍ଧମାଳ, ବୌଦ୍ ଓ ସୋନପୁର ଜିଲ୍ଲା ମାନଙ୍କରୁ ନୟାଗଡ଼ ଜିଲ୍ଲା ସିଧାମୁଳାରେ ନିର୍ମିତ ଏହି ବ୍ରିଜ୍ ବାଟ ଦେଇ କଟକ, ଢେଙ୍କାନାଳ, ଅନୁଗୁଳ ଜିଲ୍ଲାର ତାଳଚେର, ଦେବଗଡ଼, ସମ୍ବଲପୁର, ଝାରସୁଗୁଡ଼ା ଓ ବଲାଙ୍ଗିର ଜିଲ୍ଲା ମାନଙ୍କର ବିଭିନ୍ନ ଶିଳ୍ପାଞ୍ଚଳ ସହ ସୁବିଧାରେ ସଂଯୋଗ ହୋଇ ପାରିଛି । ବର୍ତ୍ତମାନ ଏହି ବ୍ରିଜର ଦ୍ୱିତୀୟ ସ୍ଥାନ ଜଏଣ୍ଟ ରାସ୍ତାରେ ଲୁହାର ପ୍ଲେଟ ଉପରକୁ ଉଠି ଯାଇ ବ୍ରିଜ ରାସ୍ତା ପାଇଁ ବିପଦ ସଙ୍କୁଳ ପାଲଟିଥିବାବେଳେ, ସର୍ବସାଧାରଣ ଜନତା ଓ ଗୃହପାଳିତ ଜୀବଜନ୍ତୁଙ୍କ ଧନଜୀବନ ପାଇଁ ବିରାଟ ବିପଦ ସୃଷ୍ଟି କରୁଥିବା ବେଳେ, ମରଣଯନ୍ତା ପାଲଟିଛି । ବିଶେଷତଃ ରାତିରେ ଯାଉଥିବା ଗାଡି ଚାଳକ ଏବଂ ଜରୁରୀ ରୋଗୀ ନେଇଯାଉଥିବା ଆମ୍ବୁଲାନ୍ସ ଦୁର୍ଘଟଣା ହୋଇ ମୃତ୍ୟୁ ମୁଖରେ ପଡିବା ସମ୍ଭାବନା ଏଡାଇ ହେବ ନାହିଁ । ଯେହେତୁ ଏହାର ରକ୍ଷଣାବେକ୍ଷଣ ପୂର୍ତ୍ତ ବିଭାଗର ଦାୟିତ୍ୱ, ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀମାନେ ଏହାକୁ ତନଖି କରି ବିହୀତ ପଦକ୍ଷେପ ନେବା ପରିବର୍ତ୍ତେ ବହୁଦିନ ହେଲା ପ୍ଲେଟ୍ ବାହାରି ପଡ଼ି ବିପଦ ଓ ମରଣଯନ୍ତା ପାଲଟିଥିଲେ ମଧ୍ୟ ନିଘୋଡ଼ ନିଦ୍ରାରେ ଶୋଇ ରହିଥିବା ଅଭିଯୋଗ ହେଉଛି । ତେଣୁ ଯଥାଶୀଘ୍ର ବହୁ ପୁରାତନ ଏହି ବ୍ରିଜର ସୁରକ୍ଷାକୁ ଅଗ୍ରାଧିକାର ଭାବେ ଗ୍ରହଣ କରି ଆବଶ୍ୟକୀୟ ବିହିତ ପଦକ୍ଷେପ ନେବା ସଙ୍ଗେ ସଙ୍ଗେ ସର୍ବସାଧାରଣ ଜନତା ଓ ଗୃହପାଳିତ ଜୀବଜନ୍ତୁଙ୍କ ଧନ ଜୀବନ ରକ୍ଷା କରିବା ପାଇଁ ସ୍ଥାନୀୟ ଅଧିବାସୀ ଓ ବୁଦ୍ଧିଜୀବୀ ନୟାଗଡ଼ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି ।

## କଣାସରେ ଗାଁକୁ ଗାଁ ବ୍ୟାପିଲା ଝାଡ଼ାବାନ୍ତି

**କଣାସ,୩୦ା୫/ଏନ୍ଏନ୍ଏସ୍:** ପୁରୀ ଜିଲ୍ଲାର କଣାସ ବ୍ଲକ ଚିଲିକା ଉପକୂଳରେ ଅବସ୍ଥାପିତ ହୋଇଥିବାରୁ ବର୍ଷସାରା ପାନୀୟଜଳ ସମସ୍ୟାକୁ ନେଇ ଝାଡାବାନ୍ତି ଲାଗିରହୁଥିବା ବେଳେ ଗ୍ରୀଷ୍ମ ସମୟରେ ଝାଡାବାନ୍ତି ଉଗ୍ରରୂପ ଧାରଣ କରେ । ୧୫ଦିନ ହେଲା କଣାସ ଅଞ୍ଚଳର ବିଭିନ୍ନ ଗ୍ରାମରେ ଝାଡାବାନ୍ତି ଆରମ୍ଭ ହୋଇ ଗୋଲରା ଗ୍ରାମର ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ଆଜି କାତପଡା ଗ୍ରାମର ଜୟନ୍ତି ସେଠି(୫୫), ସିରେଇ ଗ୍ରାମର ବାସନ୍ତୀ ପରିଡା,(୬୫), ବଡଓରା ଗ୍ରାମର ଇଚ୍ଛା ପ୍ରଧାନ(୭୮), ଧାନକେରା ଗ୍ରାମର ପରକ୍ଷିତ ପ୍ରଧାନ(୬୫), ଖଣ୍ଡହତା ଗ୍ରାମର ଟିକା ସାହୁ(୨୭), ଗଡ଼ମାଟିଆପଡା ଗ୍ରାମର ଅମିତ ମଙ୍ଗରାଜ(୪୨), ମୂଳବସନ୍ତ ଗ୍ରାମର ଲକ୍ଷ୍ମୀପ୍ରିୟା ପ୍ରଧାନ(୨୨), ରାଣୀପଡ଼ା ଗ୍ରାମର ଧରଣୀଧର ସୁନ୍ଦରାୟ(୪୯), ନୂଆଗାଁ ଗ୍ରାମର ତ୍ରିନାଥ ରାଉତରାୟ(୫୯) ଝାଡାବାନ୍ତିରେ ଆକ୍ରାନ୍ତ ହୋଇ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି । କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୫ଜଣ ଡାକ୍ତର ରହିବା ପାଇଁ ବ୍ୟବସ୍ଥା ଥିବାବେଳେ ମାତ୍ର ୪ଜଣ ଡାକ୍ତର ଡାକ୍ତରଖାନା ଚଳାଉଛନ୍ତି । ୪ଜଣ ଡାକ୍ତର ପାଳିକରି ଆସୁଥିବାରୁ ରୋଗୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପ୍ରକାଶଥାଉ କି ଗତ ବର୍ଷ ଦୟାନଦୀର ଦୂଷିତଜଳ ପାନକରି ଦୁଇମାସ ଧରି ବିଭିନ୍ନ ଗ୍ରାମରେ ଝାଡାବାନ୍ତି ଲାଗି ୭ଜଣ ମୃତ୍ୟୁବରଣ କରିଥିଲେ । ଯାହାକି ଜିଲ୍ଲା ଓ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ନିଦ ହଜାଇ ଦେଇଥିଲା । ରାଜ୍ୟ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ତୁରନ୍ତ ପ୍ରତିକାର ବ୍ୟବସ୍ଥା କରା ନଗଲେ ସମସ୍ତ ଗ୍ରାମକୁ ଝାଡାବାନ୍ତି ବ୍ୟାପିଯିବାର ସମ୍ଭାବନା ରହିଛି । ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଦାବି ହୋଇଛି ।

## ଖୋଲୁନି ଜଳଛତ୍ର, ତହଲ ବିକଳ ପଥିକ

**ବେଗୁନିଆ,୩୦ା୫/ଏନ୍ଏନ୍ଏସ୍:** ବେଗୁନିଆ ବ୍ଲକ ବୋତଲମା ପଞ୍ଚାୟତ ଅଞ୍ଚଳରେ ଗ୍ରୀଷ୍ମ ପ୍ରବାହ ଦିନକୁ ଦିନ ବଢ଼ିବାରେ ଲାଗିଛି । ସକାଳ ୧୦ଟା ପରେ ଘରୁ ବାହାରି ହଉନି । ଦିନରେ ଗରମ ପବନ ରାତିରେ ଘରେ ରହିବା କଷ୍ଟକର ହେଉଛି । ବୋତଲମା ପଞ୍ଚାୟତ ମାଣିକପୁର ପାଟଣା ବ୍ୟାବସାୟିକ ପେଣ୍ଠ ସ୍ଥଳ ହୋଇଥିବା ବେଳେ ରୁଦ୍ର ତାପକୁ ଦୃଷ୍ଟିରେ ରଖି ବଜାର ରାସ୍ତାରେ ଏବେ ଯାଏଁ ଜଳ ଛତ୍ର ଖୋଲାଯାଇନଥିବା ଅଭିଯୋଗ ହେଉଛି । ସୂଚନା ଯୋଗ୍ୟ ଯେ ପ୍ରତ୍ୟେକ ବର୍ଷ ଗାଁ କଲ୍ୟାଣ ସମିତି ଆନୁକୁଲ୍ୟରେ ପ୍ରତି ଗାଁ ଛକ ମାନଙ୍କରେ ଜଳ ଛତ୍ର ଖୋଲାଯାଇଥାଏ । ଗାଁ କଲ୍ୟାଣ ଅନୁଦାନ ରାଶି ଠିକ୍ ସମୟରେ ମିଳୁ ନଥିବାରୁ ଆଶା କର୍ମୀମାନେ ଖର୍ଚ୍ଚ କରୁଥିବା ରାଶି ପାଇପାରୁ ନାହାନ୍ତି । ଯେଉଁ ସମୟରେ ପଥିକମାନେ ରାସ୍ତାରେ ଯାତାୟାତ କରୁଛନ୍ତି ଠିକ୍ ସେହି ସମୟରେ ଜଳଛତ୍ର ବନ୍ଦ ରହୁଛି । ଫଳରେ ଲୋକମାନେ ପାଣି ପାଇଁ ତହଲ ବିକଳ ହେଉଥିବା ଜାଣିବାକୁ ମିଳିଛି । ତୁରନ୍ତ ଏଠାରେ ଏକ ଜଳଛତ୍ର ଖୋଲିବାକୁ ଜନ ସାଧାରଣରେ ଦାବି ହେଉଛି ।

# ୭ ପ୍ରକାର ନଡ଼ିଆ ଉପରେ ଗବେଷଣା, ବିଦେଶରୁ ଆସିଛି ମଞ୍ଜି

**ସାକ୍ଷୀଗୋପାଳ,୩୦ା୫/ଏନ୍ଏନ୍ଏସ୍:** ରଙ୍ଗୀନ ନଡ଼ିଆ ଚାଷ ଉପରେ ଗବେଷଣା କରିବ ଓୟୁଏଟି ଫିଜି, ନାଇଜେରିଆ, ପପୁଆ ନ୍ୟୁଗୁଏନା, ଆଫ୍ରିକା, ଲାକ୍ଷାଦ୍ୱୀପରୁ ଆସିଛି ମଞ୍ଜି ।

**ପ୍ରଥମେ ସାକ୍ଷୀଗୋପାଳରେ ଚାଷ, ସଫଳ ହେଲେ ଚାଷୀଙ୍କୁ ମିଳିବ**



ପ୍ରଥମଥର ପାଇଁ ସାକ୍ଷୀଗୋପଳ କେବିକେରେ ଦେଢ଼ ଏକର ଜମିରେ ଲଗାଯିବ । ଗବେଷଣା ସଫଳ ହେଲେ ସରକାରଙ୍କ ସହାୟତାରେ ଚାଷୀଙ୍କୁ ମିଳିବ, ଓଡ଼ିଶା ମାଟିରେ ଚାଷ ହେବ ବିଦେଶୀ ନଡ଼ିଆ । ଗାଢ଼ ସବୁଜ, ନାଳି, କମଳା ଆଦି ରଙ୍ଗର ପଇଡ଼ ଗଛରେ ଫଳିବ । ଗୋଟିଏ କି ଦୁଇଟି ନୁହେଁ ଭାରତ ସମେତ ନାଇଜେରିଆ, ଫିଜି, ପପୁଆ ନ୍ୟୁଗୁଏନା, ପଶ୍ଚିମ ଆଫ୍ରିକା, ଲାକ୍ଷାଦୀପରୁ ମଞ୍ଜି ଆସିଛି । ଏସବୁ ଗଛ ହେଉଛି ଡ୍ୱାର୍ଫ(ବାମନ) ପ୍ରଜାତିର । ସରକାରୀସ୍ତରରେ ପ୍ରଥମ ଥର ପାଇଁ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି) ପକ୍ଷରୁ ଏଭଳି ଏକ ପଦକ୍ଷେପ ଗ୍ରହଣ କରାଯାଇଛି । ଓୟୁଏଟି ଅନ୍ତର୍ଗତ ସାକ୍ଷୀଗୋପାଳ ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର(କେଭିକେ)ରେ ବିଦେଶୀ ରଙ୍ଗୀନ ନଡ଼ିଆ ଉପରେ ପ୍ରଥମେ ଗବେଷଣା କରାଯିବ । ଏଥିପାଇଁ ମୋଟ ଦେଢ଼ ଏକର ଜମି ଚିହ୍ନଟ କରାଯାଇ ଗାତ ଖୋଳାଯାଇଛି । ବର୍ଷା ଆରମ୍ଭ ହେଲେ ମଞ୍ଜି ପୋତାଯିବ । ତେବେ ଗବେଷଣା ବେଳେ ଓଡ଼ିଶା ମାଟିରେ ରଙ୍ଗୀନ ନଡ଼ିଆ ଗଛ କିଭଳି ଉଠୁଛି, ଏହାର ରୋଗପୋକ ସହଣୀ ଓ ପଇଡର ସ୍ୱାଦ, ନଡ଼ିଆରୁ ତେଲ ଓ ଉତ୍ପାଦନ ଆଦି ଉପରେ ନଜର ରଖାଯିବ । ପରୀକ୍ଷଣ ସଫଳ ହେଲେ ସରକାରଙ୍କ ସହାୟତା କ୍ରମେ ନଡ଼ିଆ ଚାଷୀଙ୍କୁ ଚାରା ବଣ୍ଟନ କରାଯିବ ବୋଲି ବିଶ୍ୱବିଦ୍ୟାଳୟ ସୂତ୍ରରୁ ପ୍ରକାଶ । ଭୁବନେଶ୍ୱରରେ ରଙ୍ଗୀନ ନଡ଼ିଆ ଚାଷ କୌଣସି ନୂଆ କଥା ନୁହେଁ । ଘରୋଇ କୃଷି ଉଦ୍ୟୋଗୀମାନେ ଗୋଆ, କେରଳ, ବେଙ୍ଗାଲୁରୁରୁ ହାଇବ୍ରିଡ୍ ରଙ୍ଗୀନ ନଡ଼ିଆ ଚାରା ଆଣି ଚାଷ କରୁଛନ୍ତି । ହେଲେ ସରକାରୀସ୍ତରରେ ପୂର୍ବରୁ ରଙ୍ଗୀନ ନଡ଼ିଆ ଉପରେ କୌଣସି ଗବେଷଣା କିମ୍ବା ଚାଷ ହୋଇନାହିଁ । ଯେହେତୁ ଓଡ଼ିଶାକୁ ପ୍ରତିବର୍ଷ ବାତ୍ୟା ଭୟ ରହୁଛି, ତେଣୁ ବାମନ କିସମକୁ ଅଗ୍ରାଧିକାର ଦିଆଯାଉଛି । ନଡ଼ିଆ ଉପରେ ଆହୁରି ଅଧିକରୁ ଅଧିକ ଗବେଷଣା ହେବ ବୋଲି ସାକ୍ଷୀଗୋପାଳ କେବିକର ଇନଚାର୍ଜ ଅଜିତ ସାହୁ ସୂଚନା ଦେଇଛନ୍ତି ।

# ମରାମତି ଅଭାବରୁ ତିରୁଣା-ବଉଲାଙ୍ଗ ରାସ୍ତା ଶୋଚନୀୟ



**ନୟାହାଟ,୩୦।୫/ଏନ୍‌ଏନ୍‌ଏସ୍:** ଗ୍ରାମଉନ୍ନୟନ ବିଭାଗ ଅଧୀନରେ ଥିବା ତିରୁଣା-ବଉଲାଙ୍ଗ ରାସ୍ତା ମରାମତି ଅଭାବରୁ ଶୋଚନୀୟ ହୋଇପଡିଛି। ଏହି ରାସ୍ତା ଦେଇ କୋଣାର୍କ, କାଳିଆଗାଦି କି ପ୍ରତିଦିନ ଯାନବାହାନ ଚଳାଚଳ କରୁଥିବା ବେଳେ ରାସ୍ତାର ବିଭିନ୍ନ ସ୍ଥାନରେ ବଡ ବଡ ଖାଲ ହୋଇ ମେଷ୍ଟାଲ ବାହାରି ଯାତାୟତରେ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଗ୍ରାମଉନ୍ନୟନ ବିଭାଗ ପକ୍ଷରୁ ଉକ୍ତ ରାସ୍ତା ମରାମତି ପାଇଁ ମାପ ଚୁପ ସରିଥିଲେ ମଧ୍ୟ ବର୍ଷା ଦିନ ପୂର୍ବରୁ ରାସ୍ତା ମରାମତି ପାଇଁ ସ୍ଥାନୀୟ ଗ୍ରାମବାସୀ ମାନେ ଦାବି କରୁଥିବା ବେଳେ ବିଭାଗୀୟ ପକ୍ଷରୁ ଅଦ୍ୟାବଧି ରାସ୍ତା ମରାମତି ହୋଇ ନଥିବାରୁ ସ୍ଥାନୀୟ ଅଞ୍ଚଳରେ ଜନଅସୋନ୍ତୋଷ ବଢିବାରେ ଲାଗିଛି।

# ଦୁଇ ମାସ ହେଲା ବ୍ୟାଙ୍କକୁ ଆସୁନି ବାର୍ଦ୍ଧକ୍ୟ ଭତ୍ତା ଟଙ୍କା

**କୁଆଁପାଳ,୩୦।୫/ଏନ୍‌ଏନ୍‌ଏସ୍:** ମାହାଙ୍ଗା ବ୍ଲକରେ ବାର୍ଦ୍ଧକ୍ୟ ଭତ୍ତା ଅର୍ଥ ପ୍ରଦାନରେ ବ୍ୟାପକ ବିଳମ୍ବକୁ ନେଇ ବୃଦ୍ଧବୃଦ୍ଧାମାନଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ବିଗତ ସରକାରଙ୍କ ଅମଳରେ ପ୍ରତିମାସ ୧୫ ତାରିଖ ସୁଦ୍ଧା ପଞ୍ଚାୟତ କାର୍ଯ୍ୟାଳୟରେ ଭତ୍ତା ବଣ୍ଟନ କରାଯାଉଥିଲା। ଏଥିସହିତ ଯେଉଁ ହିତାଧିକାରୀମାନେ ବ୍ୟାଙ୍କ ଜରିଆରେ ଭତ୍ତା ପାଉଥିଲେ, ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ମଧ୍ୟ ଠିକ୍ ସମୟରେ ଅର୍ଥ ପଠାଯାଉଥିଲା। ମାତ୍ର ବର୍ତ୍ତମାନ

**ହିତାଧିକାରୀ ହନ୍ତସନ୍ତ**

ଦୀର୍ଘ ୨ ମାସ ବିତିଯାଇଥିଲେ ମଧ୍ୟ ସରକାର ହିତାଧିକାରୀଙ୍କ ଆକାଉଣ୍ଟକୁ ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା ଓ ବିକଳାଙ୍ଗ ଭତ୍ତା ଟଙ୍କା ପଠାଇ ନଥିବାରୁ ସାଧାରଣରେ ଗଭୀର କ୍ଷୋଭ ପ୍ରକାଶ ପାଇଛି। ଡବଲ ଇଞ୍ଜିନ ସରକାରଙ୍କ ଶାସନ କାଳରେ ସାଧାରଣ ଭତ୍ତାଭୋଗୀ ହିତାଧିକାରୀମାନେ କିଭଳି ଭାବେ ହଇରାଣ ହରକତ ହେଉଛନ୍ତି, ମାହାଙ୍ଗା ବ୍ଲକ ଏବେ ତାର ଏକ ଜ୍ୱଳନ୍ତ ଉଦାହରଣ ପାଲଟିଛି। ଅସହାୟ ବୃଦ୍ଧବୃଦ୍ଧା ଓ ଭିନ୍ନକ୍ଷମମାନେ ନିଜର ଗୁଜରାଣ ମେଣ୍ଟାଇବା ପାଇଁ ଏହି ଅର୍ଥ ଉପରେ ନିର୍ଭର କରୁଥିବା ବେଳେ ପ୍ରଶାସନିକ ସ୍ତରରେ ଏଭଳି ଅବହେଳା ସେମାନଙ୍କ ଦୁର୍ଦ୍ଦଶାକୁ ଦ୍ୱିଗୁଣିତ କରିଦେଇଛି। ସରକାର ଏହି ସମସ୍ୟା ପ୍ରତି ତୁରନ୍ତ ଦୃଷ୍ଟି ଦେଇ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ପ୍ରତିମାସର ଭତ୍ତା ଟଙ୍କା ଏକ ନିର୍ଦ୍ଦିଷ୍ଟ ତାରିଖ ମଧ୍ୟରେ ପଠାଇବାକୁ ସର୍ବସାଧାରଣରେ ଦୃଢ଼ ଦାବି ହୋଇଛି।

# ଅନ୍ତ୍ୟୋଦୟ ଗୃହ ଯୋଜନାରେ ଅନିୟମିତତା

**କୁଆଁପାଳ,୩୦।୫/ଏନ୍‌ଏନ୍‌ଏସ୍:** ମାହାଙ୍ଗା ବ୍ଲକରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ସଙ୍ଗିନ ଅଭିଯୋଗ ପ୍ରକାଶ ପାଇଛି। ଏପରିକି ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମଗାଯାଇଥିଲେ ମଧ୍ୟ ମାହାଙ୍ଗା ବ୍ଲକ ପ୍ରଶାସନ ସଠିକ୍ ତଥ୍ୟ ପ୍ରଦାନ ନକରି ଚୁପ୍ ବସିବା ଏବଂ ଘଟଣାକୁ ଚାପିଦେବାକୁ ଚେଷ୍ଟା କରୁଥିବା ଅଭିଯୋଗ ହୋଇଛି। ବିଗତ ଦିନରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କୋଠାଘର ଥିବା ଅଯୋଗ୍ୟ ହିତାଧିକାରୀଙ୍କୁ ଗୃହ ପ୍ରଦାନ କରାଯାଇଥିବା ବେଳେ ଅନେକ ସ୍ଥାନରେ ଏହି ଆବାସ ଗୃହଗୁଡ଼ିକ ଦୋକାନ ଗୃହରେ ପରିଣତ ହୋଇଛି। ଏ ସମ୍ପର୍କରେ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶ ପାଇଥିଲେ ମଧ୍ୟ ବ୍ଲକ ପ୍ରଶାସନ ଏହାର ତଦନ୍ତ କରିବାକୁ ପଛଘୁଞ୍ଚା ଦେଇଥିଲା। ଏଠାରେ ସୂଚନାଯୋଗ୍ୟ ଯେ,

**ଅଭିଯୋଗ ପରେ ବି ବ୍ଲକ ପ୍ରଶାସନ ଚୁପ୍**

ମାହାଙ୍ଗା ବ୍ଲକ ଆନନ୍ଦପୁର ଗ୍ରାମପଞ୍ଚାୟତ ଅଧୀନ ଆନନ୍ଦପୁର ଗ୍ରାମର କ୍ଷୀରୋଦ ଚନ୍ଦ୍ର ମହାପାତ୍ର ଅସାଧୁ ଉପାୟ ଅବଲମ୍ବନ କରି ନିଜର ପ୍ରଥମ ସ୍ତ୍ରୀ ଥାଇ ମଧ୍ୟ ଦ୍ୱିତୀୟ ସ୍ତ୍ରୀଙ୍କ ନାମରେ ଅନ୍ତ୍ୟୋଦ୍ୱୟ ଗୃହ ଯୋଜନା ହାତେଇ ନେଇଛନ୍ତି। ତାଙ୍କର ପ୍ରଥମ ସ୍ତ୍ରୀ ବର୍ତ୍ତମାନ କୋରାପୁଟ ଜିଲ୍ଲାରେ ଅଙ୍ଗନବାଡି କର୍ମୀ ଭାବେ କାର୍ଯ୍ୟରତ ଅଛନ୍ତି। ଏହି ବେଆଇନ କାର୍ଯ୍ୟ ସମ୍ପର୍କରେ ଗତ ୧୮ ନଭେମ୍ବର ୨୦୨୫ ତାରିଖରେ ମାହାଙ୍ଗା ବ୍ଲକ ଉନ୍ନୟନ ଅଧିକାରୀ (ବିଡିଓ)ଙ୍କ ନିକଟରେ ଏକ ଲିଖିତ ଅଭିଯୋଗ କରାଯାଇଥିଲା। ଏହା ପରେ ବ୍ଲକ କାର୍ଯ୍ୟାଳୟର ଚିଠି ସଂଖ୍ୟା ୫୧୭୧, ତାରିଖ ୧୯ ନଭେମ୍ବର ୨୦୨୫ ଅନୁଯାୟୀ ବିଡିଓ ଏହି ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଥିଲା। ତେବେ ଏହି ମାମଲାରେ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବାରୁ ଗତ ୧ ମେ ୨୦୨୬ ତାରିଖରେ ପୁନର୍ବାର ମାହାଙ୍ଗା ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଛି। କ୍ଷୀରୋଦ ଚନ୍ଦ୍ର ମହାପାତ୍ରଙ୍କ ପ୍ରଥମ ସ୍ତ୍ରୀ କୌଶଲ୍ୟା ସ୍ୱାଇଁ କୋର୍ଟରେ ଆଇନଗତ ଭାବେ ଛାଡ଼ପତ୍ର ଦେଇନଥିବା ବେଳେ, କିଭଳି ଭାବେ କ୍ଷୀରୋଦ ଚନ୍ଦ୍ର ମହାପାତ୍ର ରଶ୍ମିତା ସ୍ୱାଇଁଙ୍କୁ ଦ୍ୱିତୀୟ ବିବାହ କଲେ ଏବଂ ବ୍ଲକ ପ୍ରଶାସନ କେଉଁ ଆଧାରରେ ତାଙ୍କ ନାମରେ ସରକାରୀ ଯୋଜନାରେ ଗୃହ ମଞ୍ଜୁର କଲା, ସେ ନେଇ ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି। ପ୍ରଶାସନିକ ସ୍ତରରେ ହୋଇଥିବା ଏହି ବଡ଼ଧରଣର ଅନିୟମିତତା ଉପରେ ମାହାଙ୍ଗା ବିଡିଓ ଆଗାମୀ ଦିନରେ କି ପଦକ୍ଷେପ ଗ୍ରହଣ କରୁଛନ୍ତି, ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି।

# ତୈଳଦର ଅହେତୁକ ବୃଦ୍ଧି ନେଇ ଏସ୍‌ୟୁସିଆଇର ପ୍ରତିବାଦ

**ଡେଲାଙ୍ଗ,୩୦।୫/ଏନ୍‌ଏନ୍‌ଏସ୍:** ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସର କ୍ରମାଗତ ମୂଲ୍ୟବୃଦ୍ଧି ପ୍ରତିବାଦରେ ଏସ.ୟୁ.ସି.ଆଇ (କମ୍ୟୁନିଷ୍ଟ) ପାର୍ଟି ପକ୍ଷରୁ ଡେଲାଙ୍ଗ ଷ୍ଟେସନ ବଜାର ଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ୨୦୧୪ ମସିହା ପୂର୍ବରୁ ପେଟ୍ରୋଲ ଲିଟର ୬୦ରୁ ୬୫ ଟଙ୍କା, ଡିଜେଲ ଲିଟର ୫୦ରୁ ୫୫ ଟଙ୍କା ଥିବା ବେଳେ ୨୦୧୫ରେ ସରକାର ପରିବର୍ତ୍ତନ ହେବା ପରେ ୧୨ବର୍ଷର ଶାସନ କାଳରେ ପେଟ୍ରୋଲ ଦାମ୍ ଏବେ ୧୦୦ ଟଙ୍କାରୁ ଉର୍ଦ୍ଧ,ଡିଜେଲ ଲିଟର ୯୭ ଟଙ୍କାରୁ ଅଧିକ ହୋଇଛି। ସେହିପର ରନ୍ଧନ ଗ୍ୟାସ ମୂଲ୍ୟ ମଧ ଅହେତୁକ ମୂଲ୍ୟ ବୃଦ୍ଧି ଜନସାଧାରଣଙ୍କ ମୁଣ୍ଡବିନ୍ଧାର କାରଣ ପାଲଟିଛି। ଏଭଳି ଲାଗାମଛଡ଼ା ଦର୍ ବୃଦ୍ଧି ଘରୋଇ କମ୍ପାନୀଙ୍କୁ ପେଟ୍ରୋଲିୟମ ବିଭାଗକୁ ହସ୍ତାନ୍ତରିତ କରିବା ଫଳରେ ହେଉଥିବା ନେଇ ଏସୟୁସିଆଇ ଆରୋପ କରିଛି। ଏଭଳି ଭାବେ ଇନ୍ଧନର ଦରବୃଦ୍ଧି ଯୋଗୁଁ ବସ୍ ଭଡ଼ା,ଟ୍ରେନ ଭଡ଼ା ଓ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷପତ୍ରର ଦରଦାମ୍ ମଧ ବୃଦ୍ଧି ପାଉଛି। ସାଧାରଣ ଲୋକ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ପରିସ୍ଥିତିରେ ଲଗାତାର ଆନ୍ଦୋଳନ ଗଢ଼ି ତୋଳିବା ପାଇଁ ଏସୟୁସିଆଇ(କମ୍ୟୁନିଷ୍ଟ) ପାର୍ଟି ପକ୍ଷରୁ ଜିଲ୍ଲା କମିଟି ସଭ୍ୟ କମ୍ରେଡ ବଟକୃଷ୍ଣ ସ୍ୱାଇଁ, ଦୀନବନ୍ଧୁ ପରିଡ଼ା, ପଦ୍ମଚରଣ ଜେନା, ତ୍ରିନାଥ ପ୍ରଧାନ ପ୍ରମୁଖ ଆହ୍ୱାନ ଦେଇଥିବାବେଳେ ବର୍ଦ୍ଧିତ ତେଲଦର୍ ପ୍ରତ୍ୟାହାର ପାଇଁ ଦାବି କରାଯାଇଛି।




# ଧାନ ଉଠାଣ ଓ ସହାୟକ ମୂଲ୍ୟ ଦାବିରେ ଚାଷୀଙ୍କ ଆନ୍ଦୋଳନ

**ପୁରୀ,୩୦।୫/ଏନ୍‌ଏନ୍‌ଏସ୍:** ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ ସହ ମଣ୍ଡିରୁ ତୁରନ୍ତ ଧାନ ଉଠାଇବା ଦାବିରେ ପୁରୀ ସଦର ବ୍ଲକ ଅନ୍ତର୍ଗତ ହନ୍ତୁକ ଗ୍ରାମର ଚାଷୀମାନଙ୍କ ଆନ୍ଦୋଳନ ତୀବ୍ର ରୂପ ନେଇଛି। ଦୀର୍ଘ ସାତ ଦିନ ଧରି ସ୍ଥାନୀୟ ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିବା ସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି ସ୍ୱଷ୍ଟ ପଦକ୍ଷେପ ଗ୍ରହଣ ନ କରାଯାଇଥିବାରୁ ଚାଷୀମାନେ ଶୁକ୍ରବାର ଆମରଣ ଅନଶନରେ ବସିଛନ୍ତି।ଚାଷୀ ନେତା ଦେବଦତ୍ତ ପ୍ରଧାନ, ରବିନାରାୟଣ ଜେନା ଓ ହନ୍ତୁକ ସରପଞ୍ଚ କନକଲତା ପତିଙ୍କ ନେତୃତ୍ୱରେ ଆନ୍ଦୋଳନ ଚାଲିଥିବା ବେଳେ, ଶତାଧିକ ଚାଷୀ ଏଥିରେ ସାମିଲ ହୋଇଛନ୍ତି। ଚାଷୀମାନଙ୍କ ଅଭିଯୋଗ ଅନୁଯାୟୀ, ମଣ୍ଡିରେ ଦୀର୍ଘ ଦିନ ଧରି ଧାନ ପଡି ରହିଥିବାରୁ ସେମାନେ ଆର୍ଥିକ କ୍ଷତିର ସମ୍ମୁଖୀନ ହେଉଛନ୍ତି। ବର୍ଷା ଆଶଙ୍କା ଥିବାରୁ ଧାନ ନଷ୍ଟ ହେବାର ଭୟ ମଧ ବଢି ଚାଲିଛି। ଚାଷୀମାନେ ସରକାରଙ୍କ ଘୋଷିତ ସର୍ବନିମ୍ନ ସହାୟକ ମୂଲ୍ୟରେ ଧାନ କ୍ରୟ କରିବା ସହ ତୁରନ୍ତ ଉଠାଣ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି। ଦାବି ପୂରଣ ନ ହେଲେ ଆନ୍ଦୋଳନ ଆହୁରି ଜୋରଦାର ହେବ ବୋଲି ଚାଷୀ ନେତାମାନେ ସତର୍କ କରିଛନ୍ତି। ଅନ୍ୟପଟେ, ଚାଷୀଙ୍କ ଆମରଣ ଅନଶନକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚିନ୍ତା ବଢିଥିବା ବେଳେ ପ୍ରଶାସନ ପକ୍ଷରୁ ଆଲୋଚନା ମାଧ୍ୟମରେ ସମାଧାନ ଉଦ୍ୟମ ଚାଲିଥିବା ସୂଚନା ମିଳିଛି।

**AFFIDAVIT**

By virtue of an affidavit made before The Executive Magistrate Bhadrak, I JHARANARANI SAHOO @ JHARANA SAHOO, W/o- Pradeep Kumar Rout, Vill: Dinari P.O- Anandabazar, P.S.- Bhadrak Rural, Dist- Bhadrak declare that my calling name is JHARANA SAHOO, but I changed my name from JHARANA SAHOO to JHARANARANI SAHOO by this affidavit. I the deponent further declare that JHARANA SAHOO and JHARANARANI SAHOO is one and same person. By this affidavit made on dt.20.05.2026 I will be known as JHARANARANI SAHOO in all purpose.

Sd/- Jharana Sahoo @ Jharanarani Sahoo

# ଯୁକ୍ତଦୁଇ କୃତୀ ଛାତ୍ରୀ ତଞ୍ଜିଲା ମିର୍ଜାଙ୍କୁ ସମ୍ବର୍ଦ୍ଧନା

**ବୟାଳିଶମୌଜା,୩୦।୫/ଏନ୍‌ଏନ୍‌ଏସ୍:** ଶିକ୍ଷା ହିଁ ଦେଶକୁ ବିକାଶ ପଥରେ ଆଗେଇ ନେବାରେ ସହାୟକ ହୋଇଥାଏ। ଏହି ଉଦ୍ଦେଶ୍ୟକୁ ଆଉ ଏକପାଦ ଆଗକୁ ନେବାର ପ୍ରୟାସ ସ୍ୱରୂପ, ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ, ଦୟାନିଧି ପ୍ରତିଭା ବିକାଶ ପ୍ରତିଷ୍ଠାନ, ପ୍ରତିଭାବାନ ଛାତ୍ର ଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧିତ କରି, ଦେଶ ଗଠନରେ ସହାୟକ ହେବାପାଇଁ ପ୍ରେରଣା ଦେଇ ଆସୁଅଛି। ଏହିଭଳି ଏକ ଭବ୍ୟ ସମ୍ବର୍ଦ୍ଧନା ଉତ୍ସବ, ରାଉତରାପୁର ଠାରେ, ଦୟାନିଧି ପ୍ରତିଭା ବିକାଶ ପ୍ରତିଷ୍ଠାନର ସମ୍ପାଦକ ନାରାୟଣ ଚନ୍ଦ୍ର ମହାନ୍ତିଙ୍କ ଉଦ୍ୟମରେ ଓ ରାଉତରାପୁର ଗ୍ରାମ୍ୟ କମିଟି ସୌଜନ୍ୟରେ, ଅବଦୁଲ ହାସିବଙ୍କ କନ୍ୟା ତଞ୍ଜିଲା ମିର୍ଜାଙ୍କୁ ସମ୍ବର୍ଦ୍ଧିତ କରିବାପାଇଁ ଅନୁଷ୍ଠିତ ହୋଇଥିଲା। ତଞ୍ଜିଲା ମିର୍ଜା ଚଳିତବର୍ଷ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ +୨ ବିଜ୍ଞାନ ପରୀକ୍ଷାରେ ୯୦%ରୁ ଉର୍ଦ୍ଧ୍ୱ ନମ୍ବର ହାସଲ କରି, ରେଭେନ୍ସା ଉଚ୍ଚ ମାଧ୍ୟମିକ ସ୍କୁଲରୁ କୃତିତ୍ୱର ସହିତ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏ ଖବର ଜାଣିବା ପରେ, ଦୟାନିଧି ପ୍ରତିଭା ବିକାଶ ପ୍ରତିଷ୍ଠାନର ସମ୍ପାଦକ ନାରାୟଣ ଚନ୍ଦ୍ର ମହାନ୍ତି ଓ ଅନ୍ୟ ବରିଷ୍ଠ ସଦସ୍ୟ ମାନେ ତାଙ୍କ ରାଉତରାପୁରସ୍ଥ ବାସଭବନରେ ପହଞ୍ଚି, ତଞ୍ଜିଲାଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଏହି ଉପଲକ୍ଷେ ଯୁବ ସମାଜସେବୀ ମିର୍ଜା ସରାଫତ ବେଗଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ, ରାଉତରାପୁର ଗ୍ରାମ୍ୟ କମିଟିର ମୁଖ୍ୟ, ପ୍ରଫେସର ଖଲିକୁଜ ଜମାନ ଖାଁନ, ପ୍ରାଧ୍ୟାପକ ସେକ କଲିମୁଲ୍ଲା, ଅଧ୍ୟାପକ ବାସୁଦେବ ସ୍ୱାଇଁ, ଫୟାଜୁଲ ହକ, ସାମ୍ବାଦିକ ଅନୀଲ କୁମାର ଦାସ, ସାବିର ମହମ୍ମଦ, ଅବଦୁଲ ରହିମ ଖାଁ, ରିଆଜଉଦ୍ଦିନ ଅହେମଦ, ଉପେନ୍ଦ୍ର ବାରିକ, ମିର୍ଜା ଇର୍ଶାଦ ବେଗ, ସମ୍ମାନିତ ଅତିଥି ଭାବରେ ଯୋଗଦାନ କରି, ତଞ୍ଜିଲାଙ୍କ ଉଜ୍ଜ୍ୱଳମୟ ଭବିଷ୍ୟତ କାମନା କରିବାସହିତ, ନିଜକୁ ଦେଶର ଜଣେ ଉତ୍ତମ ନାଗରିକ ଭାବରେ ଗଢ଼ିତୋଳିବାକୁ ଉପଦେଶ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ, ତଞ୍ଜିଲାଙ୍କ ମାତାପିତା, ପରିବାରର ସଦସ୍ୟମାନେ, ପଡୋଶୀ ଓ ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ସମେତ ଶୁଭାକାଂକ୍ଷୀ ମାନେ ଉପସ୍ଥିତ ରହି, ଦୟାନିଧି ପ୍ରତିଭା ବିକାଶ ପ୍ରତିଷ୍ଠାନର ଜନହିତେଇସୀ କାର୍ଯ୍ୟର ଭୂୟସୀ ପ୍ରଶଂସା କରିଥିଲେ।



**ପୂର୍ବ ତଟ ରେଳପଥ**

ଫାଇଲ ସଂ. DRM/Engg/KUR/26-27/E-Tender/23, ତା.26.05.2026ରିଖ

ଟେଣ୍ଡର ସଂ. etender-NorthKUR-78-2026, ତା.21.05.2026ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ / କେନ୍ଦୁଝରଗଡ଼ ପରିସୀମା ଅଧୀନସ୍ଥ ବିଭିନ୍ନ ଷ୍ଟେସନଗୁଡ଼ିକରେ ଦିବ୍ୟାଙ୍ଗଜନ ଏବଂ କମ୍ ଗତିଶୀଳତା ବିଶିଷ୍ଟ ଯାତ୍ରୀମାନଙ୍କ ନିମନ୍ତେ ସୁବିଧାଗୁଡ଼ିକର ବ୍ୟବସ୍ଥା।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 148.70 ଲକ୍ଷ, EMD : ₹ 2,97,400/-, ସମ୍ପୂର୍ଣ୍ଣ ହେବା ଅବଧି : 06 (ଛଅ) ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.12.06.2026ରିଖ 1500 ଘଣ୍ଟାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ତାରବାର୍ତ୍ତା/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବାସ୍ତବିକ ରୂପେ ପଠାଯାଉଥିବା କୌଣସି ପ୍ରକାର ମନ୍ତବ୍ୟର ଉପରେ ଗୁରୁତ୍ୱ ଦିଆଯିବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମନ୍ତବ୍ୟ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିନ୍ୟସ୍ତ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନୋଟିସ୍ ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଛି।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ କରି କରାଯାଉଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି। ଟେଣ୍ଡରଦାତା ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଞ୍ଜିନିୟରିଂ), ଖୋର୍ଦ୍ଧା ରୋଡ୍

PR-200/R/26-27

# ସହକାରୀ ସୂଚନା ଅଧିକାରୀଙ୍କୁ ଅବସର ସମ୍ବର୍ଦ୍ଧନା

**ପୁରୀ,୩୦।୫/ଏନ୍‌ଏନ୍‌ଏସ୍:** ସୂଚନା ଓ ଲୋକସମ୍ପର୍କ ବିଭାଗରେ କାର୍ଯ୍ୟରତ ସହକାରୀ ସୂଚନା ଅଧିକାରୀ ବା ଏଆଇଓ ରାଜେନ୍ଦ୍ର କୁମାର ପାତ୍ର ସରକାରୀ କାର୍ଯ୍ୟରୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ପୁରୀ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଶ୍ରୀ ପାତ୍ରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସୂଚନା ଓ ଲୋକସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଶ୍ରୀ ପାତ୍ରଙ୍କୁ ସମ୍ବର୍ଦ୍ଧିତ କରିବା ସହ ଶ୍ରୀ ପାତ୍ର ବିଭାଗ ପାଇଁ ଅନେକ କାର୍ଯ୍ୟ କରିଛନ୍ତି ବୋଲି କହିଥିଲେ। ଏହି ସମ୍ବର୍ଦ୍ଧନା ଉତ୍ସବରେ ଉପଖଣ୍ଡ ସୂଚନା ଅଧିକାରୀ ପ୍ରଦୀପ୍ତ ସେନାପତି, ଗ୍ରନ୍ଥାଗାରିକ ମିନତୀ ଦାସ, ନିକ୍ଷେପକ ପ୍ରସନ୍ନ ସାହୁ, ଭଣ୍ଡାର ରକ୍ଷକ ରବୀନ୍ଦ୍ର ଦାସ, ବରିଷ୍ଠ ରାଜସ୍ୱ ସହାୟକ ଜିତେନ୍ଦ୍ର ସ୍ୱାଇଁ, କର୍ମଚାରୀ ସୁବ୍ରତ ସାହୁ, ତ୍ରିନାଥ ପାତ୍ର, ପ୍ରତିମା ମହାନ୍ତି, ଲକ୍ଷ୍ମୀଧର ନାୟକ, ଅବସରପ୍ରାପ୍ତ କର୍ମଚାରୀ ପ୍ରଦୀପ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।



GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER,
DEOGARH IRRIGATION DIVISION, DEOGARH
E-mail id-sedid821@gmail.com

32001/309/2627

e-Procurement Notice No. SEDID-01 /2026-27
Bid Identification No. SEDID-01(01)/2026-27 to SEDID-01(16)/2026-27

No.561 Date - 27.05.2026

Bid documents consisting of work, estimated amount put to tender, cost of tender paper, EMD, time of completion, class of contractor, the set of terms & conditions of contract and other necessary documents can be seen in e-procurement portal https://tendersodisha.gov.in complete online process only.

| | | | |
|---|---|---|---|
| 1. | Nature of Works | : | Canal Works |
| 2. | Nos. of works | : | 16(Sixteen) |
| 3. | Bid Identification No. | : | SEDID-01(01)/2026-27 to SEDID-01(16)/2026-27 |
| 4. | Estimated Cost | : | 5.05 Lakhs to 11.92 Lakhs |
| 5. | Earnest Money Deposit | : | Referred to DTCN |
| 6. | Cost of Tender Paper | : | Referred to DTCN |
| 7. | Period of Completion | : | Referred to DTCN |
| 8. | Date and Time of availability of Bid Document in the Portal | : | Dt: 06.06.2026 at 11.00 AM to Dt: 17.06.2026 up to 05.00 PM. |
| 9. | Last Date / Time for receipt of Bids in the Portal | : | Dt: 17.06.2026 up to 05.00 PM. |
| 10. | Date of Bid opening | : | Dt: 18.06.2026 at 11.00 AM. |
| 11. | Clarification seeking date | : | Dt: 06.06.2026 at 11.00 AM to Dt: 17.06.2026 up to 05.00 PM. |
| 12. | Date of Lottery (if required) | : | Will be intimated later on. |

Further details can be seen from the e-procurement portal https://tendersodisha.gov.in.Any addendum/ corrigendum/ cancellation of tender can also be seen in said website.

Sd/-Superintending Engineer
Deogarh Irrigation Division, Deogarh

OIPR-32001/32505/1/26-27/0001

# ରାସୋଳରେ ରଜ ଉତ୍ସବ ପ୍ରସ୍ତୁତି

**ବୋଲଗଡ଼,୩୦।୫/ଏନ୍‌ଏନ୍‌ଏସ୍:** ବୋଲଗଡ ବ୍ଲକ ଅନ୍ତର୍ଗତ ସାନପଦର ପଞ୍ଚାୟତ ରାସୋଳ ଗ୍ରାମ ରଜ ଉତ୍ସବ ପାଇଁ ଯୁବ ଗୋଷ୍ଠୀଙ୍କ ପକ୍ଷରୁ ଚଳଚଞ୍ଚଳ ହୋଇ ଉଠିଛି। ଏଠାରେ ଆସନ୍ତା ଜୁନ୍‌ମାସ ୧୪ତାରିଖରୁ ରଜ ଉତ୍ସବ ଅନୁଷ୍ଠିତ ହେବ। ତେବେ ଦୀର୍ଘ ୩ଦିନ ବ୍ୟାପି ରାସୋଳ ଗ୍ରାମରେ ସାଂସ୍କୃତିକ କାର୍ଯ୍ୟକ୍ରମ ପୂର୍ବସୂଚୀ ମତେ ଚାଲିବ।ଏହି ପରିପ୍ରେକ୍ଷୀରେ ଚଳିତ ବର୍ଷ ରଜ ସଂକ୍ରାନ୍ତି ସନ୍ଧ୍ୟାରେ ରାସୋଳ ଗ୍ରାମ ମା' ମଙ୍ଗଳା ନାଟ୍ୟ ସଂସଦ ଯୁବକ ମାନଙ୍କ ଦ୍ୱାରା ଯାତ୍ରା ପରିବେଷଣ କରାଯିବ।ଏଥି ପାଇଁ ଗ୍ରାମର ଇଷ୍ଟଦେବୀ ମା' କୁଣ୍ଡାଖାଇ ଠାକୁରାଣୀଙ୍କ ନିକଟରେ 'କଥା ରହିଗଲା କାଳ କାଳକୁ' ସାମାଜିକ ନାଟକ ବହି ପୂଜନ କରାଯାଇ ଯାତ୍ରାର ଶୁଭାରମ୍ଭ କରାଯାଇଥିଲା। ଯାତ୍ରା ବହିର ଶୁଭ ଅବସରରେ ପ୍ରଥମ, ଦ୍ୱିତୀୟ, ତୃତୀୟ ଓ ପଞ୍ଚମ ଦୃଶ୍ୟ ପାଇଁ ଯୁବକମାନେ ଅଭ୍ୟାସ ମାଧ୍ୟମରେ ପ୍ରସ୍ତୁତି ପର୍ବ କରାଯାଇଥିଲା। ଏହି ସାମାଜିକ ନାଟକକୁ ପବିତ୍ର କୁମାର ବେହେରା ଓ ଅଖିଳ ବାରିକ ନିର୍ଦ୍ଦେଶନା ଦେଉଛନ୍ତି। ନାଟକରେ ଅରବିନ୍ଦ, ସତ୍ୟ, ବିକାଶ, ବସନ୍ତ, ତପନ, ଅଜିତ, ଅମିତ, ଚତୁରା, ଭୋଳା, ଶିଶିରଙ୍କ ସମେତ ୨୦ରୁ ଉର୍ଦ୍ଧ୍ୱ କଳାକାର ଅଂଶଗ୍ରହଣ କରୁଥିବା ସୂଚନାରୁ ଜଣାପଡିଛି।



**ALFA TRANSFORMERS LIMITED**
Regd.Office : 3337, Mancheswar Industrial Estate, Bhubaneswar - 751010
CIN : L311020R1982PLC001151 E-mail : info@alfa.in Website : www.alfa.in

EXTRACT OF AUDITED FINANCIAL RESULTS FOR THE QUARTER AND YEAR ENDED 31st MARCH, 2026

(₹ in lakhs)

| SL. NO | PATICULARS | Quarter Ended | | | Year Ended | |
|---|---|---|---|---|---|---|
| | | 31st March, 2026 | 31st December, 2025 | 31st March, 2025 | 31st March, 2026 | 31st March, 2025 |
| | | (Audited) | (Unaudited) | (Audited) | (Audited) | (Audited) |
| 1 | Total Income from Operations | 1023.02 | 2251.21 | 1282.15 | 3274.23 | 5078.41 |
| 2 | Net Profit/ (Loss) from ordinary activities before tax | (156.38) | (16.75) | 27.64 | (173.13) | 194.65 |
| 3 | Net Profit/ (Loss) for the period after tax (after Extraordinary items) | (104.85) | (54.29) | (11.54) | (159.14) | 100.88 |
| 4 | Tota comprehensive income for the period (comprising profit/loss) for the period (after tax) and other comprehensive income (after tax) | (105.76) | (54.29) | (11.12) | (160.04) | 101.29 |
| 5 | Paid up Equity Share Capital (face value of Rs. 10/- each) | 915.06 | 915.06 | 915.06 | 915.06 | 915.06 |
| 6 | Reserves (excluding revaluation reserve) as per balance sheet of pervious accounting year | NA | NA | NA | NA | NA |
| 7 | Earnings per Share (after extraordinary items) (of Rs 10/- each) (Not Annualised) | -1.16 | -0.59 | -0.12 | -1.75 | 1.11 |

Note :
a) The above audited results for the quarter and year ended 31st March, 2026 have been reviewed by the Audit Committee and approved by the the Board of Directors at their meeting held on May 30,2026.
b) The above is an extract of the detailed format of the Quarter and Year ended March 31,2026 Financial Results filed with Stock Exchange under Regulation 33 of SEBI (Listing and other Disclosure Requirements) Regulations, 2015. The full format of the Quarterly and Yearly Financial Results are available on the Stock Exchange website (www.bseindia.com) and on the Company's website (www.alfa.in).
c) Previous period's figures have been reclassified/regrouped/restated, wherever considered necessary to confirm to the figures represented in the current period.

Place : Bhubaneswar.
Date : May 30,2026

For, ALFA TRANSFORMERS LIMITED
[DILLIP KUMAR DAS]
MANAGING DIRECTOR

# ପୂର୍ବତଟ ରେଳପଥର ମହାପ୍ରବନ୍ଧକଙ୍କ ଖୋର୍ଦ୍ଧା ରୋଡ୍ ରେଳଷ୍ଟେସନ ନିରୀକ୍ଷଣ



**ଭୁବନେଶ୍ୱର,୩୦।୫/ଏନ୍ଏନ୍ଏସ୍:** ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଆଜି ଖୋର୍ଦ୍ଧା ରୋଡ୍ ରେଳଷ୍ଟେସନର ଏକ ବ୍ୟାପକ ନିରୀକ୍ଷଣ କରିଛନ୍ତି। ଯାତ୍ରୀମାନଙ୍କ ସୁବିଧା ସୁଯୋଗ, ସୁରକ୍ଷା ବ୍ୟବସ୍ଥା, ଷ୍ଟେସନର ବିଭିନ୍ନ ସୁବିଧା, ସ୍ୱଚ୍ଛତା ଏବଂ କ୍ୟାଟେରିଂ (ଖାଦ୍ୟପେୟ) ସେବାର ସମୀକ୍ଷା ଉପରେ ଏହି ପରିଦର୍ଶନରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା।

ଏହି ପରିଦର୍ଶନ ସମୟରେ ଶ୍ରୀ ଫୁଙ୍କୱାଲ ଷ୍ଟେସନର ବିଭିନ୍ନ ଅଞ୍ଚଳ ଯଥା- ବୁକିଂ ଅଫିସ୍, ଯାତ୍ରୀ ପ୍ରତୀକ୍ଷାଳୟ, ସର୍କୁଲେଟିଂ ଏରିଆ ବା ଚଳପ୍ରଚଳ ଏରିଆ (ଷ୍ଟେସନ ସମ୍ମୁଖ ଭାଗ), ଫୁଟ୍ ଓଭରବ୍ରିଜ୍, ପ୍ଲାଟଫର୍ମ ଏବଂ କ୍ୟାଟେରିଂ ୟୁନିଟ୍‌ଗୁଡ଼ିକ ବୁଲି ଦେଖିଥିଲେ। ସେ ସେଠାରେ ଅଧିକାରୀମାନଙ୍କ ସହ ଆଲୋଚନା କରିବା ସହ ଷ୍ଟେସନରେ ଯାତ୍ରୀମାନଙ୍କୁ ଯୋଗାଇ ଦିଆଯାଉଥିବା ସେବାର ଗୁଣବତ୍ତା ସମୀକ୍ଷା କରିଥିଲେ। ମହାପ୍ରବନ୍ଧକ ସୁରକ୍ଷା, ଭିଡ଼ ନିୟନ୍ତ୍ରଣ, ସ୍ୱଚ୍ଛତା ଏବଂ ଷ୍ଟେସନ ପରିସରର ରକ୍ଷଣାବେକ୍ଷଣ ସମ୍ପର୍କିତ ବ୍ୟବସ୍ଥାଗୁଡ଼ିକର ସମୀକ୍ଷା କରିଥିଲେ। ଏହାସହ ସେ ଯାତ୍ରୀ ଓ କ୍ୟାଟେରିଂ ଷ୍ଟଲର କର୍ମଚାରୀମାନଙ୍କ ସହ ମଧ୍ୟ କଥା ହୋଇଥିଲେ ଏବଂ ଷ୍ଟେସନରେ ପ୍ରଦାନ କରାଯାଉଥିବା ସେବାର ମାନ ପରଖିଥିଲେ। ସ୍ୱଚ୍ଛତା, ଯାତ୍ରୀ ସୁବିଧା ଏବଂ ଗ୍ରାହକ ସନ୍ତୋଷର ଉଚ୍ଚ ମାନ ବଜାୟ ରଖିବା ଉପରେ ସେ ଗୁରୁତ୍ୱ ଆରୋପ କରିବା ସହ ଯାତ୍ରୀମାନଙ୍କ ସମସ୍ୟାର ତୁରନ୍ତ ସମାଧାନ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସୁରକ୍ଷିତ, ଦକ୍ଷ ଏବଂ ଆରାମଦାୟକ ରେଳ ସେବା ସୁନିଶ୍ଚିତ କରିବା ପାଇଁ ସୁରକ୍ଷା ବ୍ୟବସ୍ଥା ଏବଂ ଯାତ୍ରୀ ସୁବିଧାଗୁଡ଼ିକର ନିରନ୍ତର ଅନୁଧ୍ୟାନର ଆବଶ୍ୟକତା ଉପରେ ମହାପ୍ରବନ୍ଧକ ଜୋର ଦେଇଥିଲେ। ଯାତ୍ରୀ-କୈନ୍ଦ୍ରିକ ବିକାଶ ଏବଂ ସେବା କ୍ଷେତ୍ରରେ ଶ୍ରେଷ୍ଠତା ଉପରେ ବିଶେଷ ଧ୍ୟାନ ଦେବାକୁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ପରିଦର୍ଶନ ସମୟରେ ଖୋର୍ଦ୍ଧା ରୋଡ୍ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ (ଡିଆର୍ଏମ୍) ଡି. ସୁନୀଲ ମହାପ୍ରବନ୍ଧକଙ୍କ ସହ ଉପସ୍ଥିତ ଥିଲେ ଏବଂ ବିଭିନ୍ନ ବିକାଶମୂଳକ ଓ ଉନ୍ନତ ପରିଚାଳନା ପାଇଁ ନିଆଯାଉଥିବା ପଦକ୍ଷେପଗୁଡ଼ିକର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ।

# ସୂଚନା ଓ ଲୋକସମ୍ପର୍କ ବିଭାଗର ଫିଲ୍ମ ଲାଇବ୍ରେରିଆନ୍‌ଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଭୁବନେଶ୍ୱର,୩୦।୫/ଏନ୍ଏନ୍ଏସ୍:** ସୂଚନା ଓ ଲୋକସମ୍ପର୍କ ବିଭାଗର ଫିଲ୍ମ ଲାଇବ୍ରେରିଆନ୍ ସୁଶାନ୍ତ କୁମାର ପାଢ଼ୀଙ୍କୁ ଆଜି ବିଭାଗ ପକ୍ଷରୁ ଏକ ଭାବପୂର୍ଣ୍ଣ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବିଭାଗୀୟ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ଶ୍ରୀ ପାଢ଼ୀଙ୍କ ଦୀର୍ଘ ୩୫ ବର୍ଷରୁ ଅଧିକ ସମୟର ସେବାଜୀବନ ଏବଂ ବିଭାଗ ପ୍ରତି ତାଙ୍କର ଉଲ୍ଲେଖନୀୟ ଅବଦାନକୁ ସ୍ମରଣ କରି ନିର୍ଦ୍ଦେଶକ କହିଥିଲେ ଯେ, ୧୯୯୦ ମସିହାରେ ସରକାରୀ ସେବାରେ ଯୋଗଦାନ କରିଥିବା ଶ୍ରୀ ପାଢ଼ୀ ନିଜର ଅସାଧାରଣ କର୍ମନିଷ୍ଠା, ଉଚ୍ଚ ଦାୟିତ୍ୱବୋଧ ଓ ସରଳ ବ୍ୟକ୍ତିତ୍ୱ ପାଇଁ ବିଭାଗର ସମସ୍ତଙ୍କ ନିକଟରେ ବେଶ୍ ପ୍ରିୟ ଥିଲେ। ଏଥିସହ ସେ ଶ୍ରୀ ପାଢ଼ୀଙ୍କ ସୁସ୍ଥ, ସୁଖମୟ ଓ ନିରାମୟ ଅବସରଜୀବନ କାମନା କରିଥିଲେ।

ଏହି ସଭାରେ ଯୋଗଦେଇ ଉପ ଶାସନ ସଚିବ ପ୍ରଣବ କୁମାର ଦାସ ଶ୍ରୀ ପାଢ଼ୀଙ୍କ ଦୀର୍ଘ ବର୍ଷର କାର୍ଯ୍ୟଦକ୍ଷତା ଓ ଅନୁଭବକୁ ପ୍ରଶଂସା କରିବା ସହ ବିଭାଗର ମୂଲ୍ୟବାନ ଫିଲ୍ମ ଓ ଅଡିଓ-ଭିଜୁଆଲ୍ ସମ୍ପଦର ସଂରକ୍ଷଣ କ୍ଷେତ୍ରରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ସମ୍ବର୍ଦ୍ଧନାର ପ୍ରତ୍ୟୁତ୍ତରରେ ଶ୍ରୀ ସୁଶାନ୍ତ କୁମାର ପାଢ଼ୀ ନିଜର ଦୀର୍ଘ ଚାକିରି ଜୀବନର ସ୍ମୃତି ଓ ଅନୁଭବ ବଖାଣିବା ସହ ବିଭାଗର ସମସ୍ତ ଅଧିକାରୀ ତଥା ସହକର୍ମୀମାନଙ୍କଠାରୁ ପାଇଥିବା ଅକୁଣ୍ଠ ସହଯୋଗ, ସମର୍ଥନ ଓ ସ୍ନେହ ପାଇଁ ଗଭୀର କୃତଜ୍ଞତା ପ୍ରକାଶ କରିଥିଲେ। ସଭା ଶେଷରେ ନିର୍ଦ୍ଦେଶକ ଶ୍ରୀ ଦାସ ପଟ୍ଟନାୟକ ଓ ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ବେହୁରିଆ ମିଳିତ ଭାବେ ଶ୍ରୀ ପାଢ଼ୀଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ଆନୁଷ୍ଠାନିକ ଭାବେ ସମ୍ମାନିତ କରିଥିଲେ। ଏହି ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ବିଭାଗର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନେ ବହୁ ସଂଖ୍ୟାରେ ଉପସ୍ଥିତ ରହି ଶ୍ରୀ ପାଢ଼ୀଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ବିଏମ୍‌ସି ପକ୍ଷରୁ ସ୍ୱତନ୍ତ୍ର ସଘନ ସଂଶୋଧନ ଆରମ୍ଭ



- ୩ ବିଧାନସଭା କ୍ଷେତ୍ର ପାଇଁ ଖୋଲିଲା ହେଲ୍ପ ଡେସ୍କ
- ୭୧୯ ବିଏଲ୍‌ଓଙ୍କ ଦ୍ୱାରା ଭୋଟର ତାଲିକା ଯାଞ୍ଚ ପ୍ରକ୍ରିୟା ଜୋରଦାର୍

**ଭୁବନେଶ୍ୱର,୩୦।୫/ଏନ୍ଏନ୍ଏସ୍:** ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଆଜିଠାରୁ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) ୨୦୨୬ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଭୋଟର ତାଲିକାକୁ ସଂଶୋଧିତ ଓ ତ୍ରୁଟିଶୂନ୍ୟ କରିବା ଲକ୍ଷ୍ୟରେ ଭୁବନେଶ୍ୱର ମହାନଗର ନିଗମ ଅଧୀନରେ ଥିବା ୧୧୨, ୧୧୩ ଓ ୧୧୪ ବିଧାନସଭା କ୍ଷେତ୍ର ପାଇଁ ତିନୋଟି ସ୍ୱତନ୍ତ୍ର ହେଲ୍ପ ଡେସ୍କ କାର୍ଯ୍ୟକ୍ଷମ ହୋଇଛି। ଏହି ହେଲ୍ପ ଡେସ୍କଗୁଡ଼ିକୁ ଆଜି ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ବିଏମ୍‌ସି କମିଶନର ଶ୍ରୀ ଚଞ୍ଚଳ ରାଣା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଏହି ଉପଲକ୍ଷେ ଆୟୋଜିତ ବିଶେଷ କାର୍ଯ୍ୟକ୍ରମରେ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ସମସ୍ତ ବରିଷ୍ଠ ଅଧିକାରୀ, ବୁଥ୍ ଲେଭଲ ଅଧିକାରୀ (ବିଏଲ୍‌ଓ) ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ।

ଭୋଟର ତାଲିକାର ସଠିକତା ସୁନିଶ୍ଚିତ କରିବା ସହ ସମସ୍ତ ଯୋଗ୍ୟ ଭୋଟରଙ୍କୁ ଏଥିରେ ଅନ୍ତର୍ଭୁକ୍ତ କରିବା ପାଇଁ ଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀ ରାଣା ସମସ୍ତ ନାଗରିକଙ୍କୁ ସକ୍ରିୟ ସହଯୋଗ କରିବାକୁ ଅନୁରୋଧ କରିଛନ୍ତି। କୌଣସି ଯୋଗ୍ୟ ଭୋଟର ଯେପରି ନିଜର ସାମ୍ବିଧାନିକ ଅଧିକାରରୁ ବାଦ୍ ନପଡ଼ନ୍ତି ଏବଂ କୌଣସି ଅଯୋଗ୍ୟ ବ୍ୟକ୍ତି ଯେପରି ତାଲିକାଭୁକ୍ତ ନହୁଅନ୍ତି, ସେଥିପ୍ରତି ଜନସାଧାରଣ ସଚେତନ ରହିବା ଆବଶ୍ୟକ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ଏହି ବୃହତ ଅଭିଯାନ ପାଇଁ ଆଜି ତିନୋଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ସମୁଦାୟ ୭୧୯ ଜଣ ବୁଥ୍ ଲେଭଲ ଅଧିକାରୀ (ବିଏଲ୍‌ଓ) ନିଜର କାର୍ଯ୍ୟ ଆରମ୍ଭ କରିଛନ୍ତି। ଏହି ପ୍ରକ୍ରିୟାରେ ଭୋଟର ପଞ୍ଜିକରଣ ଅଧିକାରୀ, ସହକାରୀ ଭୋଟର ପଞ୍ଜିକରଣ ଅଧିକାରୀ ଏବଂ ସୁପରଭାଇଜରମାନେ ମଧ୍ୟ ଭିନ୍ନ ଭିନ୍ନ ବିଧାନସଭା କ୍ଷେତ୍ରରେ କ୍ଷେତ୍ର ପରିଦର୍ଶନ ଆରମ୍ଭ କରିଛନ୍ତି। ବିଏମ୍‌ସି ଅଞ୍ଚଳର ବିଭିନ୍ନ ସାହି, ବସ୍ତି ଓ ଆବାସିକ ଅଞ୍ଚଳରେ ନିୟୋଜିତ ଅଧିକାରୀମାନେ ଘରକୁ ଘର ବୁଲି ଲୋକମାନଙ୍କୁ ଆବଶ୍ୟକୀୟ ଫର୍ମ ପ୍ରଦାନ କରିବା ସହ ସମ୍ପୂର୍ଣ୍ଣ ଭାବେ ପୂରଣ ହୋଇଥିବା ଫର୍ମ ଗ୍ରହଣ କରୁଛନ୍ତି। ଆଜିଠାରୁ ଆରମ୍ଭ ହୋଇଥିବା ଏହି ସଘନ ଭୋଟର ସଂଶୋଧନ ପ୍ରକ୍ରିୟା ଆସନ୍ତା ଜୁନ୍ ୨୮ ତାରିଖ ପର୍ଯ୍ୟନ୍ତ ନିରନ୍ତର ଜାରି ରହିବ। ଏହି ସମୟ ମଧ୍ୟରେ ସମଗ୍ର ସଂଶୋଧନ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସର୍ବସାଧାରଣ ନିଜ ନିଜ ଅଞ୍ଚଳର ଅଧିକାରୀମାନଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଭୁବନେଶ୍ୱର ମହାନଗର ନିଗମ କମିଶନର ପୁନର୍ବାର ଆହ୍ୱାନ ଦେଇଛନ୍ତି।

# ଓପିଏସ୍ ଅଧିକାରୀଙ୍କ ସ୍ତରରେ ଅଦଳବଦଳ: ବଦଳିଲେ ୫୮

**ଭୁବନେଶ୍ୱର,୩୦।୫/ଏନ୍ଏନ୍ଏସ୍:** ଓଡ଼ିଶା ପୁଲିସ୍ ସେବା ବା ଓପିଏସ୍ ସ୍ତରରେ ବଡ଼ଧରଣର ଅଦଳବଦଳ କରାଯାଇଛି। ବଦଳିଛନ୍ତି ୫୮ଜଣ ବରିଷ୍ଠ ଓପିଏସ୍ ଅଧିକାରୀ(ଏସ୍‌ବି)। ଏନେଇ ଶନିବାର ସନ୍ଧ୍ୟାରେ ଗୃହ ବିଭାଗ ପକ୍ଷରୁ ୩ଟି ବିଜ୍ଞପ୍ତି ପ୍ରକାଶ ପାଇଛି। ଅନୁଗୁଳ ପିଟିସିର ଅତିରିକ୍ତ ଏସ୍‌ପି ଭାବେ ଶୋଭା ପଟ୍ଟନାୟକଙ୍କୁ ଦାୟିତ୍ୱ ମିଳିଥିବା ବେଳେ ଆନନ୍ଦ କୁମାର ଡୁଙ୍ଗଡୁଙ୍ଗ, ମମତା ସାହୁ ଓ ବିଶ୍ୱପତି ପଣ୍ଡାଙ୍କୁ ରାଇରଙ୍ଗପୁରର ଅତିରିକ୍ତ ଏସ୍‌ପି, ଯୋଗେଶ୍ୱର ଓରାମ୍‌ଙ୍କୁ ସମ୍ବଲପୁର ଅତିରିକ୍ତ ଏସ୍‌ପି, ଜ୍ୟୋତ୍ସାମୟୀ ପ୍ରଧାନଙ୍କୁ କେନ୍ଦୁଝରର ଅତିରିକ୍ତ ଏସ୍‌ପି ଦାୟିତ୍ୱ ମିଳିଛି। ଦେବଜିତ ଭଟ୍ଟାଚାର୍ଯ୍ୟ ଓ ସୁଜିତ କୁମାର ପଣ୍ଡାଙ୍କୁ ଅତିରିକ୍ତ ଏସ୍‌ପି ଭାବେ ପୁଲିସ୍ ମୁଖ୍ୟାଳୟ(ଭୁବନେଶ୍ୱର ସିଏଡବ୍ଲୁ ଓ ସିଡବ୍ଲୁ ସଂଯୁକ୍ତ)ରେ ନିଯୁକ୍ତି ମିଳିଥିବା ବେଳେ ସୁଦର୍ଶନ ଦାଶଙ୍କୁ କମିସନରେଟ୍ ପୁଲିସ୍‌ରୁ ବଦଳି କରାଯାଇ କଟକ ଏଚ୍ଆରପିସିର ଅତିରିକ୍ତ ଏସ୍‌ପି, ଅଭିଷେକ ପାଣିଗ୍ରାହୀଙ୍କୁ ରାଜ୍ୟ ପୁଲିସ ମୁଖ୍ୟାଳୟର ଅତିରିକ୍ତ ଏସ୍‌ପି, ସୀମା ସ୍ୱାଇଁଙ୍କୁ ଅତିରିକ୍ତ ଏସ୍‌ପି ନବରଙ୍ଗପୁର, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗରେ ଓଏସ୍‌ଡି ଭାବେ କାର୍ଯ୍ୟରତ ଚନ୍ଦ୍ରଶେଖର ହୋତାଙ୍କୁ କନ୍ଧମାଳ ଅତିରିକ୍ତ ଏସ୍‌ପି ଭାବେ ନିଯୁକ୍ତି ମିଳିଛି। ଭଦ୍ରକର ଅତିରିକ୍ତ ଏସ୍‌ପି ଭାବେ ଗାୟତ୍ରୀ ପ୍ରଧାନଙ୍କୁ ଦାୟିତ୍ୱ ମିଳିଛି। ଗୀତାରାଣି ସେଠୀଙ୍କୁ ଲୋକାୟୁକ୍ତର ଅତିରିକ୍ତ ଏସ୍‌ପି, ଲିଲିମା ଲଳିତା ବାର୍ଲା ସୁବର୍ଣ୍ଣପୁର ଅତିରିକ୍ତ ଏସ୍‌ପି, ପ୍ରଭା ଧାନ୍ ଗଞ୍ଜାମର ଅତିରିକ୍ତ ଏସ୍‌ପି, ତାରାଜସ୍ମିନ୍ ଗୁରିଆ କଳାହାଣ୍ଡିର ଅତିରିକ୍ତ ଏସ୍‌ପି, ପ୍ରଦୀପ କୁମାର୍ ବାର୍ଲା ଓ ପ୍ରଶାନ୍ତ କୁମାର ମେହେର ଭୁବନେଶ୍ୱର ଏସ୍ଆଇଡବ୍ଲୁର ଅତିରିକ୍ତ ଏସ୍‌ପି, ଆଶିଷ କୁମାର ମିଶ୍ର, ପ୍ରଶାନ୍ତ କୁମାର ନନ୍ଦ, ଅଜୟ କୁମାର ବାରିକ, ପ୍ରଦୀପ୍ତା କୁମାରୀ ପାଣିଗ୍ରାହୀ, ସନତ କୁମାର ନାଥ ଶର୍ମା ଓ ସରିତା ଶତପଥୀ ଭୁବନେଶ୍ୱର ସ୍ପେସାଲ୍ ବ୍ରାଞ୍ଚର ଅତିରିକ୍ତ ଏସ୍‌ପି (ସଂଯୁକ୍ତ ଭୁବନେଶ୍ୱର ବିପିଏସ୍‌ପିଏ), ଦିଲୀପ କୁମାର ସାହୁ ଇଣ୍ଟେଲିଜେନ୍ସର ଅତିରିକ୍ତ ଏସ୍‌ପି, ଜ୍ୟୋତିରଂଜନ ସାମନ୍ତରାୟ ନୟାଗଡ଼ର ଅତିରିକ୍ତ ଏସ୍‌ପି , ତାଳଚେର ଆଇଜି ପୁଲିସ କାର୍ଯ୍ୟାଳୟର ଅତିରିକ୍ତ ଏସ୍‌ପି ଭାବେ ମାନସ କୁମାର ଦେଓ, ବାଲେଶ୍ୱରର ଅତିରିକ୍ତ ଏସ୍‌ପି ବାଲେଶ୍ୱରର ଅତିରିକ୍ତ ଏସ୍‌ପି ପ୍ରମୋଦ କୁମାର ମଲ୍ଲିକ ଓ ପରେଶ କୁମାର ରାଉତ, ଭିଜିଲାନ୍ସର ଅତିରିକ୍ତ ଏସ୍‌ପି ଭାବେ ସରୋଜ କାନ୍ତ ମହାନ୍ତ, ଅମିତା ତ୍ରିପାଠୀ, ଲକ୍ଷ୍ମୀଧର ସ୍ୱାଇଁ, ପ୍ରଣୀତା ପଟ୍ଟନାୟକ, ସୁଜାତା ଜେନା ଓ ସୋମନାଥ ଜେନା, ଡିଆଇବି କୋରାପୁଟର ଅତିରିକ୍ତ ଏସ୍‌ପି ରଶ୍ମିରଂଜନ ପଟ୍ଟନାୟକ, ଅତିରିକ୍ତ ଏସ୍‌ପି ଗୁଣୁପୁର ନିହାର ରଂଜନ ପ୍ରଧାନ, କେନ୍ଦୁଝର ଡିଆଇବିର ଅତିରିକ୍ତ ଏସ୍‌ପି ଶଙ୍କର୍ଷଣ ଦଳାଇ, ଗଜପତିର ଅତିରିକ୍ତ ଏସ୍‌ପି ବିରଞ୍ଚି ବାଗ୍, ପିଟିଆଇ ବେରାର ଅତିରିକ୍ତ ଏସ୍‌ପି ଭାବେ ଇମନ କଲ୍ୟାଣ ନାୟକ, ପୁରୀ ଏସ୍‌ଜେଟିଏର ଅତିରିକ୍ତ ଏସ୍‌ପି ରତିକାନ୍ତ ଗିରି, ଭୁବନେଶ୍ୱର ଏସ୍‌ପି ମୁଖ୍ୟାଳୟର ଅତିରିକ୍ତ ଏସ୍‌ପି ଭାବେ ବବିତା ତ୍ରିପାଠୀ (ସଂଯୁକ୍ତ ଭୁବନେଶ୍ୱର ଏସ୍‌ସିଆରବି), ସ୍ପେସାଲ୍ ବ୍ରାଞ୍ଚର ସୁରକ୍ଷା ବିଭାଗ ଅତିରିକ୍ତ ଏସ୍‌ପି ଭାବେ ସରୋଜ କୁମାର ପଟେଲ, ଅତିରିକ୍ତ ଏସ୍‌ପି ଭାବେ ରାଜ୍ୟ ପୁଲିସ ମୁଖ୍ୟାଳୟ (ଭୁବନେଶ୍ୱର ସିଏଡବ୍ଲୁ ଓ ସିଡବ୍ଲୁ ସଂଯୁକ୍ତ) ଭାବେ ପ୍ରତାପ କୁମାର ରଣା ଓ ସମୀର କୁମାର ପଣ୍ଡା, କମିସନରେଟ୍ ପୁଲିସର ଅତିରିକ୍ତ ଡିସିପି ଭାବେ ଯୁଗଳ କିଶୋର ମଲ୍ଲିକ ଓ ରମେଶ ଚନ୍ଦ୍ର ଦୋରା, ଜ୍ୟୋତିର୍ମୟ ଭୁକ୍ତା, ଅତିରିକ୍ତ ଏସ୍‌ପି ଏସ୍‌ଓଜି(ଏଇଟି, ଭୁବନେଶ୍ୱର ସିଏଡବ୍ଲୁ ଓ ସିଡବ୍ଲୁ ସଂଯୁକ୍ତ) ଭାବେ ମାନସୀ ପାତ୍ର, ବଣାଇ ଅତିରିକ୍ତ ଏସ୍‌ପି ଭାବେ ହୃଷୀକେଶ ନାୟକ, ରାୟଗଡ଼ା ଅତିରିକ୍ତ ଏସ୍‌ପି ଭାବେ ସତ୍ୟକୁମାର ନନ୍ଦଙ୍କୁ ବଦଳି କରାଯାଇଛି। ସେହିଭଳି ଭୁବନେଶ୍ୱର ସିଏଡବ୍ଲୁ ଓ ସିଡବ୍ଲୁରେ ଥିବା ପ୍ରତାପ ଚନ୍ଦ୍ର ତ୍ରିପାଠୀଙ୍କୁ କେନ୍ଦୁଝର ଘଟଗାଁର ଏସ୍‌ଡିପିଓ ଭାବେ ବଦଳି କରାଯାଇଛି। ସେହିଭଳି ବଦଳି ତାଲିକାରେ କାର୍ତ୍ତିକ ଚନ୍ଦ୍ର ମଲ୍ଲିକଙ୍କୁ ଅତିରିକ୍ତ ଏସ୍‌ପି ଭାବେ କୋରାପୁଟର ଡିଆଇଜି କାର୍ଯ୍ୟାଳୟର ଦକ୍ଷିଣ-ପଶ୍ଚିମ ରେଞ୍ଜରୁ ବ୍ରହ୍ମପୁର ଆଇଜି କାର୍ଯ୍ୟାଳୟକୁ ବଦଳି କରାଯାଇଛି। ହରେକୃଷ୍ଣ ମାଝୀ ଓ ସୁଶାନ୍ତ କୁମାର ସେନ୍‌ଙ୍କୁ ଅତିରିକ୍ତ ଏସ୍‌ପି ଭିଜିଲାନ୍ସରେ ଦାୟିତ୍ୱ ମିଳିଥିବା ବେଳେ ମନୋଜ କୁମାର ସାମନ୍ତଙ୍କୁ ଅତିରିକ୍ତ ଏସ୍‌ପି ଭାବେ କୋରାପୁଟର ଡିଆଇଜି କାର୍ଯ୍ୟାଳୟର ଦକ୍ଷିଣ-ପଶ୍ଚିମ ରେଞ୍ଜକୁ ସ୍ଥାନାନ୍ତର କରାଯାଇଛି।

## ଆଜି ସରିବ ଏବିଭିପି ରାଷ୍ଟ୍ରୀୟ କାର୍ଯ୍ୟକାରୀ ପରିଷଦ ବୈଠକ

# ଗବେଷଣା ଓ ବିକାଶ କ୍ଷେତ୍ରରେ ପୁଞ୍ଜି ବିନିଯୋଗ କରିବାକୁ ଆହ୍ୱାନ

**ଭୁବନେଶ୍ୱର,୩୦।୫/ଏନ୍ଏନ୍ଏସ୍:** ସ୍ଥାନୀୟ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ପରିସରରେ ଚାଲିଥିବା ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ରାଷ୍ଟ୍ରୀୟ କାର୍ଯ୍ୟକାରୀ ପରିଷଦ ବୈଠକର ରବିବାର ସମାପନ ହେବ। ଆଜି ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଶିକ୍ଷା, ବିଶ୍ୱ ପରିପ୍ରେକ୍ଷୀ, ଭାରତର ଗବେଷଣା ପରିବେଶ ବ୍ୟବସ୍ଥା ଏବଂ ରାଷ୍ଟ୍ରୀୟ ସୁରକ୍ଷା ପରି ଆଭିମୁଖ୍ୟ ଉପରେ ବିସ୍ତୃତ ଆଲୋଚନା ହୋଇଯାଇଛି। ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସଂଗଠନର କାର୍ଯ୍ୟକର୍ତ୍ତାମାନେ ଶିକ୍ଷା, ସହରୀ ନକ୍ସଲବାଦ, ମହିଳା ସୁରକ୍ଷା ଏବଂ ବିଶ୍ୱ ପରିପ୍ରେକ୍ଷୀ ସମ୍ବନ୍ଧୀୟ ପ୍ରସ୍ତାବଗୁଡ଼ିକ ଉପରେ ନିଜ ନିଜର ମତାମତ ଓ ପରାମର୍ଶ ପ୍ରଦାନ କରିଥିଲେ। ଏହି ବ୍ୟାପକ ସମୀକ୍ଷା ଓ ବିଚାର ବିମର୍ଶ ପରେ ଆସନ୍ତାକାଲି ଏହି ଚାରିଟି ଯାକ ପ୍ରସ୍ତାବ ସର୍ବସମ୍ମତିକ୍ରମେ ପାରିତ କରାଯିବ ବୋଲି ଜଣାପଡ଼ିଛି। ଚଳିତ ବୈଠକରେ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ଭାରତୀୟ ଉଦ୍ୟୋଗୀମାନଙ୍କୁ ଗବେଷଣା ଏବଂ ବିକାଶ କ୍ଷେତ୍ରରେ ନିଜର ଅବଦାନ ବଢ଼ାଇବାକୁ ଏକ ପ୍ରମୁଖ ଆହ୍ୱାନ ଦିଆଯାଇଛି, ଯାହା ଦ୍ୱାରା ବିକଶିତ ଭାରତର ଲକ୍ଷ୍ୟ ସାକାର ହୋଇପାରିବ।

ଏହି ସମ୍ପର୍କରେ ସୂଚନା ଦେଇ ଏବିଭିପିର ରାଷ୍ଟ୍ରୀୟ ମହାମନ୍ତ୍ରୀ ଡଃ ବୀରେନ୍ଦ୍ର ସିଂହ ସୋଲଙ୍କୀ କହିଛନ୍ତି ଯେ ଉଦ୍ୟୋଗୀ ଓ ଯୁବଶକ୍ତିଙ୍କ ସଠିକ୍ ସମନ୍ୱୟ ହିଁ ଭାରତକୁ ବିଶ୍ୱସ୍ତରୀୟ ନବୋନ୍ମେଷ କେନ୍ଦ୍ରରେ ପରିଣତ କରିପାରିବ। ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବାକୁ ହେଲେ ଦେଶର ଗବେଷଣା ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ଏକ ଶକ୍ତିଶାଳୀ ବାତାବରଣ ସୃଷ୍ଟି କରିବା ଅତ୍ୟନ୍ତ ଆବଶ୍ୟକ। ବର୍ତ୍ତମାନ ଭାରତ ଗବେଷଣା ଏବଂ ବିକାଶ ଉପରେ ନିଜ ମୋଟ ଘରୋଇ ଉତ୍ପାଦର ଏକ ପ୍ରତିଶତରୁ ମଧ୍ୟ କମ୍ ବ୍ୟୟ କରୁଛି, ଯେଉଁଥିରୁ ପ୍ରାୟ ୬୦ ପ୍ରତିଶତ ଅବଦାନ ଭାରତୀୟ ମହାକାଶ ଗବେଷଣା ସଂସ୍ଥା, ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ, ପ୍ରମୁଖ ଶିକ୍ଷାନୁଷ୍ଠାନ ଏବଂ ବିଶ୍ୱବିଦ୍ୟାଳୟ ଭଳି କେବଳ ସରକାରୀ ଅନୁଷ୍ଠାନମାନଙ୍କର ରହିଛି। ଭାରତରେ ବଢ଼ୁଥିବା ବିଶ୍ୱସ୍ତରୀୟ ପ୍ରଭାବ ସହ ଭାରତୀୟ ଉଦ୍ୟୋଗୀମାନଙ୍କ ପାଇଁ ବିଭିନ୍ନ କ୍ଷେତ୍ରରେ ସୁଯୋଗ ସୃଷ୍ଟି ହେଉଥିବା ବେଳେ, ଶିଳ୍ପ କ୍ଷେତ୍ର ଏବଂ ଶିକ୍ଷା ତଥା ଗବେଷଣା ଅନୁଷ୍ଠାନମାନଙ୍କ ମଧ୍ୟରେ ଏକ ଦୀର୍ଘକାଳୀନ ସହଭାଗିତା ସ୍ଥାପନର ଜରୁରୀ ଆବଶ୍ୟକତା ରହିଛି। ଗବେଷଣା, କୃତ୍ରିମ ବୁଦ୍ଧିମତ୍ତା, କ୍ୱାଣ୍ଟମ ପ୍ରଯୁକ୍ତି, ସାଇବର ସୁରକ୍ଷା, ଜୈବ ପ୍ରଯୁକ୍ତିବିଦ୍ୟା, ସ୍ୱଚ୍ଛ ଶକ୍ତି ଏବଂ ଅନ୍ୟାନ୍ୟ ଆଧୁନିକ କ୍ଷେତ୍ରରେ ଅଧିକ ପୁଞ୍ଜି ବିନିଯୋଗ ଭାରତର ନବୋନ୍ମେଷ କ୍ଷମତାକୁ ସୁଦୃଢ଼ କରିବା ସହିତ ରାଷ୍ଟ୍ରୀୟ ଗବେଷଣା ବ୍ୟୟକୁ ମଧ୍ୟ ବୃଦ୍ଧି କରିବ। ଏବିଭିପି ସର୍ବଦା ମନେ କରିଆସିଛି ଯେ ଶିକ୍ଷା କେବଳ ଡିଗ୍ରୀ କିମ୍ବା ନିଯୁକ୍ତି ପ୍ରାପ୍ତିର ମାଧ୍ୟମ ନୁହେଁ, ବରଂ ଏହା ରାଷ୍ଟ୍ର ନିର୍ମାଣ ଓ ଜ୍ଞାନ ସୃଷ୍ଟିର ପ୍ରକୃତ ମୂଳ ଆଧାର। ଶିଳ୍ପ କ୍ଷେତ୍ରର ସମ୍ପଦ ଏବଂ ଶିକ୍ଷାନୁଷ୍ଠାନମାନଙ୍କର କ୍ଷମତା ମଧ୍ୟରେ ଏହି ଅର୍ଥପୂର୍ଣ୍ଣ ସମନ୍ୱୟ ଆତ୍ମନିର୍ଭର ଭାରତର ସଂକଳ୍ପକୁ ନୂତନ ଗତି ପ୍ରଦାନ କରିବ। ଗବେଷଣା କ୍ଷେତ୍ରରେ ଏହି ବର୍ଦ୍ଧିତ ବିନିଯୋଗ କେବଳ ଆର୍ଥିକ ଅଭିବୃଦ୍ଧି ଆଣିବ ନାହିଁ, ବରଂ ଭାରତର ପ୍ରଯୁକ୍ତିଗତ ଆତ୍ମନିର୍ଭରତା, ରାଷ୍ଟ୍ରୀୟ ସୁରକ୍ଷା ଏବଂ ବିଶ୍ୱ ନେତୃତ୍ୱକୁ ଏକ ଦୃଢ଼ ସ୍ତମ୍ଭ ପ୍ରଦାନ କରିବ ବୋଲି ସଂଗଠନ ପକ୍ଷରୁ ମତପ୍ରକାଶ ପାଇଛି।

# ରାଜ୍ୟବ୍ୟାପୀ ବସ୍ ସେବା ରୂପାନ୍ତରଣ ରୋଡମ୍ୟାପ୍ ପ୍ରସ୍ତୁତ

**ଭୁବନେଶ୍ୱର,୩୦।୫/ଏନ୍ଏନ୍ଏସ୍:** ଓଡ଼ିଶାର ସହରୀ ପରିବହନ କ୍ଷେତ୍ରରେ ଏକ ସ୍ଥାୟୀ, ସମନ୍ୱିତ ଏବଂ ଭବିଷ୍ୟତ-ଉପଯୋଗୀ ଗତିଶୀଳତା ବ୍ୟବସ୍ଥା ଗଠନ ଦିଗରେ ଏକ ପ୍ରମୁଖ ପଦକ୍ଷେପ ଗ୍ରହଣ କରାଯାଇଛି। ରାଜ୍ୟ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଆଜି ଏସୀୟ ବିକାଶ ବ୍ୟାଙ୍କ (ଏଡିବି) ସହାୟତାରେ ଚାଲିଥିବା ବୈଷୟିକ ସହାୟତା କାର୍ଯ୍ୟକ୍ରମର ଅଗ୍ରଗତି ସମୀକ୍ଷା କରାଯାଇଛି। ଏହି ଯୋଜନା ଅଧୀନରେ ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ ଅଞ୍ଚଳ (ବିସିପିପିଇଆର୍) ପାଇଁ ଏକ ବ୍ୟାପକ ଆଞ୍ଚଳିକ ଗତିଶୀଳତା ଯୋଜନା ଏବଂ ରାଜ୍ୟବ୍ୟାପୀ ବସ୍ ସେବା ରୂପାନ୍ତରଣ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଉଛି। ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ବିଭାଗର ବରିଷ୍ଠ ଅଧିକାରୀ, ଏମ୍‌ଡି ସିଆର୍‌ୟୁଟି, ଜିଏମ୍ ଓଏସ୍ଆରଟିସି, ଏଡିବିର ପ୍ରତିନିଧି ଏବଂ ପରାମର୍ଶଦାତା ସଂସ୍ଥା 'ସିଷ୍ଟ୍ରା' ଓ 'ଦିଲ୍ଲୀ ଇଣ୍ଟିଗ୍ରେଟେଡ୍ ମଲ୍ଟି-ମୋଡାଲ୍ ଟ୍ରାଞ୍ଜିଟ୍ ସିଷ୍ଟମ୍ ଲିମିଟେଡ୍'ର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ।

୨୦୨୫ ଡିସେମ୍ବରରେ ୧ ମିଲିୟନ ଆମେରିକୀୟ ଡଲାରର ସହାୟତା ରାଶି ସହିତ ସ୍ୱାକ୍ଷରିତ ଏହି ଏଡିବି ବୈଷୟିକ ସହାୟତା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବିସିପିପିଇଆର୍ ଅଞ୍ଚଳରେ ସାଧାରଣ ପରିବହନ, ଜମି ବ୍ୟବହାର ଯୋଜନା, ଗମନାଗମନ-ଭିତ୍ତିକ ବିକାଶ, ଲଜିଷ୍ଟିକ୍ସ, ଡିଜିଟାଲ୍ ଗତିଶୀଳତା ଏବଂ ପ୍ରାତିଷ୍ଠାନିକ ସଂସ୍କାରକୁ ସମନ୍ୱିତ କରିବା। ସମୀକ୍ଷା ସମୟରେ ପରାମର୍ଶଦାତା ଦଳ ପ୍ରାୟ ୧୧,୯୦୦ ବର୍ଗ କିଲୋମିଟର ଅଞ୍ଚଳକୁ ଅନ୍ତର୍ଭୁକ୍ତ କରୁଥିବା ଆଞ୍ଚଳିକ ଗତିଶୀଳତା ଯୋଜନାର ରୋଡମ୍ୟାପ୍ ଉପସ୍ଥାପନ କରିଥିଲେ। ଆନୁମାନିକ ୯.୨ ମିଲିୟନରୁ ଅଧିକ ଜନସଂଖ୍ୟା ଏବଂ ୪.୧ ମିଲିୟନରୁ ଅଧିକ କର୍ମଜୀବୀ ବିଶିଷ୍ଟ ଏହି ଅଞ୍ଚଳ ଓଡ଼ିଶାର ପ୍ରମୁଖ ଅର୍ଥନୈତିକ ଅଭିବୃଦ୍ଧି କରିଡର ଭାବେ ଉଭା ହେଉଥିବାରୁ ଏଠାରେ ଏକ ସମନ୍ୱିତ ଗତିଶୀଳତା ରଣନୀତିର ଆବଶ୍ୟକତା ରହିଛି। ପ୍ରସ୍ତାବିତ ସିଆରଏମପି ଆଞ୍ଚଳିକ ଗତିଶୀଳତା ଏବଂ ସହରୀ ବିକାଶ ପାଇଁ ଏକ ୨୦ ବର୍ଷର ଦୂରଦୃଷ୍ଟି ପ୍ରଦାନ କରିବ, ଯେଉଁଥିରେ ମଲ୍ଟିମୋଡାଲ୍ ପରିବହନ ବ୍ୟବସ୍ଥା, ସାଧାରଣ ପରିବହନ ନେଟୱର୍କ, ଅଣ-ମୋଟର ଚାଳିତ ପରିବହନ ଭିତ୍ତିଭୂମି, ମାଲ ପରିବହନ ଓ ଲଜିଷ୍ଟିକ୍ସ ପରିଚାଳନା, ପାର୍କିଂ ନୀତି, ଗମନାଗମନ-ଭିତ୍ତିକ ବିକାଶ ଏବଂ ଜଳବାୟୁ-ସହନଶୀଳ ଗତିଶୀଳତା ସମାଧାନ ଅନ୍ତର୍ଭୁକ୍ତ ହେବ। ଏହି ଯୋଜନା ବିସ୍ତୃତ ସର୍ଭେ, ଜିଆଇଏସ୍ ଭିତ୍ତିକ ମାନଚିତ୍ର ପ୍ରସ୍ତୁତି ଏବଂ ଯାତ୍ରା ଚାହିଦା ମଡେଲିଂ ଦ୍ୱାରା ପ୍ରସ୍ତୁତ କରାଯିବ। କ୍ୟାପିଟାଲ୍ ରିଜିଅନ୍ ଅର୍ବାନ୍ ଟ୍ରାନ୍ସପୋର୍ଟ (ସିଆର୍‌ୟୁଟି) ଏବଂ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସ୍ଆରଟିସି) ପାଇଁ ପ୍ରସ୍ତୁତ କରାଯାଉଥିବା ରାଜ୍ୟବ୍ୟାପୀ ବସ୍ ସେବା ରୂପାନ୍ତରଣ ରୋଡମ୍ୟାପ୍‌ର ଅଗ୍ରଗତି ସମ୍ପର୍କରେ ବୈଠକରେ ଅଧ୍ୟକ୍ଷତା କରି ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ପାଢୀ ଗତିଶୀଳତା ଯୋଜନା ଏବଂ ସହରୀ

## ପଣ୍ଡିତ ନିରଞ୍ଜନ ରଥଙ୍କ ୭୯ତମ ଜୟନ୍ତୀ

# 'ଶ୍ରୀ ଲକ୍ଷ୍ମଣା ପରିଣୟ' ମହାକାବ୍ୟ ଉନ୍ମୋଚିତ




**ଭୁବନେଶ୍ୱର,୩୦।୫/ଏନ୍ଏନ୍ଏସ୍:** ପଣ୍ଡିତ ନିରଞ୍ଜନ ରଥ ଏକାଧାରରେ ଜଣେ ବିଶିଷ୍ଟ ଶିକ୍ଷାବିତ, ପ୍ରବୀଣ ସାମ୍ବାଦିକ, ବରିଷ୍ଠ ସମାଜସେବୀ, ପ୍ରାଚୀନ ସାହିତ୍ୟର ବିଦ୍ୱାନ, ସଂସ୍କୃତଜ୍ଞ ଏବଂ ବେଦ ଓ ବେଦାନ୍ତ ଉପରେ ଅଗାଧ ଜ୍ଞାନଥିବା ଏକ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ। ଓଡ଼ିଶା ଲେଖକ ସମବାୟ ସମିତି ପରିସରରେ 'ପୂଜ୍ୟ ପୂଜା, ଓଡ଼ିଶା' ପକ୍ଷରୁ ସ୍ୱର୍ଗତ ରଥଙ୍କ ୭୯ତମ ଜୟନ୍ତୀ ପାଳନ ଅବସରରେ ଆୟୋଜିତ ବିଶେଷ ସ୍ମୃତି ସଭାରେ ବୁଦ୍ଧିଜୀବୀମାନେ ଏଭଳି ମତବ୍ୟକ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବୈଦ୍ୟ ଗୋପାଳ ଚନ୍ଦ୍ର ନନ୍ଦ ଯୋଗଦେଇଥିବା ବେଳେ ବକ୍ତା ଓ ଆଲୋଚକ ଭାବେ ପ୍ରଫେସର ଭାରତ ଭୂଷଣ ରଥ, ପରମେଶ୍ୱର ମିଶ୍ର, ଆରତି କର, ସୁବାସ ଚନ୍ଦ୍ର ସାହୁ, କୈଳାସଚନ୍ଦ୍ର ରଥ, ମାଧବ ଚନ୍ଦ୍ର ରଥ, ସୁକାନ୍ତ ପ୍ରଧାନ, ମଧୁସୂଦନ ଦାଶ, ସ୍ୱଦେଶ ରଂଜନ ମହାନ୍ତି, ପ୍ରୀତି ଶ୍ରୀ ନାୟକ, ପ୍ରଭାତ କୁମାର ଦାଶ ଏବଂ ଅଭିଜିତ ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ। ଏହି ଜୟନ୍ତୀ ସମାରୋହ ଅବସରରେ ସ୍ୱର୍ଗତ ପଣ୍ଡିତ ନିରଞ୍ଜନ ରଥଙ୍କ ଦ୍ୱାରା ସମ୍ପାଦିତ ହୋଇଥିବା ପଣ୍ଡିତ ଚନ୍ଦ୍ରଶେଖର ରଥ ଶର୍ମାଙ୍କ 'ଶ୍ରୀ ଲକ୍ଷ୍ମଣା ପରିଣୟ' ମହାକାବ୍ୟର ଓଡ଼ିଆ ଅନୁବାଦ ଗ୍ରନ୍ଥ ଉପରେ ଗଭୀର ଆଲୋଚନା କରାଯିବା ସହ ଏହାକୁ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରାଯାଇଥିଲା। ଅପରପକ୍ଷରେ, କଳିଙ୍ଗ ବିହାରସ୍ଥିତ ଜଗନ୍ନାଥ ବାଟିକାରେ ଶ୍ରୀ ଜଗନ୍ନାଥ ମନ୍ଦିର ପାଇଁ ସ୍ୱର୍ଗତ ରଥଙ୍କ ସ୍ମୃତିରେ ପଦ୍ମଶ୍ରୀ ଅଶୋକ କୁମାର ମହାପାତ୍ର ଏକ ନାରିକେଳ (ନଡ଼ିଆ) ବୃକ୍ଷରୋପଣ କରିଥିଲେ। ବିରଜା ପ୍ରସାଦ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସ୍ମୃତି ସଭା ଓ ଆଲୋଚନା ଚକ୍ରରେ ସମ୍ପାଦକ ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ପ୍ରଭାତ କୁମାର ଦାଶ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବହୁ ସଂଖ୍ୟାରେ ସାହିତ୍ୟ ପ୍ରେମୀ ଓ ବିଶିଷ୍ଟ ବ୍ୟକ୍ତି ବିଶେଷ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## ବିଡିଏ ଓ ବିଏମ୍‌ସି ଅପିଲ୍ ମାମଲାର ତ୍ୱରିତ ଶୁଣାଣି

# ସ୍ୱତନ୍ତ୍ର କ୍ୟାମ୍ପ କୋର୍ଟରେ ୧୪୨ ମାମଲା ନିଷ୍କାସିତ



**ଭୁବନେଶ୍ୱର,୩୦।୫/ଏନ୍ଏନ୍ଏସ୍:** ନାଗରିକ-କୈନ୍ଦ୍ରିକ ଏବଂ ସମୟାନୁବର୍ତ୍ତୀ ନ୍ୟାୟ ପ୍ରଦାନ ସୁନିଶ୍ଚିତ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ତରଫରୁ ଆଜି ଏକ ସ୍ୱତନ୍ତ୍ର କ୍ୟାମ୍ପ କୋର୍ଟ ଆୟୋଜନ କରାଯାଇଛି। ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ ଆଇନ, ୧୯୮୨ ଅନୁଯାୟୀ ଦାୟର ଅପିଲ୍ ମାମଲାଗୁଡ଼ିକର ତ୍ୱରିତ ସମାଧାନ ଲକ୍ଷ୍ୟରେ ଏହି ପଦକ୍ଷେପ ଗ୍ରହଣ କରାଯାଉଛି।

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଏବଂ ଭୁବନେଶ୍ୱର ମ୍ୟୁନିସିପାଲ୍ କର୍ପୋରେସନ୍ ସହ ଜଡ଼ିତ ଅପିଲ୍ ମାମଲାଗୁଡ଼ିକର ନିର୍ଦ୍ଦିଷ୍ଟ ଅପିଲ୍ କର୍ତ୍ତୃପକ୍ଷ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ପାଢ଼ୀ ଆଜିର ଶୁଣାଣିରେ ଅଧ୍ୟକ୍ଷତା କରିଥିଲେ। ବିଚାରାଧୀନ ଅପିଲ୍ ମାମଲା ମଧ୍ୟରୁ ଆଜି ମୋଟ ୧୪୨ଟି ମାମଲା ଗ୍ରହଣ ଏବଂ ନିଷ୍କାସନ କରାଯାଇଥିଲା। ଏହି ଆବେଦନଗୁଡ଼ିକ ଓଡ଼ିଶା ବିକାଶ ପ୍ରାଧିକରଣ ଆଇନର ବ୍ୟବସ୍ଥା ଅନୁଯାୟୀ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶ ବିରୁଦ୍ଧରେ ନାଗରିକମାନଙ୍କ ଦ୍ୱାରା ଦାଖଲ କରାଯାଇଥିବା ବିଭିନ୍ନ ଆବେଦନ ସହିତ ଜଡ଼ିତ। ସମ୍ପ୍ରତି ଆପିଲେଟ୍ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ମାମଲାଗୁଡ଼ିକର ଶୀଘ୍ର ସମାଧାନ ସୁନିଶ୍ଚିତ କରିବା ପାଇଁ ଆଇନ ଅନୁଯାୟୀ ଅପିଲ୍ ମାମଲା ପରିଚାଳନା ପାଇଁ ନିଯୁକ୍ତ ଅନ୍ୟ ବରିଷ୍ଠ ଅଧିକାରୀମାନଙ୍କୁ ମଧ୍ୟ ସରକାରୀ ନିର୍ଦ୍ଦେଶ ପ୍ରାପ୍ତ ହୋଇଛି। ଏହି ବିକେନ୍ଦ୍ରୀକରଣ ପଦ୍ଧତି ଦକ୍ଷତା ବୃଦ୍ଧି ଏବଂ ବିଚାରାଧୀନତା ହ୍ରାସ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏହି ଅନନ୍ୟ ପଦକ୍ଷେପ ଗୃହ ଏବଂ ନଗର ଉନ୍ନୟନ ବିଭାଗର ସ୍ୱଚ୍ଛତା, ନିରପେକ୍ଷତା ଏବଂ ଦାୟିତ୍ୱର ନୀତିକୁ ବଜାୟ ରଖିବା ପାଇଁ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ଏହା ନାଗରିକମାନଙ୍କୁ ଏକ ନିରପେକ୍ଷ ଶୁଣାଣି ପ୍ଲାଟଫର୍ମ ପ୍ରଦାନ କରିବାକୁ ଚେଷ୍ଟା କରେ ଯେଉଁମାନେ ବିଶ୍ୱାସ କରନ୍ତି ଯେ ସେମାନେ ପ୍ରଶାସନିକ ନିଷ୍ପତ୍ତି ଦ୍ୱାରା ପ୍ରଭାବିତ ହୋଇଛନ୍ତି ଯାହା ଉପଯୁକ୍ତ ପ୍ରକ୍ରିୟା କିମ୍ବା ଜନସ୍ୱାର୍ଥ ସହିତ ସଙ୍ଗତ ନୁହେଁ। କ୍ୟାମ୍ପ କୋର୍ଟ ବ୍ୟବସ୍ଥା ଜନସାଧାରଣଙ୍କ ଦ୍ୱାରା ଭଲ ଭାବରେ ଗ୍ରହଣ କରାଯାଇଛି ଏବଂ ଅବଶିଷ୍ଟ ମାମଲାଗୁଡ଼ିକୁ ସମୟସୀମା ମଧ୍ୟରେ ସମାଧାନ କରିବା ପାଇଁ ଭବିଷ୍ୟତ ପର୍ଯ୍ୟାୟରେ ଜାରି ରହିବ ବୋଲି ଆଶା କରାଯାଉଛି।

**ଆଜିର ମ୍ୟାଚ୍**
ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବନାମ ଗୁଜରାଟ ଟାଇଟନ୍ସ
ସମୟ: ସନ୍ଧ୍ୟା ୭.୩୦, ଭେନ୍ୟୁ: ଅହମଦାବାଦ୍
ଫାଇନାଲ

### ଏସିଆନ୍ ଗେମ୍ସ ପାଇଁ ବିସିସିଆଇର ବଡ଼ ଘୋଷଣା

# ସୂର୍ଯ୍ୟବଂଶୀଙ୍କୁ ସୁଯୋଗ, ସୂର୍ଯ୍ୟ-ଗିଲ୍‌ଙ୍କୁ ବିଶ୍ରାମ



**ମୁମ୍ବାଇ, ୩୦।୫/ଏଜେନ୍ସି:** ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ), ୨୦୨୬ ଏସୀୟ କ୍ରୀଡ଼ା ପାଇଁ ଭାରତୀୟ ଅଲିମ୍ପିକ୍ ସଂଘ (ଆଇଓଏ)କୁ ୩୦ ଜଣ ଖେଳାଳିଙ୍କ ଏକ ସମ୍ଭାବ୍ୟ ତାଲିକା ପଠାଇଛି । ସବୁଠୁ ଆଶ୍ଚର୍ଯ୍ୟଜନକ ବିଷୟ ହେଉଛି ସମ୍ପ୍ରତି ଭାରତ ପାଇଁ ଟି-୨୦ ଫର୍ମାଟ୍ ଅଧିନାୟକ ଥିବା ସୂର୍ଯ୍ୟକୁମାର ଯାଦବ ଏବଂ ଦିନିକିଆ ତଥା ଟେଷ୍ଟ ଦଳର ଅଧିନାୟକ ଥିବା ଶୁଭମନ୍ ଗିଲ୍‌ଙ୍କୁ ବିସିସିଆଇ ଏହି ତାଲିକାରୁ ବାଦ୍ ଦେଇଛି, ଯେତେବେଳେକି ଅଣ୍ଡର-୧୯ ଦିନିକିଆ ବିଶ୍ୱକପ୍ ତଥା ଆଇପିଏଲ୍ (ଟି-୨୦ ଫର୍ମାଟ୍)ରେ ଚମତ୍କାର ପ୍ରଦର୍ଶନ କରିଥିବା ୧୫ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀଙ୍କୁ ଏହି ତାଲିକାରେ ସାମିଲ କରିଛି ବିସିସିଆଇ । ଏହା ସୂର୍ଯ୍ୟବଂଶୀଙ୍କ ପାଇଁ ପ୍ରଥମ ଏସିଆନ୍ ଗେମ୍ସ ହେବାକୁ ଯାଉଛି । ପ୍ରକାଶ, ଏସିଆନ୍ ଗେମ୍ସରେ କ୍ରିକେଟ୍ ଟି-୨୦ ଫର୍ମାଟ୍‌ରେ ଖେଳାଯିବ । ବିସିସିଆଇ ଦର୍ଶାଇଛି ଯେ, ଭାରତର ୱେଷ୍ଟଇଣ୍ଡିଜ୍ ଗସ୍ତ ଏବଂ ଏସୀୟ କ୍ରୀଡା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ପ୍ରାୟ ଏକ ସମୟରେ ଅନୁଷ୍ଠିତ ହେବ । ଭାରତ ଏବଂ ୱେଷ୍ଟଇଣ୍ଡିଜ୍ ସେପ୍ଟେମ୍ବର ୨୭ରୁ ଅକ୍ଟୋବର ୧୭ ପର୍ଯ୍ୟନ୍ତ ତିନୋଟି ଦିନିକିଆ ଏବଂ ୫ଟି ଟି-୨୦ ମ୍ୟାଚ୍‌ର ଏକ ସିରିଜ୍ ଖେଳିବାର କାର୍ଯ୍ୟକ୍ରମ ରହିଛି, ଯେତେବେଳେ କି ଏସିଆନ୍ ଗେମ୍ସରେ ପୁରୁଷ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ସେପ୍ଟେମ୍ବର ୨୪ ରୁ ଅକ୍ଟୋବର ୩ ପର୍ଯ୍ୟନ୍ତ ଚାଲିବ । ଫଳସ୍ୱରୂପ, ଚୟନକର୍ତ୍ତାମାନେ ଦୁଇଟି ପୃଥକ୍ ଟି-୨୦ ଦଳ ଯୋଜନା କରିବାକୁ ବାଧ୍ୟ ହୋଇଛନ୍ତି । ଏସିଆନ୍ ଗେମ୍ସ ପାଇଁ ବିସିସିଆଇ ଆଇଓଏକୁ ପଠାଯାଇଥିବା ୩୦ ଜଣ ଖେଳାଳିଙ୍କ ସମ୍ଭାବ୍ୟ ତାଲିକାରେ ଯଶସ୍ୱୀ ଜୈସୱାଲ, ଅଭିଷେକ ଶର୍ମା, ବୈଭବ ସୂର୍ଯ୍ୟବଂଶୀ, ଈଶାନ କିଷନ, ସଞ୍ଜୁ ସାମସନ, ଶ୍ରେୟସ ଆୟର, ଋଷଭ ପନ୍ତ, ହାର୍ଦ୍ଦିକ ପାଣ୍ଡ୍ୟା, ରିଙ୍କୁ ସିଂହ, ତିଲକ ବର୍ମା, ଜସପ୍ରୀତ୍ ବୁମରାହ, ଅକ୍ଷର ପଟେଲ, ଅର୍ଶଦୀପ ସିଂହ, କୁଲଦୀପ ଯାଦବ, ନୀତିଶ କୁମାର ରେଡ୍ଡୀ, ପ୍ରସିଦ୍ଧ କୃଷ୍ଣା, ବରୁଣ ଚକ୍ରବର୍ତ୍ତୀ, ଅନୁକୂଳ ରୟ, ଆୟୁଷ ବଦୋନୀ, ହର୍ଷ ଦୁବେ, ଧ୍ରୁବ ଜୁରେଲ, ଖଲିଲ ଅହମଦ, ଋତୁରାଜ ଗାଏକୱାଡ୍, ରବି ବିଷ୍ଣୋଇ, ଶାହବାଜ ଅହମଦ, ଶିବମ ଦୁବେ, ବିପ୍ରାଜ ନିଗମ, ହର୍ଷିତ ରାଣା, ଯଶ ଠାକୁର ଏବଂ ୱାଶିଂଟନ ସୁନ୍ଦରଙ୍କ ଭଳି ଯୁବ ଖେଳାଳି ସାମିଲ ଅଛନ୍ତି । ସୂଚନାଯୋଗ୍ୟ, ଏସିଆନ୍ ଗେମ୍ସ ଦଳର ଅଧିନାୟକତ୍ୱ ପାଇଁ ମୁଖ୍ୟ ଦାବିଦାର ଭାବେ ଶ୍ରେୟସ ଆୟର, ସଞ୍ଜୁ ସାମସନ ଏବଂ ତିଲକ ବର୍ମା ଉଭା ହୋଇଛନ୍ତି । ୨୦୨୩ରେ ହାଙ୍ଗଜୌରେ ଆୟୋଜିତ ତୃତୀୟ ଏସିଆନ୍ ଗେମ୍ସରେ ଭାରତକୁ ପ୍ରଥମ ସ୍ୱର୍ଣ୍ଣ ପଦକ ଜିତାଇଥିବା ଅଧିନାୟକ ଋତୁରାଜ ଗାୟକୱାଡ ମଧ୍ୟ ଏହି ତାଲିକାରେ ସାମିଲ ଅଛନ୍ତି ।

**ଅଧୁରା ରହିଲା ୨୦ତମ ଏସିଆନ୍ ଗେମ୍ସରେ ଅଂଶଗ୍ରହଣ ସ୍ୱପ୍ନ**

# ଟ୍ରାଏଲ୍ସରେ ହାରିଲେ ବିନେଶ ଫୋଗାଟ୍



**ପାନିପତ, ୩୦।୫/ଏଜେନ୍ସି:** ଭାରତୀୟ କୁସ୍ତି କ୍ରୀଡା କ୍ଷେତ୍ରରୁ ଏକ ଦୁଃଖଦ ଖବର ସାମ୍ନାକୁ ଆସିଛି । ଅଲିମ୍ପିଆନ୍ ରେସଲର୍ ବିନେଶ ଫୋଗାଟ୍ ଅନେକ ଆଇନଗତ ଲଢ଼େଇ ଜିତିବା ପରେ ମଧ୍ୟ ଏସିଆନ୍ ଗେମ୍ସ ଟ୍ରାଏଲ୍‌ର ସେମିଫାଇନାଲ୍ ମ୍ୟାଚ୍‌ରେ ପରାଜିତ ହୋଇଛନ୍ତି । ଏହି ପରାଜୟ ଯୋଗୁଁ ସେ ଆସନ୍ତା ଏସିଆନ୍ ଗେମ୍ସ ୨୦୨୬ ଦୌଡ଼ରୁ ବାଦ୍ ପଡ଼ିଛନ୍ତି । ବିନେଶ ଫୋଗାଟ୍ ୫୩ କିଲୋଗ୍ରାମ ବର୍ଗରେ ଭାଗ ନେଇଥିଲେ । ପ୍ରଥମ ଦୁଇଟି ବାଉଟ୍ (ମ୍ୟାଚ୍) ଲଗାତାର ଜିତିବା ପରେ, ସେମିଫାଇନାଲ୍‌ରେ ଜିନ୍ଦର ଉଦୀୟମାନ ମହିଳା ରେସଲର୍ ମୀନାକ୍ଷୀ ଗୋୟତ୍‌ଙ୍କଠାରୁ ସେ ପରାସ୍ତ ହୋଇଛନ୍ତି । ତେବେ ଏହି ପରାଜୟ ପରେ ଅତ୍ୟନ୍ତ ଭାବପ୍ରବଣ ହୋଇପଡ଼ିଥିବା ବିନେଶ ନିଜ ପ୍ରତିକ୍ରିୟାରେ କହିଛନ୍ତି, ସେ ଏକାକୀ ପୂରା ସିଷ୍ଟମ୍ ବିପକ୍ଷରେ ଲଢ଼େଇ କରିଥିଲେ । ଗୋଟିଏ ପଟେ ସେ ଏକାକୀ ଥିଲେ ଏବଂ ଅନ୍ୟପଟେ ବାକି ସମସ୍ତେ ଏକଜୁଟ୍ ହୋଇଥିଲେ । ତଥାପି ସେ ହାର୍ ମାନିବେ ନାହିଁ ଏବଂ ପୁଣିଥରେ ଦୃଢ଼ତାର ସହ ପ୍ରତ୍ୟାବର୍ତ୍ତନ କରିବେ । ସୂଚନାଯୋଗ୍ୟ, ଏସିଆନ୍ ଗେମ୍ସରେ ଖେଳିବା ପରେ ବିନେଶ୍‌ଙ୍କୁ କୋର୍ଟଙ୍କ ଦ୍ୱାରସ୍ଥ ହେବାକୁ ପଡିଥିଲା । ରେସଲିଂ ଫେଡେରେସନ ଅଫ୍ ଇଣ୍ଡିଆ (ଡବ୍ଲ୍ୟୁଏଫ୍‌ଆଇ) ଆଣ୍ଟି-ଡୋପିଂ ନିୟମର ଦ୍ୱାହି ଦେଇ ବିନେଶଙ୍କ ଉପରେ ଜୁନ୍ ୨୦୨୬ ପର୍ଯ୍ୟନ୍ତ ଘରୋଇ ପ୍ରତିଯୋଗିତା ଖେଳିବା ଉପରେ ପ୍ରତିବନ୍ଧକ (ବ୍ୟାନ୍) ଲଗାଇଥିଲା । ବିନେଶ ଏହି ବ୍ୟାନ୍ ବିରୋଧରେ ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ଏବଂ ହାଇକୋର୍ଟ ତାଙ୍କ ସପକ୍ଷରେ ରାୟ ଦେଇଥିଲେ । ଏହାପରେ ଡବ୍ଲ୍ୟୁଏଫ୍‌ଆଇ ସୁପ୍ରିମକୋର୍ଟରେ ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ୍ କରିଥିଲା କିନ୍ତୁ ସୁପ୍ରିମକୋର୍ଟ ମଧ୍ୟ ବିନେଶଙ୍କୁ ଜଣେ ମହାନ ଖେଳାଳି କହିବା ସହ ତାଙ୍କୁ ଏସିଆନ୍ ଗେମ୍ସ ଚୟନ ଟ୍ରାଏଲ୍‌ରେ ଭାଗ ନେବାକୁ ସ୍ପେଶାଲ ଅନୁମତି ଦେଇଥିଲେ । ତେବେ ଏସବୁ ନ୍ୟାୟିକ ପ୍ରକ୍ରିୟାକୁ ସାମ୍ନା କରିବା ବିନେଶଙ୍କ ପାଇଁ ଧୈର୍ଯ୍ୟ ପରୀକ୍ଷା ଭଳି ହୋଇଥିଲା । ଏସବୁରୁ ଜିତିକରି ସେ ଆଗକୁ ବଢ଼ିବାକୁ ସୁଯୋଗ ତ ପାଇଥିଲେ କିନ୍ତୁ ଏବେ ଟ୍ରାଏଲ୍ସରେ ପରାଜିତ ହେବାରୁ ଚଳିତ ବର୍ଷ ଅନୁଷ୍ଠିତ ହେବାକୁ ଥିବା ୨୦ତମ ଏସିଆନ୍ ଗେମ୍ସରେ ଅଂଶଗ୍ରହଣ କରିବାର ସ୍ୱପ୍ନ ଅଧୁରା ରହିଯାଇଛି । ପ୍ରକାଶ, ୧୯ ସେପ୍ଟେମ୍ବରରୁ ୪ ଅକ୍ଟୋବର ଯାଏ ଜାପାନର ଆଇଚି ପ୍ରଦେଶ ଏବଂ ଏହାର ରାଜଧାନୀ ନାଗୋୟା ସହରରେ ଆୟୋଜିତ ହେବ । ଟୋକିଓ (୧୯୫୮) ଏବଂ ହିରୋସିମା (୧୯୯୪) ପରେ ଜାପାନ ତୃତୀୟ ଥର ପାଇଁ ଏସିଆନ୍ ଗେମ୍ସ ଆୟୋଜନ କରିବାକୁ ଯାଉଛି । ଏସୀୟ ଦେଶଗୁଡ଼ିକର ଅନ୍ୟ ଖେଳାଳିଙ୍କ ଭଳି ଭାରତୀୟ ଆଥଲେଟ୍‌ମାନେ ମଧ୍ୟ ଏହି ଗେମ୍ସ ପାଇଁ ନିଜର ଜୋରଦାର ପ୍ରସ୍ତୁତି ଚଳାଇଛନ୍ତି ଏବଂ ବିଭିନ୍ନ ଖେଳ ପାଇଁ ବର୍ତ୍ତମାନ ଚୟନ ପ୍ରକ୍ରିୟା ଜାରି ରହିଛି । ପ୍ରକାଶ, ୨୦୨୬ ଏସିଆନ୍ ଗେମ୍ସ ଭଳି କ୍ରୀଡା ମହାକୁମ୍ଭରେ ୬୨ଟି ବିଭାଗରେ ୪୩ ପ୍ରକାରର ଭିନ୍ନ ଭିନ୍ନ କ୍ରୀଡାକୁ ଅନ୍ତର୍ଭୁକ୍ତ କରାଯାଇଛି, ଯେଉଁଥିରେ ସର୍ବମୋଟ ୪୬୧ଟି ମେଡାଲ୍ ଇଭେଣ୍ଟ (ସୁନା ପଦକ ମ୍ୟାଚ୍) ଖେଳାଯିବ । ଏହି କ୍ରୀଡା ମହାକୁମ୍ଭ ଆୟୋଜନରେ ଏସିଆର ପ୍ରାୟ ୪୬ଟି ଦେଶ ଓ ଆଞ୍ଚଳିକ କ୍ରୀଡ଼ା ସଂଘର ଆଥଲେଟ୍‌ମାନେ ଭାଗ ନେବେ ବୋଲି ଆଶା କରାଯାଉଛି ।

**ଆଜି ଆଇପିଏଲ୍ ମହାମୁକାବିଲା**

# ୨ୟ ଟାଇଟଲ୍ ଲକ୍ଷ୍ୟରେ ବେଙ୍ଗାଲୁରୁ ଓ ଗୁଜରାଟ

**ଅହମଦାବାଦ୍, ୩୦।୫/ଏଜେନ୍ସି:** ଆସନ୍ତା କାଲି ଅହମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ ଠାରେ ଖେଳାଯିବ ଆଇପିଏଲ୍-୨୦୨୬ର ଅନ୍ତିମ ତଥା ଗ୍ରାଣ୍ଡ୍ ଫାଇନାଲ୍ ମ୍ୟାଚ୍ । ଡିଫେଣ୍ଡିଂ ଚାମ୍ପିଅନ୍ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଏବଂ ପୂର୍ବତନ ବିଜେତା ଗୁଜରାଟ ଟାଇଟନ୍ସ (ଜିଟି) ମଧ୍ୟରେ ଏହି ହାଇ-ଭୋଲଟେଜ୍ ମ୍ୟାଚ୍ ଅନୁଷ୍ଠିତ ହେବ । ଏହି ମ୍ୟାଚ୍‌କୁ ନେଇ ସମସ୍ତ କ୍ରିକେଟ୍ ପ୍ରେମୀ ବେଶ୍ ଉତ୍ସାହିତ ଅଛନ୍ତି । ବିରାଟ କୋହଲି, ରଜତ୍ ପଟିଦାର (ଅଧିନାୟକ),ଟିମ୍ ଡେଭିଡ୍, କୃଣାଲ ପାଣ୍ଡ୍ୟା, ଭୁବନେଶ୍ୱର କୁମାର, ଜୋସ୍ ହେଜେଲ୍‌ଉଡ୍‌ଙ୍କ ଭଳି ଷ୍ଟାର ପ୍ଲେୟାର୍‌ଙ୍କୁ ନେଇ ସମୃଦ୍ଧ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁକୁ ସାମ୍ନା କରିବ ଶୁଭମନ୍ ଗିଲ୍‌ଙ୍କ ନେତୃତ୍ୱାଧୀନ ଗୁଜରାଟ ଟାଇଟନ୍ସ । ବେଙ୍ଗାଲୁରୁର ପ୍ରଦର୍ଶନ ଚଳିତ ସିଜନ୍‌ରେ ମଧ୍ୟ ଅତ୍ୟନ୍ତ ଚମତ୍କାର ରହିଛି । ଦଳର ଅଧିକାଂଶ ଖେଳାଳି ସେମାନଙ୍କ ସର୍ବୋତ୍ତମ ଲୟରେ ଥିବା ଭଳି ଅନୁଭବ ହେଉଛନ୍ତି । ଯାହାଫଳରେ ଦଳ ଚଳିତ ସିଜନ୍‌ରେ ମଧ୍ୟ ଫାଇନାଲ୍‌ରେ ପହଞ୍ଚିପାରିଛି । ଅନ୍ୟପକ୍ଷେ ଗୁଜରାଟ ଟାଇଟନ୍ସ ମଧ୍ୟ ନିଜ ଲଢୁଆ ପ୍ରଦର୍ଶନ ତଥା ବଡ଼ ବଡ଼ ସ୍କୋରକୁ ପିଛା କରି ବିଜୟ ଲାଭ କରିଆସିଛି ଯାହାକି ଦଳର ଆତ୍ମବିଶ୍ୱାସକୁ ଅନେକ ଊର୍ଦ୍ଧ୍ୱରେ ରଖିଛି । ଶୁଭମନ୍ ଗିଲ୍‌ଙ୍କ ସହ ସାଇ ସୁଦର୍ଶନଙ୍କ ଭାଗିଦାରୀ ମୁଖ୍ୟତଃ ଦଳକୁ ବିଜୟ ଆଣି ଦେଇଛି । ସେହିପରି ଜୋସ୍ ବଟଲର୍ ମଧ୍ୟ ଦଳ ପାଇଁ ବେଶ୍ ଉପଯୋଗୀ ସାବ୍ୟସ୍ତ ହୋଇଛନ୍ତି । ଜୋଫ୍ରା ଆର୍ଚ୍ଚରଙ୍କ ଘାତକ ବୋଲିଂ ଯେକୌଣସି ପ୍ରତିପକ୍ଷ ଦଳ ପାଇଁ ବେଶ୍ କ୍ଷତିକାରଣ ସାବ୍ୟସ୍ତ ହୋଇଆସିଛି । ଆର୍ଚ୍ଚର ଉଭୟ ବ୍ୟାଟିଂ ଏବଂ ବୋଲିଂରେ କମାଲ୍ ଦେଖାଇଛନ୍ତି ଏବଂ ନିଜ ଦମ୍‌ରେ ଦଳକୁ ଜିତାଇଛନ୍ତି । ଆରସିବି ପକ୍ଷରୁ ଉଭୟ ଭୁବନେଶ୍ୱର କୁମାର ଏବଂ କୃଣାଳ ପାଣ୍ଡ୍ୟା ମଧ୍ୟ ଦଳ ପାଇଁ ଉଭୟ ବ୍ୟାଟିଂ, ବୋଲିଂରେ ଉତ୍କର୍ଷତା ପ୍ରତିପାଦନ କରିଛନ୍ତି । ମୋଟାମୋଟି ଉଭୟଦଳର ଉପରକ୍ରମ, ମଧ୍ୟକ୍ରମ ତଥା ବୋଲିଂ ବାହିନୀ ବେଶ୍ ସଶକ୍ତ ପ୍ରତୀତ ହେଉଛନ୍ତି । ସୁତରାଂ ଆସନ୍ତାକାଲିର ମ୍ୟାଚ୍ ଏକ ଧମାକାଦାର ମ୍ୟାଚ୍ ହେବ ବୋଲି ଅନୁମାନ କରାଯାଉଛି ।

ଯଦି ଦୁଇ ଦଳର ଅଧିନାୟକଙ୍କ କଥା କହିବା ତେବେ ଆର୍‌ସିବିର ଅଧିନାୟକ ରଜତ୍ ପଟିଦାର ଲଗାତାର ଦ୍ୱିତୀୟ ଥର ପାଇଁ ଫାଇନାଲ୍ ମ୍ୟାଚ୍ ଖେଳିବାକୁ ଯାଉଛନ୍ତି । ଅନ୍ୟପକ୍ଷେ ଗିଲ୍‌ଙ୍କ ଅଧିନାୟକତ୍ୱରେ ଗୁଜରାଟ ପ୍ରଥମ ଥର ଟାଇଟଲ୍ ଜିତିବା ପାଇଁ ଲଢିବ । ଅବଶ୍ୟ ଏହାପୂର୍ବରୁ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନେତୃତ୍ୱରେ ଗୁଜରାଟ ଥରେ ଚାମ୍ପିଅନ୍ ହୋଇସାରିଛି । ମୋଟାମୋଟି ଉଭୟ ଦଳ ଆସନ୍ତା କାଲି ନିଜର ଦ୍ୱିତୀୟ ଆଇପିଏଲ୍ ଟ୍ରଫି ପାଇଁ ଆମ୍ନାସାମ୍ନା ହେବେ ।

ଯଦି ପିଚ୍ ଦୃଷ୍ଟି କୋଣରୁ ଦେଖିବା ତେବେ ନରେନ୍ଦ୍ର ମୋଦୀ ଷ୍ଟାଡିୟମର ପିଚ୍ ସାଧାରଣତଃ ବ୍ୟାଟରମାନଙ୍କୁ ବେଶ୍ ସହାୟତା କରିଥାଏ । ଏହା ଏକ ହାଇ ସ୍କୋରିଂ ଗ୍ରାଉଣ୍ଡ ବୋଲି କୁହାଯାଇପାରିବ । ଏଠାରେ ବାଉନ୍ସ ସମାନ ରହୁଥିବାରୁ ରନ୍ ସ୍କୋର କରିବା ସହଜ ହୋଇଥାଏ । ସନ୍ଧ୍ୟା ସମୟରେ ଏଠାରେ କାକର ପଡ଼ିବାର ସମ୍ଭାବନା ରହିଥାଏ । ତେଣୁ ଟସ୍ ଜିତି ପ୍ରଥମେ ବୋଲିଂ କରିବା ଏବଂ ପରେ ଚେଜ୍ କରିବା ଦଳ ପାଇଁ ଅଧିକ ଲାଭଦାୟକ ପ୍ରମାଣିତ ହୋଇପାରେ । ପ୍ରାରମ୍ଭିକ ଓଭରଗୁଡ଼ିକରେ ଫାଷ୍ଟ ବୋଲରଙ୍କୁ ସ୍ୱିଙ୍ଗ୍ ମିଳିପାରେ, ଏବଂ ମଧ୍ୟକ୍ରମରେ ବାଉଣ୍ଡରୀ ବଡ଼ ହୋଇଥିବାରୁ ସ୍ପିନରମାନେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ । ତେଣୁ ଟସ୍ ଜିତିବା ଦଳ ପ୍ରଥମେ ବୋଲିଂ କରିବାକୁ ପସନ୍ଦ କରିପାରେ । ଦ୍ୱିତୀୟ ଇନିଂସରେ ରନ୍ ଚେଜ୍ କରୁଥିବା ଦଳ ପାଇଁ ଏଠାରେ ବିଜୟ ସମ୍ଭାବନା ବେଶ୍ ଅଧିକ ରହିବ । ଅନ୍ୟପକ୍ଷେ ଗୁଜରାଟ ପାଇଁ ଏହା ଘରୋଇ ଗ୍ରାଉଣ୍ଡ ହୋଇଥିବାରୁ ଆରସିବି ତୁଳନାରେ ଗୁଜରାଟର ପଲ୍ଲା ସାମାନ୍ୟ ଭାରି ରହିବ । ତଥାପି ଏହି ଦୁଇ ଦଳ ମଧ୍ୟରେ ବିଜୟ ସମ୍ଭାବନା ୫୧:୪୯% ରହିଛି ।







## ଦେଶ ବିଦେଶ

# ୩ରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ ଡିକେ



**ବିଧାୟକ ଦଳ ବୈଠକରେ ନେତା ନିର୍ବାଚିତ**

**ନୂଆ କ୍ୟାବିନେଟ୍‌ରେ ରହିବେ ୪ ଉପମୁଖ୍ୟମନ୍ତ୍ରୀ**

**ସିଦ୍ଧରମୈୟା ଓ ଖର୍ଗେଙ୍କ ପୁଅଙ୍କୁ ମିଳିବ ମନ୍ତ୍ରୀ ପଦ**

**ବେଙ୍ଗାଲୁରୁ, ୩୦।୫/ଏଜେନ୍ସି:** ରୋଟେସନ୍ ନୀତି ଆଧାରରେ କଂଗ୍ରେସ ଏବେ କର୍ଣ୍ଣାଟକରେ ମୁଖ୍ୟମନ୍ତ୍ରୀ ପରିବର୍ତ୍ତନ କରୁଛି । ସିଦ୍ଧରମୈୟା ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇସାରିଥିବା ବେଳେ ଏବେ ପ୍ରଦେଶ କଂଗ୍ରେସର ୨ୟ ନଂ ନେତା ଭାବେ ପରିଚିତ ଡିକେ. ଶିବକୁମାର କର୍ଣ୍ଣାଟକର ୨୪ତମ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ । ଶନିବାର ଅନୁଷ୍ଠିତ କଂଗ୍ରେସ ବିଧାୟକ ଦଳ ବୈଠକରେ ଶିବକୁମାରଙ୍କୁ ସର୍ବସମ୍ମତି କ୍ରମେ ଦଳର ନେତା ନିର୍ବାଚିତ କରାଯାଇଛି ଏବଂ ଶପଥ ସମାରୋହ ତାରିଖ ମଧ୍ୟ ଧାର୍ଯ୍ୟ କରାଯାଇଛି । ରିପୋର୍ଟ ଅନୁସାରେ ଦଳୀୟ ହାଇକମାଣ୍ଡଙ୍କ ନିର୍ଦ୍ଦେଶକ୍ରମେ ଗତ ୨୮ ମେ'ରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିବା ସିଦ୍ଧରମୈୟା ନିଜେ ଡି.କେ. ଶିବକୁମାରଙ୍କ ନାମ ପ୍ରସ୍ତାବ କରିଛନ୍ତି, ଯାହା ଦଳ ମଧ୍ୟରେ ସନ୍ତୁଳନ ରକ୍ଷା କରିବାର ସଙ୍କେତ ଦେଉଛି । ସିଦ୍ଧରମୈୟା ୨୦ ମେ' ୨୦୨୩ ରୁ ୨୮ ମେ' ୨୦୨୬ ପର୍ଯ୍ୟନ୍ତ (ପ୍ରାୟ ୩ ବର୍ଷ) ଏହି ପଦବୀରେ ରହିଥିଲେ । ଏବେ ବାକି ୨ ବର୍ଷର ସମୟ ଶିବକୁମାର ପ୍ରଦେଶ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିବେ ।

ଆସନ୍ତା ୩ ଜୁନ୍‌ରେ ଲୋକଭବନର 'ଗ୍ଲାସ୍ ହାଉସ୍'ଠାରେ ନୂଆ ମୁଖ୍ୟମନ୍ତ୍ରୀ ତଥା ତାଙ୍କ କ୍ୟାବିନେଟ୍ ମନ୍ତ୍ରୀମାନଙ୍କ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ । ଅନୁମାନ କରାଯାଉଛି ଯେ, ଡିକେ ଶିବକୁମାର ନିଜ କ୍ୟାବିନେଟ୍‌ରେ ପୁରୁଣା ମନ୍ତ୍ରୀମାନଙ୍କୁ ବାଦ୍ ଦେଇ ଯୁବପିଢ଼ିଙ୍କୁ ପ୍ରାଥମିକତା ଦେଇପାରନ୍ତି । ଏତଦ୍‌ବ୍ୟତୀତ ରାଜ୍ୟରେ ଜାତିଗତ ଓ ଆଞ୍ଚଳିକ ସମୀକରଣକୁ ସନ୍ତୁଳିତ କରିବା ପାଇଁ ନୂଆ ମୁଖ୍ୟମନ୍ତ୍ରୀଙ୍କ ସହ ୪ ଜଣ ଡେପୁଟିଙ୍କୁ ମଧ୍ୟ ସାମିଲ କରାଯିବ । ମୁଖ୍ୟମନ୍ତ୍ରୀ ବଦଳିବା ସହ ପୂରା କ୍ୟାବିନେଟ୍‌ରେ ବଡ଼ ଧରଣର ଅଦଳବଦଳ ହେବ । ସବୁଠୁ ବଡ଼କଥା ହେଉଛି ନୂଆ ସରକାରରେ ସିଦ୍ଧରମୈୟାଙ୍କ ପୁଅ ଜଥୀନ୍ଦ୍ର ସିଦ୍ଧରମୈୟା ଏବଂ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖର୍ଗେଙ୍କ ପୁଅ ପ୍ରିୟାଙ୍କ ଖର୍ଗେ ମଧ୍ୟ ମନ୍ତ୍ରୀ ପଦ ପାଇବାର ସମ୍ଭାବନା ଅଧିକ ରହିଛି । ଏତଦ୍‌ବ୍ୟତୀତ ୪ ଉପମୁଖ୍ୟମନ୍ତ୍ରୀ ପଦ ଭିତରୁ ମଧ୍ୟ ଯଥୀନ୍ଦ୍ରଙ୍କୁ ସୁଯୋଗ ମିଳିପାରେ ବୋଲି ଚର୍ଚ୍ଚା ହେଉଛି । କୁହାଯାଉଛି ଯେ, ସିଦ୍ଧରମୈୟା ନିଜ ପୁଅ ପାଇଁ ଉପମୁଖ୍ୟମନ୍ତ୍ରୀ ପଦ ଦାବି କରିଛନ୍ତି ।

କଂଗ୍ରେସର ସଂଗଠନ ମହାସଚିବ କେ.ସି. ବେଣୁଗୋପାଳ ଏବଂ କର୍ଣ୍ଣାଟକ ପ୍ରଭାରୀ ରଣଦୀପ ସୁରଜେୱାଲାଙ୍କ ଉପସ୍ଥିତିରେ ଆଜିର ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ନୂଆ କ୍ୟାବିନେଟ୍‌ରେ କେଉଁମାନଙ୍କୁ ସାମିଲ କରାଯିବ ସେମାନଙ୍କ ନାମ ସମ୍ବଳିତ ଏକ ସମ୍ଭାବ୍ୟ ତାଲିକା ପ୍ରସ୍ତୁତ କରାଯାଇଛି । ସୂତ୍ର ଅନୁସାରେ ସିଦ୍ଧରମୈୟାଙ୍କ ସରକାରରେ ମନ୍ତ୍ରୀ ପଦ ସମ୍ଭାଳିଆସୁଥିବା ମନ୍ତ୍ରୀମାନଙ୍କ ମଧ୍ୟରୁ ପ୍ରାୟ ୧୦ଜଣଙ୍କୁ ବାଦ୍ ଦିଆଯାଇପାରେ ଏବଂ ଏମାନଙ୍କ ସ୍ଥାନରେ ନୂଆ ତଥା ଯୁବନେତାଙ୍କୁ ସାମିଲ କରାଯାଇପାରେ ।

**ସୋନାରପୁରରେ ଟିଏମ୍‌ସି ସାଂସଦ ହଟହଟା**

# ଅଭିଷେକଙ୍କୁ ମାରଧର, ଟଣାଓଟରା



**ଅଣ୍ଡା ଫିଙ୍ଗିଲେ, ସାର୍ଟ ଫାଡ଼ିଲେ, ଚୋର.. ଚୋର ନାରା ଦେଲେ**

**ଟିଏମ୍‌ସି ସାଂସଦଙ୍କୁ ହେଲମେଟ୍ ପିନ୍ଧାଇ ବାହାର କରିବାକୁ ପଡ଼ିଲା**

**କୋଲକାତା, ୩୦।୫/ଏଜେନ୍ସି:** ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସାଂସଦ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପୁତୁରା ଅଭିଷେକ ବାନାର୍ଜୀଙ୍କୁ ଶନିବାର ଏକ ବଡ଼ ଧରଣର ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିଛି । ରିପୋର୍ଟ ଅନୁସାରେ ଶନିବାର ଦିନ ଅଭିଷେକ ସୋନାରପୁରରେ ନିର୍ବାଚନୀ ହିଂସାର ଶିକାର ହୋଇଥିବା ପରିବାରଗୁଡ଼ିକୁ ବିଶେଷକରି ନିଜ ଦଳର ପୀଡିତ କର୍ମକର୍ତ୍ତାମାନଙ୍କୁ ଭେଟିବାକୁ ପହଞ୍ଚିଥିଲେ । କିନ୍ତୁ ଏଠାରେ ତାଙ୍କୁ କିଛି ଉତ୍ତ୍ୟକ୍ତ ଜନତା ମାଡ଼ଧର କରିବା ସହ ତାଙ୍କ ସାର୍ଟ ଚିରିଦେଇଥିବା ତଥା ତାଙ୍କୁ ଧକ୍କା ତଥା ଠେଲାପେଲା କରିଥିବା ସୂଚନା ମିଳିଛି । ଅଭିଷେକ୍ ଏଠାକୁ ଆସିବା ସମ୍ପର୍କରେ ସୂଚନା ମିଳିବା ପରେ ପରେ କିଛି କ୍ଷଣ ମଧ୍ୟରେ ବହୁ ପରିମାଣର ଲୋକ ଏଠାରେ ରୁଣ୍ଡ ହୋଇଯାଇଥିଲେ । ଏହାପରେ ତାଙ୍କ ବିରୋଧରେ ଚୋର..ଚୋର ନାରାବାଜି କରିଥିଲେ । ସ୍ଥିତି ଏପରି ହୋଇପଡିଥିଲା ଯେ ଟିଏମ୍‌ସି କର୍ମୀମାନେ ପୁଲିସ୍ ଉପସ୍ଥିତିରେ ହେଲ୍‌ମେଟ୍ ପିନ୍ଧାଇ ଅଭିଷେକ୍‌ଙ୍କୁ ସେଠାରୁ ବାହାର କରିଥିଲେ ।

ଟିଏମ୍‌ସି ଏହି ଘଟଣାକୁ ତୀବ୍ର ନିନ୍ଦା କରିବା ସହ ଏହି ଘଟଣା ପଛରେ ଶାସକ ଦଳ ବିଜେପିର ହାତ ଥିବା ଅଭିଯୋଗ କରିଛି । ଅଭିଯୋଗ ହୋଇଛି ଯେ ଅଭିଷେକ ସେଠାରେ ପହଞ୍ଚିବା ମାତ୍ରେ ବିଜେପି କର୍ମୀମାନେ ତାଙ୍କୁ ଘେରି ଯାଇଥିଲେ ଏବଂ ନାରାବାଜି କରିବା ସହ ତାଙ୍କୁ ମାଡ଼ ମାରିଥିଲେ । ଲୋକମାନେ ତାଙ୍କ ଉପରକୁ ପଥର, ଜୋତା, ଅଣ୍ଡା ଆଦି ଫିଙ୍ଗିଥିଲେ ଏବଂ ତାଙ୍କ ସାର୍ଟ ଚିରି ଦେଇଥିଲେ । ଅଭିଷେକଙ୍କୁ ହେଲମେଟ ପିନ୍ଧାଇ ସେଠାରୁ ସୁରକ୍ଷିତ ବାହାର କରାଯାଇଥିଲା । ଅଭିଷେକ ମଧ୍ୟ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ, ତାଙ୍କ ସହ ଯାହା କିଛି ସବୁ ଆଜି ଘଟିଛି ସେସବୁ ପୂର୍ବ ପ୍ରସ୍ତୁତ ଯୋଜନା (ପ୍ଲାନ) ଥିଲା । ଅଞ୍ଚଳରେ କୌଣସି ପୋଲିସ ନାହିଁ । ତାଙ୍କୁ ମାରିଦେବାକୁ ଯୋଜନା କରାଯାଇଥିଲା । ହେଲମେଟ ଯୋଗୁଁ ଆଜି ସେ ସେଠାରୁ ବର୍ତ୍ତିକରି ଆସିପାରିଛନ୍ତି । ତେବେ ଏଭଳି ଆକ୍ରମଣକୁ ଟିଏମ୍‌ସି କର୍ମୀ କଦାପି ଡରିବେ ନାହିଁ । ଆଜିର ପୂରା ଘଟଣା କ୍ୟାମେରାରେ କଏଦ ହୋଇଛି । ଏହି ଘଟଣାକୁ ନେଇ ସେ ଏବେ ହାଇକୋର୍ଟ ଯିବେ, ରାଜ୍ୟପାଳଙ୍କୁ ମଧ୍ୟ ଏବାବଦରେ ଜଣାଇବେ । ଯେପର୍ଯ୍ୟନ୍ତ ସ୍ଥାନୀୟ ପୋଲିସ ନିଜର ଫୋର୍ସ ପଠାଇ ପୀଡିତ ପରିବାରଗୁଡ଼ିକୁ ସୁରକ୍ଷା ଦେଇନାହିଁ, ସେପର୍ଯ୍ୟନ୍ତ ସେ ଏହି ଅଞ୍ଚଳ ଛାଡି ଅନ୍ୟ କେଉଁଆଡେ ଯିବେ ନାହିଁ ।

ଦକ୍ଷିଣ ୨୪ ପ୍ରଗଣା ଜିଲ୍ଲା ଅଧୀନରେ ଆସୁଥିବା ସୋନାରପୁର ଅଞ୍ଚଳ ଅତ୍ୟନ୍ତ ସମ୍ବେଦନଶୀଳ ଅଞ୍ଚଳ ଭାବେ ବିବେଚନା କରାଯାଏ । ଏଠାରେ ଟିଏମ୍‌ସି ଏବଂ ବିଜେପି ମଧ୍ୟରେ କଡା ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳେ । ନିର୍ବାଚନ ପୂର୍ବରୁ, ନିର୍ବାଚନ ସମୟରେ ତଥା ନିର୍ବାଚନ ପରେ ଏହି ଅଞ୍ଚଳରେ ରାଜନୈତିକ ହିଂସାକାଣ୍ଡ ଆଦି ଘଟିବା ଏକ ସ୍ୱାଭାବିକ ପ୍ରକ୍ରିୟା ହୋଇଯାଇଛି ବୋଲି କହିଲେ ଅତ୍ୟୁକ୍ତି ହେବନି । ୨୦୨୬ ବିଧାନସଭା ନିର୍ବାଚନ ଶେଷ ହେବା ମାତ୍ରେ ସୋନାରପୁରର କାମରାବାଦ୍ ନସ୍କରପାଡା ଅଞ୍ଚଳରେ ବିଜେପି କର୍ମୀ ସୌମେନ୍ ଦାସଙ୍କ ଘରେ ନିଆଁ ଲଗାଇ ଦିଆଯାଇଥିଲା । ସୌମେନ୍ ଏହି ଅଗ୍ନିକାଣ୍ଡ ଘଟଣା ପାଇଁ ଟିଏମ୍‌ସି କର୍ମୀଙ୍କୁ ଦାୟୀ କରିଥିଲେ । ସେ କହିଥିଲେ ଯେ ପ୍ରଥମେ ତାଙ୍କୁ ଏବଂ ତାଙ୍କ ପରିବାରକୁ ଧମକ ତଥା ଚେତାବନୀ ଦିଆଯାଇଥିଲା ଏବଂ ପରେ ତାଙ୍କ ଘରେ ନିଆଁ ଲଗାଇଦିଆଯାଇଥିଲା । ପ୍ରକାଶ, ସୋନାରପୁର ଦକ୍ଷିଣରୁ ବିଜେପିର ରୁପା ଗାଙ୍ଗୁଲି ସମ୍ପ୍ରତି ବିଧାୟିକା ଅଛନ୍ତି । ସେ ୨୦୨୬ ବିଧାନସଭା ନିର୍ବାଚନରେ ଟିଏମ୍‌ସି ପ୍ରାର୍ଥୀ ଅରୁନ୍ଧତୀ ମୈତ୍ରା (ଲଭ୍‌ଲୀ ମୈତ୍ରା)ଙ୍କୁ ପରାସ୍ତ କରିଥିଲେ ।

# ରାଜସ୍ଥାନରେ ଭୟଙ୍କର ବାଲି ଝଡ଼

**ୟୁପି ଓ ବିହାରରେ ୪୮ ଘଣ୍ଟାରେ ୪୮ ଜୀବନ ନେଲା କାଳବୈଶାଖୀ**

**ଜୟପୁର, ଲକ୍ଷ୍ନୌ, ୩୦।୫/ଏଜେନ୍ସି:** ଅସହ୍ୟ ଗ୍ରୀଷ୍ମ ପ୍ରବାହ ଓ ପ୍ରଚଣ୍ଡ ରୌଦ୍ରତାପ ମଧ୍ୟରେ ଭାରତର ଅନେକ ରାଜ୍ୟରେ ପ୍ରକୃତିର କରାଳ ରୂପ ଦେଖିବାକୁ ମିଳିଛି । ଗୋଟିଏ ପଟେ ଗତ ଦୁଇ ଦିନ ମଧ୍ୟରେ ଉତ୍ତରପ୍ରଦେଶ ଏବଂ ବିହାରରେ କାଳବୈଶାଖୀ ଝଡ଼-ବର୍ଷା ଯୋଗୁ ୪୮ଜଣଙ୍କର ମୃତ୍ୟୁ ହୋଇଥିବା ଭଳି ସମ୍ବାଦ ସାମ୍ନାକୁ ଆସୁଥିବା ବେଳେ ଅନ୍ୟପକ୍ଷେ ଆଜି ଦିନରେ ରାଜସ୍ଥାନର ପ୍ରାୟ ୫ ଜିଲ୍ଲାରେ ଭୟଙ୍କର ବାଲି ଝଡ଼ (ରେତିଲା ବବଣ୍ଡର) ସଂଘଠିତ ହୋଇଥିବା ସୂଚନା ମିଳିଛି । ଏହି ଝଡ଼ ଯୋଗୁଁ ପ୍ରାୟ ୨୦୦ ବର୍ଗ କିଲୋମିଟର ଅଞ୍ଚଳ ପ୍ରଭାବିତ ହୋଇଛି । ହନୁମାନଗଡ଼ ଏବଂ ଶ୍ରୀଗଙ୍ଗାନଗରରୁ ଏହି ଝଡ଼ର ଆରମ୍ଭ ହୋଇଥିଲା । ଝଡ଼ ସମୟରେ ପବନର ବେଗ ଘଣ୍ଟାପ୍ରତି ୬୦ ରୁ ୮୦ କିଲୋମିଟର ରହିଥିଲା । ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ସେମାନେ ନିଜ ଜୀବନରେ କେବେ ଏଭଳି ଭୟଙ୍କର ଦୃଶ୍ୟ ଦେଖିନଥିଲେ । ପବନରେ ଧୂଳିର ଗୁବାର ପ୍ରାୟ ୮୦ ରୁ ୧୦୦ ଫୁଟ୍ ଉଚ୍ଚ ପର୍ଯ୍ୟନ୍ତ ଉଠୁଥିବା ଦେଖାଯାଇଥିଲା ।

# ଇରାନ୍‌କୁ ୨୯ ଲକ୍ଷ କୋଟି କ୍ଷତିପୂରଣ ଦେବ ଆମେରିକା

**ତେହରାନ୍, ୱାଶିଂଟନ୍, ୩୦।୫/ଏଜେନ୍ସି:** ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ପ୍ରସ୍ତାବିତ ୬୦ ଦିନିଆ ଯୁଦ୍ଧବିରତି ଚୁକ୍ତିକୁ ନେଇ ଏକ ବଡ଼ ରିପୋର୍ଟ ସାମ୍ନାକୁ ଆସିଛି । ଏହି ଚୁକ୍ତିରେ ଇରାନକୁ ଏକ ବଡ଼ ଧରଣର ଆର୍ଥିକ ସହାୟତା ମିଳିବା ନେଇ ଆଲୋଚନା ହେଉଛି, ଯାହାକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଇରାନ୍ ରାଷ୍ଟ୍ରପତି ପେଜେସ୍କିଆନ୍‌ଙ୍କ ମଧ୍ୟରେ ମତଭେଦ ଦେଖାଦେଇଛି । ପ୍ରକାଶ, ନ୍ୟୁୟର୍କ ଟାଇମ୍ସ'ର ଏକ ରିପୋର୍ଟ ଅନୁଯାୟୀ, ଯଦି ଇରାନ-ଆମେରିକା ମଧ୍ୟରେ ଏହି ଚୁକ୍ତି ସ୍ୱାକ୍ଷରିତ ହୁଏ, ତେବେ ଇରାନକୁ ପୁନଃନିର୍ମାଣ କରିବା ଉଦ୍ଦେଶ୍ୟରେ ୩୦୦ ଆରବ ଡଲାର (ପ୍ରାୟ ୨୮.୫୩ ଲକ୍ଷ କୋଟି ଟଙ୍କା)ର ଏକ ବିଶାଳ ରିକନ୍‌ଷ୍ଟ୍ରକସନ ଫଣ୍ଡ୍ (ପୁନଃନିର୍ମାଣ ପାଣ୍ଠି) ମିଳିପାରେ । ଏତଦ୍‌ବ୍ୟତୀତ ଆମେରିକାର ବଡ଼ ବଡ଼ କମ୍ପାନୀଗୁଡ଼ିକୁ ମଧ୍ୟ ଇରାନରେ ବ୍ୟାପକ ପୁଞ୍ଜିନିବେଶ କରିବା ପାଇଁ ଅନୁମତି ମିଳିବ । ତେବେ ଆମେରିକା ଏସବୁ ସେତେବେଳେ କରିବ ଯେତେବେଳେ ଇରାନ୍, ଆମେରିକା ପକ୍ଷରୁ ଦିଆଯାଇଥିବା ସମସ୍ତ ପ୍ରସ୍ତାବଗୁଡ଼ିକୁ ସ୍ୱୀକାର ପୂର୍ବକ ଚୁକ୍ତି ସ୍ୱାକ୍ଷର କରିବ । ଯେହେତୁ ଏହି ପ୍ରସ୍ତାବରେ ସମୃଦ୍ଧ ୟୁରାନିୟମଗୁଡ଼ିକୁ ହସ୍ତାନ୍ତର ଏବଂ ଆଣବିକ କାର୍ଯ୍ୟକ୍ରମ ବନ୍ଦ କରିବା ଭଳି ପ୍ରସ୍ତାବନା ରହିଛି ଇରାନ୍ ଏହାକୁ ଅଗ୍ରାହ୍ୟ କରୁଛି । ଟ୍ରମ୍ପ୍ ଦାବି କରିଛନ୍ତି ଯେ ଉଭୟ ଦେଶ ପରମାଣୁ କାର୍ଯ୍ୟକ୍ରମକୁ ନେଇ ଏକ ଚୁକ୍ତିର ଅତି ନିକଟତର ଅଛନ୍ତି । ଟ୍ରମ୍ପଙ୍କ ଅନୁଯାୟୀ, ଇରାନ କୌଣସି ପରମାଣୁ ଅସ୍ତ୍ର ତିଆରି କରିବ ନାହିଁ ଏବଂ ତା' ପାଖରେ ଥିବା ସମୃଦ୍ଧ ୟୁରାନିୟମକୁ ସମ୍ପୂର୍ଣ୍ଣ ଭାବେ ନଷ୍ଟ କରିଦିଆଯିବ । କିନ୍ତୁ ଇରାନ୍, ଟ୍ରମ୍ପ୍‌ଙ୍କ ଏପ୍ରକାର ଦାବିକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିସାରିଛି ।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra